

**ସବୁ ପଦବୀ ଛାଡ଼ିଲେ ଚନ୍ଦ୍ରିମା** ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 104 ଭାଗ ୩୪ | ସଂଖ୍ୟା ୧୦୪ | Sunday 5 July 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୫ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ୨୦ରୁ ସଂସଦର ମୌସୁମୀ ଅଧିବେଶନ

- କେନ୍ଦ୍ର ସରକାରଙ୍କ ସୁପାରିସ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ
- ଅଗଷ୍ଟ ୧୩ ଯାଏ ଚାଲିବ



**ନୂଆଦିଲ୍ଲୀ,୪।୭:** ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୦ ତାରିଖରେ ଆରମ୍ଭ ହେବ। ଏହା ଅଗଷ୍ଟ ୧୩ ତାରିଖ ଯାଏ ଜାରି ରହିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁଲାଇ ୨୦ରୁ ଅଗଷ୍ଟ ୧୩ ତାରିଖ ଯାଏ ସଂସଦର ଉଭୟ ଗୃହକୁ ଡକାଯିବା ଲାଗି ଉଦ୍ଦିଷ୍ଟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜ୍‌ଜୁ ଶନିବାର କହିଛନ୍ତି। ୨୦୨୬ ମୌସୁମୀ ଅଧିବେଶନ ନିମନ୍ତେ ଉଭୟ ଗୃହକୁ ଡାକିବା ପାଇଁ କେନ୍ଦ୍ର ସରକାର କରିଥିବା ସୁପାରିସ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି ବୋଲି ରିଜ୍‌ଜୁ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଜୁଲାଇ ୨୦ ତାରିଖରେ ଉଭୟ ଗୃହର ଅଧିବେଶନ ଆରମ୍ଭ ହେବ ଓ ଏହା ଅଗଷ୍ଟ ୧୩ ତାରିଖଯାଏ ଚାଲିବ। ଏହି ସମୟଖଣ୍ଡ ମଧ୍ୟରେ ରାଷ୍ଟ୍ରୀୟ ହିତ ନିମନ୍ତେ ଗୁରୁତ୍ୱ ରଖୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଅର୍ଥପୂର୍ଣ୍ଣ ବିତର୍କ ହେବ, ବିମର୍ଶ କରାଯିବ ଓ ନିଷ୍ପତ୍ତି ନିଆଯିବ ବୋଲି ରିଜଜୁ ତାଙ୍କ 'ଏକ୍ସ' ପୋଷ୍ଟରେ ସୂଚନା ଦେଇଛନ୍ତି।

ସଂସଦର ମୌସୁମୀ ଅଧିବେଶନ ୨୫ ଦିନ ଯାଏ ଚାଲିବ। ଏହି ୨୫ ଦିନ ମଧ୍ୟରେ ୧୯ଟି ବୈଠକ ବସିବାର କାର୍ଯ୍ୟସୂଚୀ ରହିଛି। ଏହି ଅଧିବେଶନରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ପାଇଁ ସରକାର ଆଉ ଏକ ପ୍ରୟାସ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଏଥିପାଇଁ ସରକାରଙ୍କୁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ➪ପୃଷ୍ଠା-୬

### ଶକ୍ତି କ୍ଷେତ୍ରରେ ଦେଶର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ

## ଶତାବ୍ଦୀର ସବୁଠୁ ବଡ଼ ସଙ୍କଟର ସଫଳ ମୁକାବିଲା



**ଭାରତ ବିଶ୍ୱର ଚତୁର୍ଥ ବୃହତ୍ ତୈଳ ବିଶୋଧନ କ୍ଷମତାଧାରୀ ରାଷ୍ଟ୍ର**

**ନୂଆଦିଲ୍ଲୀ,୪।୭:** ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରେ ବାରମ୍ବାର ସୃଷ୍ଟି ହେଉଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଭାରତ ନିଜକୁ ନିରନ୍ତର ତୈଳ-ଆତ୍ମନିର୍ଭରଶୀଳ କରିବା ଜାରି ରଖିଛି। ବିଶେଷକରି, ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପରିପ୍ରେକ୍ଷୀରେ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଶକ୍ତି ସଙ୍କଟର ଉପଯୁକ୍ତ ମୁକାବିଲା କରିବାରେ ଭାରତ ସଫଳ ହୋଇଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପ୍ରକ୍ରିୟାକରଣ ୟୁନିଟ୍ ବନ୍ଦ କରିଦେଲେ ମଧ ଦେଶରେ ତୈଳ ଯୋଗାଣ ଶୃଙ୍ଖଳା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭାରତ ନୂତନ ଅଶୋଧିତ ତୈଳ ବିଶୋଧନାଗାର ନିର୍ମାଣ ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶକୁ ସମ୍ବୋଧିତ କରି କହିଛନ୍ତି ଯେ ବିଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଆମେରିକାରେ କୌଣସି ନୂଆ ଦିନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗୋଟିଏ ଦଶନ୍ଧି ମଧରେ ଦେଶର ପ୍ରଥମ ନୂତନ ତୈଳ ବିଶୋଧନାଗାର (ରିଫାଇନାରି)କୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ତୈଳ ବିଶୋଧନାଗାର ସୃଷ୍ଟି ହୋଇନାହିଁ। ୟୁରୋପର ତୈଳ ବିଶୋଧନ କ୍ଷମତା ନିରବଚ୍ଛିନ୍ନ ଭାବରେ ହ୍ରାସ ପାଇବାରେ ଲାଗିଛି। ମାତ୍ର ଭାରତ ତା'ର ତୈଳ ବିଶୋଧନ ସାମର୍ଥ୍ୟକୁ ସମ୍ପ୍ରସାରିତ କରିବା ଜାରି ରଖିବ।

ଦେଶର ଶକ୍ତି ଓ ପେଟ୍ରୋକେମିକାଲ କ୍ଷେତ୍ରରେ ଏକ ଇତିହାସିକ ସଫଳତାର ମାନଦଣ୍ଡ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ରାଜସ୍ଥାନର ବାଲୋତ୍ରା ଜିଲ୍ଲାର ପାଚପଦ୍ରାଠାରେ ଦେଶର ପ୍ରଥମ ଗ୍ରୀନଫିଲ୍ଡ ସମନ୍ୱିତ ରିଫାଇନାରୀ ତଥା ପେଟ୍ରୋକେମିକାଲ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି। ଏହା ଫଳରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ତୈଳ ବିଶୋଧନ କ୍ଷମତାଧାରୀ ରାଷ୍ଟ୍ର କ୍ଲବରେ ସ୍ଥାନ ପାଇଛି। ରାଜସ୍ଥାନ ସରକାର ଓ ହିନ୍ଦୁସ୍ତାନ ପେଟ୍ରୋଲିଅମ୍ କର୍ପୋରେସନ୍ ଲିମିଟେଡ(ଏଚପିସିଏଲ)ର ମିଳିତ ଉଦ୍ୟମରେ ଏହାକୁ ବିକଶିତ ➪ପୃଷ୍ଠା-୬





ବାମପନ୍ଥୀ ଉଗ୍ରବାଦ ଦମନ କ୍ଷେତ୍ରରେ ଓଡ଼ିଶା ପୁଲିସର ସଫଳତା ପାଇଁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ପ୍ରଶଂସାପତ୍ରକୁ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦର୍ଶନ କରୁଛନ୍ତି।

## ପୃଥକ୍ ଦୁର୍ଘଟଣାରେ ୫ ମୃତ



- ଅଟୋକୁ ଧକ୍କା ଦେଲା ଟ୍ରକ୍
- ମୋଟର ସାଇକେଲ୍‌କୁ ପିଟିଲା ଅଜଣା ଗାଡ଼ି

**ବାଲିଗୁଡ଼ା,ମୟୂରଭଞ୍ଜ,୪।୭(ସଂଚାର ବ୍ୟୁରୋ):** ପୃଥକ୍ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ସଡ଼କ ଦୁର୍ଘଟଣା କନ୍ଧମାଳର ବାଲିଗୁଡ଼ା ଅଞ୍ଚଳରେ ଘଟିଥିବା ବେଳେ ଅନ୍ୟଟି ମୟୂରଭଞ୍ଜର କାଳିକାପୁରଠାରେ ଘଟିଛି।

ମିଳିଥିବା ସୂଚନାନୁସାରେ, କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଅଞ୍ଚଳରେ ଏକ ଅଜଣା ଗାଡ଼ି ମୋଟର ସାଇକେଲ୍‌କୁ ଧକ୍କା ଦେବା ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ବାଲିଗୁଡ଼ା ଥାନା ଅଧୀନସ୍ଥ ମହାସିଙ୍ଗି ବ୍ରିଜ ଉପରେ ଏହି ଦୁର୍ଘଟଣାଟି ଘଟିଛି। ଏହି ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ବାଲିଗୁଡ଼ା ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲା। ତେବେ ତିନି ଜଣଙ୍କ ପରିଚୟ ମିଳିପାରିନଥିଲେ ହେଁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଯୁବକଙ୍କ ନିକଟରୁ ଏକ ଆଧାର କାର୍ଡ ମିଳିଛି। ଉକ୍ତ ଆଧାର କାର୍ଡ ଅନୁସାରେ, ମୃତକଙ୍କ ନାମ ଶୁଭମ୍ ରାଜ ଜେନା ଓ ସେ ତୋଟାସାହି ନବରଙ୍ଗପୁର ନିବାସୀ ପ୍ରତାପ ଜେନାଙ୍କ ପୁଅ ବୋଲି ଜଣାପଡ଼ିଛି। ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳିପାରିନାହିଁ। ସେମାନେ ସ୍ଥାନୀୟ ବାସିନ୍ଦା ହୋଇନଥିବା ➪ପୃଷ୍ଠା-୬

## ଡାକ୍ତରଙ୍କ ଆନ୍ଦୋଳନ ସ୍ଥଗିତ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଓମ୍‌ସାର ଆଲୋଚନା ପରେ ନିଷ୍ପତ୍ତି




**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଡାକ୍ତରଙ୍କ ଆନ୍ଦୋଳନ ଆଜି ସ୍ଥଗିତ ରହିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଓଡ଼ିଶା ମେଡିକାଲ୍ ସର୍ଭିସ୍ ଆସୋସିଏସନ୍ (ଓମ୍‌ସା)ର ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖିଛି ସଂଘ। ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ। ଡାକ୍ତରମାନେ ଆଜିଠୁ କାର୍ଯ୍ୟରେ ଯୋଗଦେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଓମ୍‌ସାର ବିଭିନ୍ନ ଦାବିର ସମାଧାନ ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରିବା ସକାଶେ ନିଷ୍ପତ୍ତି ହୋଇଛି। ଉକ୍ତ କମିଟିରେ ସ୍ୱାସ୍ଥ୍ୟ ସଚିବ, ସାଧାରଣ ପ୍ରଶାସନ ବିଭାଗ ସଚିବ, ଅର୍ଥ ସଚିବ, ଆଇନ ସଚିବ ସଦସ୍ୟ ରହିଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ। ତେବେ ଆଜିର ଆଲୋଚନା ସଫଳ ହୋଇଥିବା ନେଇ ଓମସା ପକ୍ଷରୁ ସୂଚନା ଦିଆଯାଇଛି। ଗତ ୪ ଦିନ ହେବ ଚାଲିଥିଲା ଡାକ୍ତରଙ୍କ ଆନ୍ଦୋଳନ। ଆନ୍ଦୋଳନରତ ଡାକ୍ତରମାନଙ୍କୁ ୧୨ ଘଣ୍ଟା ଭିତରେ ନିଜ ନିଜ କାର୍ଯ୍ୟସ୍ଥଳରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର। ଓମ୍‌ସାର ବିଭିନ୍ନ ଦାବି ଓ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି ବୋଲି ➪ପୃଷ୍ଠା-୬

## ବଢୁଛି ଜଳସ୍ତର, ପ୍ରବଳରୁ ଅତିପ୍ରବଳ ବର୍ଷା ଚେତାବନୀ

- ୫ ଜିଲ୍ଲାକୁ ରେଡ୍ ଆଲର୍ଟ
- ସଜାଗ ଅଛନ୍ତି ସରକାର



**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ବଙ୍ଗୋପ ସାଗରରେ କ୍ରମଶଃ ଲଘୁଚାପ ଘନୀଭୂତ ହେଉଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆଜି ପାଣିପାଗ ବିଭାଗ ପକ୍ଷରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି। ଏହି କାରଣରୁ ୫ଟି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଅଧିକ ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପ ବଳୟରେ ପରିଣତ ହୋଇଛି। ପାଣିପାଗ ବିଭାଗ ପକ୍ଷରୁ କଳାହାଣ୍ଡି, ବୌଦ୍ଧ, ଅନୁଗୋଳ, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ଉପକୂଳବର୍ତ୍ତୀ ଜିଲ୍ଲା ଓ ଖୋର୍ଦ୍ଧା ସମେତ ମୋଟ ୮ଟି ଜିଲ୍ଲା ପାଇଁ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି ହୋଇଛି। ପ୍ରବଳ ବର୍ଷା ଯୋଗୁଁ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ସକାଶେ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି କହିବା ସହ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ (ଏସ୍‌ଇଓସି) ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ସହ ସମନ୍ୱୟ ରକ୍ଷା କରି ୨୪ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ଅର୍ଥାତ୍ ଆଜି ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ➪ପୃଷ୍ଠା-୬

## ପଦ୍ମବିଜେତାଙ୍କୁ ରଥଯାତ୍ରା ଦେଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ରାଜ୍ୟର ପଦ୍ମ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଚଳିତବର୍ଷ ରଥଯାତ୍ରାକୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ନିମନ୍ତ୍ରଣପତ୍ରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଦେଶ ଓ ସମାଜ ପ୍ରତି ଆପଣଙ୍କର ଅମୂଲ୍ୟ ଅବଦାନ ପାଇଁ ଓଡ଼ିଶା ଗର୍ବିତ। କର୍ମକ୍ଷେତ୍ରରେ ଆପଣଙ୍କର ଦକ୍ଷତା, ନିଷ୍ଠା ଓ ଆଦର୍ଶ ସେବା ଯୋଗୁଁ ଦେଶ ଆପଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛି। ଆପଣଙ୍କର ଏହି ସଫଳତା ଆମ ସମାଜ ଓ ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳିତ ବର୍ଷର ରଥଯାତ୍ରାରେ ଯୋଗଦେବା ପାଇଁ ମୁଁ ଆପଣଙ୍କୁ ସସମ୍ମାନେ ଆମନ୍ତ୍ରଣ କରୁଛି। ଏହି ପବିତ୍ର ଅବସରରେ ଆପଣଙ୍କ ଭଳି ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଆମ ସମସ୍ତଙ୍କ ପାଇଁ ଆନନ୍ଦ ଓ ଗୌରବର ବିଷୟ ହେବ। ମୁଖ୍ୟମନ୍ତ୍ରୀଙ୍କର ଏଭଳି ବ୍ୟକ୍ତିଗତ ନିମନ୍ତ୍ରଣ ପାଇ ୫୦ରୁ ଉର୍ଦ୍ଧ୍ୱ ପଦ୍ମ ପୁରସ୍କାର ବିଜେତା ଚଳିତବର୍ଷର ରଥଯାତ୍ରାରେ ନିଶ୍ଚିତ ସାମିଲ ହେବା ଆଶା କରାଯାଉଛି।

## ମୋଦିଙ୍କୁ ହତ୍ୟା ଧମକ




- ଧମକକୁ ନେଇ ଅଷ୍ଟ୍ରେଲିଆ ତତ୍ପର
- ଦୁର୍ବୃତ୍ତଙ୍କ ଆଇପି ଆଡ୍ରେସ୍ ଟ୍ରାକ୍

**ନୂଆଦିଲ୍ଲୀ,୪।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତ୍ରିରାଷ୍ଟ୍ରୀୟ ବୈଦେଶିକ ଗସ୍ତର ଦ୍ୱିତୀୟ ଚରଣ ଅଷ୍ଟ୍ରେଲିଆ ଥିବା ବେଳେ ଅଷ୍ଟ୍ରେଲିଆର ସମୃଦ୍ଧ ସହରରୁ ମେଲବର୍ଣ୍ଣରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଛି। ଆସନ୍ତା ୯ ତାରିଖରେ ମେଲବର୍ଣ୍ଣରେ ଆୟୋଜିତ ହେବାକୁ ଥିବା ଏକ ଭବ୍ୟ ଉତ୍ସବ ପୂର୍ବରୁ ତାଙ୍କୁ ସୋସିଆଲ ମିଡିଆରେ ଏଭଳି ହତ୍ୟା ଧମକ ଦିଆଯାଇଥିବା ଅଷ୍ଟ୍ରେଲିଆର ଗଣମାଧ୍ୟମଗୁଡ଼ିକ ରିପୋର୍ଟ କରିଛନ୍ତି।

ରିପୋର୍ଟ ଅନୁସାରେ, ମେଲବର୍ଣ୍ଣର ମାର୍ଭେଲ୍ ଷ୍ଟାଡିୟମରେ ଜୁଲାଇ ୯ରେ 'ମେଲବର୍ଣ୍ଣ ମିଟ୍ସ ମୋଦି' ଶୀର୍ଷକ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସମ୍ପର୍କିତ ଏକ ଫେସବୁକ୍ ପୋଷ୍ଟ ତଳେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରାଯିବା ନେଇ ଏକ ଧମକପୂର୍ଣ୍ଣ ମେସେଜ୍ ପୋଷ୍ଟ ➪ପୃଷ୍ଠା-୬

## ମାଓ ଡମ୍ପ୍ ଠାବ, ଅସ୍ତ୍ରଶସ୍ତ୍ର ଜବତ



**ରାୟଗଡ଼ା,୪।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାରେ ପୁଲିସ୍ ଆଜି ଏକ ପ୍ରମୁଖ ମାଓ ଡମ୍ପ୍ ଠାବ କରିଥିବା ବେଳେ ସେଠାରୁ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହି ମାଓ ଡମ୍ପଟି ପ୍ରତିବନ୍ଧିତ ସିପିଆଇ(ମାଓବାଦୀ) ସଂଗଠନର ବୋଲି ପୁଲିସ୍ ଅନୁମାନ କରୁଛି। ଆଜି ଅମ୍ବାଦଳା ଥାନା ଅଞ୍ଚଳର ରଘୁବାରୀ ସଂରକ୍ଷିତ ଜଙ୍ଗଲରେ ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ (ଡିଭିଏଫ୍) ଓ ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ (ଏସ୍‌ଓଜି) ପକ୍ଷରୁ ମିଳିତ ଭାବେ କମ୍ବିଂ ଅପରେସନ୍ ଚାଲିଥିବା ସମୟରେ ଏହି ଡମ୍ପକୁ ଠାବ କରାଯାଇଛି। ତଲାସୀ ଅଭିଯାନ ସମୟରେ ଜଙ୍ଗଲ ମଧ୍ୟରେ ଉକ୍ତ ଡମ୍ପ୍‌ଟି ରହିଥିବା ସୁରକ୍ଷାକର୍ମୀମାନେ ଦେଖିବାକୁ ପାଇଥିଲେ। ତେବେ ସେଠାରେ ଆଇଇଡି ➪ପୃଷ୍ଠା-୬

## ଖୁବ୍‌ଶୀଘ୍ର ଗ୍ୟାଙ୍ଗଷ୍ଟର ଗୋଲ୍ଡି ଧିଲୋଁ ପ୍ରତ୍ୟର୍ପଣ

**ଚଣ୍ଡୀଗଡ଼,୪।୭:** ପଞ୍ଜାବ ପୁଲିସର ଗ୍ୟାଙ୍ଗଷ୍ଟର ନିରୋଧୀ ଟାସ୍କଫୋର୍ସର ସୂଚନା ଆଧାରରେ ସ୍ପେନର ମାଡ୍ରିଡଠାରେ ସୁରକ୍ଷା ଏଜେନ୍ସି ବିଦେଶରେ ଥିବା ଭାରତୀୟ ଗ୍ୟାଙ୍ଗଷ୍ଟର ଗୁରପ୍ରୀତ ସିଂହ ଓରଫ ଗୋଲ୍ଡି ଧିଲୋନ୍‌କୁ ଅଟକ ରଖିଛି। ଚଣ୍ଡିଗଡ଼ ସେକ୍ଟର ୧୧ରେ ଏକ ଫାର୍ମାସୀର କ୍ୟାସିୟରଙ୍କୁ ଦିନ ଦ୍ୱିପହରରେ ହତ୍ୟା କରାଯିବା ନେଇ ତାଙ୍କ ନାଁରେ ଅଭିଯୋଗ ହୋଇଥିଲା। ଆମ୍ ଆଦମୀ ପାର୍ଟି (ଆପ୍) ବିଧାୟକ ନୀନା ମିତ୍ତଲଙ୍କୁ ଧମକ ଓ କାନାଡାରେ ଅନେକ ଗୁଳିକାଣ୍ଡ ଘଟଣାରେ ସେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ପଞ୍ଜାବ ପୁଲିସ, କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଓ ଚଣ୍ଡୀଗଡ଼ ପୁଲିସ ଦ୍ୱାରା ସମନ୍ୱିତ ଏକ ଅନ୍ତର୍ଜାତୀୟ ଅଭିଯାନ ପରେ ସ୍ପେନ କର୍ତ୍ତୃପକ୍ଷ ଧିଲୋଁଙ୍କୁ ଗିରଫ କରି ହେପାଜତକୁ ନେଇଥିଲେ। ଧିଲୋଁଙ୍କୁ ଅଟକ ରଖାଯିବା ପୂର୍ବରୁ ବିଦେଶରେ ତାଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ, ଭାରତୀୟ ଏଜେନ୍ସିଗୁଡ଼ିକ କୂଟନୈତିକ ଓ ଆଇନଗତ ଉପାୟରେ ଧିଲୋନର ନିର୍ବାସନ କିମ୍ବା ପ୍ରତ୍ୟର୍ପଣ ପାଇଁ ପ୍ରୟାସ କରୁଥିବାବେଳେ ସ୍ପେନ କର୍ତ୍ତୃପକ୍ଷଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି।

## ଖାମେନୀ ଅନ୍ତ୍ୟେଷ୍ଟିରେ ଯୋଗଦେବେ ୨୦ ମିଲିଅନ୍

**ତେହରାନ,୪।୭:** ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନୀଙ୍କ ସପ୍ତାହବ୍ୟାପୀ ଅନ୍ତ୍ୟେଷ୍ଟିର ପ୍ରଥମ ଦିନରେ ବିଶାଳ ଜନ ସମାବେଶ ଦେଖିବାକୁ ମିଳିଛି। କଳା ପୋଷାକ ପିନ୍ଧି ଲୋକମାନେ ତେହରାନର ମୁଖ୍ୟ ମସଜିଦ ସାମ୍ନାରେ ସେମାନଙ୍କର ପ୍ରିୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆୟାତୋଲା ଖାମେନୀଙ୍କ ପାର୍ଥିବ ଶରୀରକୁ ଏବେ ଗ୍ରାଣ୍ଡ ମୋସାଲାରେ ରଖାଯାଇଛି। ଆସନ୍ତା ଗୁରୁବାର ତାଙ୍କୁ କବର ଦିଆଯିବ। ଆଗାମୀ ଦିନରେ ୧୫ରୁ ୨୦ ମିଲିଅନ୍ ଲୋକଙ୍କ ସମାବେଶ ଘଟିବ ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ ଆକଳନ କରିଛନ୍ତି।



### କାନ ଡେରିଥା

ଡ୍ରେନରେ ପଡ଼ି ଭାସିବାକୁ ଥିଲେ
ଭୁବନେଶ୍ୱରକୁ ଚାଲ
ବିଏମ୍‌ସି ଏଇଠି ଠିକା
ନେଇଅଛି
ମରିବାକୁ କିଆଁ ଡର
ଜୀବନ ଏଠି ବେକାର...
କୋଟିକୋଟି ଅର୍ଥ ଖାଇ
ଖୁଆଉଛ
ତଥାପି ଲୋକଙ୍କୁ ମାର ।

■ ଦେବାଶିଷ

## ରହସ୍ୟରେ ରହିଗଲା ପ୍ରଦୀପଙ୍କ ଇସ୍ତଫା



- ମୁହଁ ଖୋଲିଲେନି ଶାସକ କି ବିରୋଧୀ
- ନୂଆ ଅଧ୍ୟକ୍ଷ ନିଯୁକ୍ତି କେବେ?

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ପଦବୀରୁ ହଠାତ୍ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଇସ୍ତଫା ରହସ୍ୟ ହୋଇ ରହିଗଲା। ଶ୍ରୀ ଜେନାଙ୍କ ଭଳି ଜଣେ ଦକ୍ଷ ଅଧିକାରୀ କ'ଣ ପାଇଁ ଅଧ୍ୟକ୍ଷ ପଦବୀ ଛାଡ଼ିଲେ ତାହା ରାଜ୍ୟବାସୀ ଜାଣିପାରିଲେ ନାହିଁ କି ସେମାନଙ୍କୁ ଜଣାଇବା ପାଇଁ ଶାସକ କିମ୍ବା ବିରୋଧୀ ଦଳ ଉଚିତ୍ ମଣିଲେ ନାହିଁ। କିଛି ଦିନର ଚର୍ଚ୍ଚା ଭିତରେ ରାଜ୍ୟ ପ୍ରଶାସନର ଏତେ ବଡ଼ ଗୁମର ଏକପ୍ରକାର ଚାପି ହୋଇଗଲା।

ଗତବର୍ଷ ମାର୍ଚ୍ଚରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେଇଥିବା ଶ୍ରୀ ଜେନାଙ୍କୁ ଓଇଆରସିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲେ। ଜଣେ ଦକ୍ଷ ଅଫିସର ଭାବେ ଶ୍ରୀ ଜେନାଙ୍କର ବେଶ୍ ଖ୍ୟାତି ଥିବାରୁ ତାଙ୍କ କାର୍ଯ୍ୟକାଳରେ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତା ସବୁ କ୍ଷେତ୍ରରେ ନ୍ୟାୟ ପାଇବେ ବୋଲି ଆଶା କରିଥିଲେ। ଶ୍ରୀ ଜେନା ମଧ୍ୟ ସେ ଦିଗରେ ନିଜର କାର୍ଯ୍ୟ ଜାରି ରଖିଥିଲେ। ବିଦ୍ୟୁତ୍ ଦରବୃଦ୍ଧିକୁ ଆରମ୍ଭରୁ ହିଁ ସେ ବିରୋଧ କରିଥିଲେ। ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବା ବେଳେ ଓଇଆରସି ଅଧ୍ୟକ୍ଷ ଭାବେ ସେ ଲୋକଙ୍କ ଉପରେ ବିଦ୍ୟୁତ୍ ବୋଝ ଲଦିବାକୁ ଚାହୁଁ ନ ଥିଲେ, ଯେଉଁଥିପାଇଁ ଦରବୃଦ୍ଧି ପାଇଁ ବସୁଥିବା ବୈଠକରେ ବିତରଣ କମ୍ପାନୀର ସବୁ ଯୁକ୍ତି କାଟ୍ ଖାଇ ଯାଉଥିଲା। ଏହାଛଡ଼ା ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ମଧ୍ୟ ଶ୍ରୀ ଜେନା ଉଦ୍ୟମ ଆରମ୍ଭ କରିଦେଇଥିଲେ। ଅତୀତରେ ଶକ୍ତି ସଚିବ ଭାବେ କାର୍ଯ୍ୟ କରିଥିବାରୁ ରାଜ୍ୟର ଶକ୍ତି କ୍ଷେତ୍ର ଏକପ୍ରକାର ତାଙ୍କର ନଖ ଦର୍ପଣରେ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଶ୍ରୀ ଜେନାଙ୍କ ବିରୋଧରେ ସେଭଳି କୌଣସି ଅଭିଯୋଗ ନ ଥିବା ବେଳେ ଦାୟିତ୍ୱ ନେବାର ବର୍ଷକ ପରେ ହଠାତ୍ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଓଇଆରସସି ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଉଥିବା ଘୋଷଣା କଲେ। ଘୋଷଣା ସହ ନିଜର ଇସ୍ତଫାପତ୍ରଟି ନେଇ ଶକ୍ତି ବିଭାଗରେ ଦାଖଲ କରିଦେଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କର ଅନୁମୋଦନ ଆବଶ୍ୟକ ଥିବା ବେଳେ ସେଦିନ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ଥିଲେ। ଶକ୍ତି ବିଭାଗ ତତ୍କାଳ ଇସ୍ତଫାପତ୍ରଟିକୁ ନୂଆଦିଲ୍ଲୀ ପଠାଇଥିଲେ ଏବଂ ସେଠାରୁ ଏହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ।

ଯେଉଁଦିନ ଅପରାହ୍ଣରେ ଶ୍ରୀ ଜେନା ଇସ୍ତଫା ଦେଇଥିଲେ, ସେହିଦିନ କିନ୍ତୁ ପୂର୍ବାହ୍ଣରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆଉ ମାତ୍ର କେଇଘଣ୍ଟା ପରେ ଶ୍ରୀ ଜେନା ଓଇଆରସି ମୁଖିଆ ପଦବୀ ଛାଡ଼ିବାକୁ ଯାଉଛନ୍ତି ବୋଲି ବୈଠକରେ ଉପସ୍ଥିତ କେହି ହେଲେ ବିନ୍ଦୁବିସର୍ଗ ବି ପାଇ ନ ଥିଲେ। ତେବେ ପୂର୍ବାହ୍ଣରେ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ହଠାତ୍ କ'ଣ ହେଲା ଯେ ଶ୍ରୀ ଜେନା ଇସ୍ତଫା ଦେଇଦେଲେ ତାହା ଏବେସୁଦ୍ଧା ବି କେହି ଜାଣିପାରୁନାହାନ୍ତି। ଯେଉଁ ରାଜ୍ୟ ସରକାର ତାଙ୍କର ଦକ୍ଷତା ପରଖି ରାଜ୍ୟର ବିଦ୍ୟୁତ୍ ହିତାଧିକାରୀଙ୍କ ସ୍ୱାର୍ଥ ଜଗିବା ପାଇଁ ଓଇଆରସି ଅଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ବସାଇଥିଲେ, ସେହି ସରକାର କିନ୍ତୁ ଇସ୍ତଫା ଫେରାଇ ନେବାକୁ ଶ୍ରୀ ଜେନାଙ୍କୁ ପଦୁଟିଏ ବି କହିଲେ ନାହିଁ କି ଏ ସଂକ୍ରାନ୍ତରେ ଧାଡ଼ିଏ ବିବୃତି ବି ଜାରିକଲେ ନାହିଁ।

ଶକ୍ତି ବିଭାଗଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଇସ୍ତଫାକୁ ନେଇ ➪ପୃଷ୍ଠା-୬

## ବିଦ୍ୟୁତ ସେବା କେନ୍ଦ୍ରରେ ଲାଇନମ୍ୟାନଙ୍କ ସନ୍ଦେହଜନକ ମୃତ୍ୟୁ




ଆଳି,୪।୭(ସଂଚାର ବ୍ୟୁରୋ)ଃ ଆଳି ବିଦ୍ୟୁତ ବିଭାଗର ଲାଇନ ମ୍ୟାନ ହେମନ୍ତ କୁମାର ଦାସଙ୍କର ସନ୍ଦେହ ଜନକ ଅବସ୍ଥାରେ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ଆଳି ଷ୍ଟାଡିୟମ୍ ଗଳିରେ ଥିବା ବିଦ୍ୟୁତ୍ ସେବା କେନ୍ଦ୍ରରୁ ଝୁଲନ୍ତା ଅବସ୍ଥାରେ ହେମନ୍ତଙ୍କ ମୃତଦେହକୁ ଉଦ୍ଧାର କରିଛି ପୋଲିସ । ଆଜି ସକାଳୁ ସକାଳୁ ସହକର୍ମୀଙ୍କ ସହ କାମକରିବା ପାଇଁ ଯାଇଥିଲେ ହେମନ୍ତ । ସେଠାରୁ ଫେରିବା ପରେ ବିଦ୍ୟୁତ ସେବା କେନ୍ଦ୍ରରେ ବସିଥିଲେ । ହେଲେ ୧୨ଃ ୧୦ମି ସମୟରେ ଷ୍ଟାଡିୟମ ଗଳି ଦେଇ ଯାଉଥିବା ଜଣେ ବାଟୋଇ ଦେଖିଥିଲେ ଯେ, ସଟର ଅଧାଟଣା ଯାଇଛି, ଆଉ ଦୁଇଟି ଗୋଡ଼ ଝୁଲନ୍ତା ଅବସ୍ଥାରେ ରହିଛି । ସଙ୍ଗେ ସଙ୍ଗେ ସେ ଅନ୍ୟମାନଙ୍କୁ ପାଟିକରି ଡାକିଥିଲେ । ସ୍ଥାନୀୟ ଲୋକେ ଦୌଡିକି ଆସି ସଟର ଟେକିଦେଇଥିଲେ । ଦେଖିବାକୁ ପାଇଥିଲେ ଯେ, ଲାଇନ ମ୍ୟାନ ହେମନ୍ତ କୁମାର ଦାସ ବେକରେ ଦୌଡ଼ି ଲାଗିଛି ଏବଂ ଝୁଲନ୍ତାରେ ଅବସ୍ଥାରେ ମୃତଦେହ ରହିଛନ୍ତି । ଏନେଇ ସଙ୍ଗେ ଆଳି ପୋଲିସ କୁ ଖବର ଦିଆଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପଂହଁଚି ତାଙ୍କ ପରିବାର ଲୋକଙ୍କୁ ଡାକିଥିଲା । ପରିବାର ଲୋକେ ଆସିବା ପରେ ଶବଟିକୁ ଉଦ୍ଧାର କରାଯାଇ ବ୍ୟବଛେଦ ପାଇଁ ପଠାଯାଇଛି । ଅନ୍ୟପଟେ ହେମନ୍ତଙ୍କ ଘର ମାହାଙ୍ଗା ଥାନା ଅନ୍ତଗତ ଗଙ୍ଗାଧର ଗାଁରେ । ହେମନ୍ତ ଦୀର୍ଘ ୧୨ବର୍ଷ ହେବ ଆଳି ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଥିଲେ । ମୃତ୍ୟୁ କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରୋଗୀ ସେବା ବିପର୍ଯ୍ୟସ୍ତ



ବାରିପଦା,୪।୭ (ସଂଚାର ବ୍ୟୁରୋ)ଃ ସାରା ରାଜ୍ୟରେ ୧୦ ଦଫା ଦାବି ନେଇ ଓସ୍ମା ର ଡାକ୍ତରମାନେ କାର୍ଯ୍ୟବନ୍ଦ କରିଛନ୍ତି । ଓସ୍ମା ର ନିଷ୍ପତ୍ତି କ୍ରମେ ମୟୁରଭଞ୍ଜ ଜିଲ୍ଲା ର ସଦର ମହକୁମା ସମେତ ଉପଖଣ୍ଡ ଚିକିତ୍ସାଳୟର ବାମନଘାଟୀ ଉପଖଣ୍ଡର ଡାକ୍ତରମାନେ ନିଜର ହକ୍ ପାଇଁ କାର୍ଯ୍ୟବନ୍ଦ କରିଛନ୍ତି । କିନ୍ତୁ ଅପରପକ୍ଷେ ରେ ଦେହ ଅଛି ତ ରୋଗ ଅଛି । ମୟୁରଭଞ୍ଜ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା । ଏହି ଜିଲ୍ଲାର ଅଧିକାଂଶ ଅଞ୍ଚଳ ଜଙ୍ଗଲ, ପାହାଡ଼ । ବିଶେଷ କରି ବାମନଘାଟୀ ଉପଖଣ୍ଡର ଆଦିବାସୀ ଅଧ୍ୟୁଷିତ ପାହାଡ଼ ଇଲାକା ଦୁର୍ଗମ ଅଞ୍ଚଳରୁ ରୋଗୀ ଦୁର୍ଘଟଣାଗ୍ରସ୍ତ, ସାପ କାମୁଡା, କୁକୁର କାମୁଡ଼ା, ମେଲେରିଆ ଆକ୍ରାନ୍ତ, ଥାଲାସେମିଆ, ପ୍ରସୂତି ମହିଳା, ବୟସ୍କ ବୃଦ୍ଧବୃଦ୍ଧାମାନେ ଚିକିତ୍ସା ପାଇଁ ଆସି ଡାକ୍ତରୀ ସେବା ନ ପାଇ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି । ।

## ଗାଙ୍ଗପୁରା ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ



ନୀଳଗିରି,୪।୭ (ସଂଚାର ବ୍ୟୁରୋ)ଃ ଆଜି ପୂର୍ବାହ୍ନରେ ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଔପଦା ବ୍ଲକ୍ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବୃକ୍ଷରୋପଣ ଓ ବୃକ୍ଷ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣର ବାର୍ତ୍ତା ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ଊର୍ମିଳା ମହାନ୍ତି ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କୁ ୧୦୦ଟି ବୃକ୍ଷ ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ଛାତ୍ର, ଛାତ୍ରୀ ମାନେ ଅତିକମରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଶପଥ ନେଇଛନ୍ତି ।

**ରଥଯାତ୍ରା-୨୦୨୬ ପ୍ରସ୍ତୁତି ବୈଠକ**

# ଚାରିଦିନ ବନ୍ଦ ରହିବ ମଦ ଦୋକାନ



କେନ୍ଦ୍ରାପଡ଼ା,୪।୭(ସଂଚାର ବ୍ୟୁରୋ)ଃ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ୨୦୨୬କୁ ଶାନ୍ତିଶୃଙ୍ଖଳା ସହିତ ସମାପନ ନିମନ୍ତେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି ।

ପ୍ରସ୍ତୁତି ବୈଠକରେ ମୁଖ୍ୟତଃ ରଥଗଠନ, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନୀତି ନିର୍ଘ,ରାସ୍ତାଘାଟ ମରାମତି, ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜନସ୍ୱାସ୍ଥ୍ୟ, ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ନିଶା ନିବାରଣ, ଅଗ୍ନି ନିରାପା ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା, ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ଟ୍ରାଫିକ କଟକଣା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହା ବ୍ୟତୀତ ରଥଦାଣ୍ଡ ସଫେଇ, ଆପ୍ରୋଚ ରାସ୍ତା ମରାମତି, ଆମ୍ବୁଲାନ୍ସ ସେବା, ପରିବା ବିକାଳୀଙ୍କୁ ବଡଦାଣ୍ଡରେ ରଥଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ନବସିବା ପାଇଁ ବାରଣ କରାଯିବା, ସଫେଇ ବ୍ୟବସ୍ଥା, ଅଚଳ ଷ୍ଟ୍ରିଟ ଲାଇଟ୍ ମରାମତି, ହାଇମାକ୍ସ ଲାଇଟ୍ ବ୍ୟବସ୍ଥା,ବଡଦାଣ୍ଡରେ ଆମିଷ ସମ୍ପୂର୍ଣ ଭାବେ ବିକ୍ରି ବନ୍ଦ କରାଯିବା, ଅସ୍ଥାୟୀ ସିସି ଟିଭି ଲଗେଇବା, ଠାକୁରଙ୍କ ସାମ୍ନାରେ ସେବାୟତ ମାନେ ଭିଡ଼ ନ କରିବା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

ଚଳିତ ରଥଯାତ୍ରା ଓ ବାହୁଡାଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣ ଓ ସେବାୟତମାନଙ୍କ ସାହାଯ୍ୟ ସହଯୋଗ କାମନା କରାଯାଇଥିଲା । ଗତବର୍ଷ ଭଳି ଏ ବର୍ଷ ମଧ୍ୟ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ୧୨ ଗୋଟି ଷ୍ଟଲ ଖୋଲା ଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସ ଏବଂ ବାହୁଡା ଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସରେ ସମୁଦାୟ ୪ ଦିନ ପାଇଁ ମଦ ଦୋକାନ ବନ୍ଦ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଶ୍ରୀ ଶ୍ରୀ ବଳଦେବଜୀଉ ଦେବୋର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ନବକ୍ରିଷ୍ଣ ଜେନା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ।

ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଡ. ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଅମିତାଭ ସୁଆରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ।

**ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଅତିରିକ୍ତ ତହସିଲଦାର**

# ହାଇକୋର୍ଟଙ୍କ ସ୍ଥିତାବସ୍ଥା ସତ୍ତ୍ୱେ ଦେଉଛନ୍ତି ଜେସିବି ଧମକ




କେନ୍ଦ୍ରାପଡ଼ା,୪।୭ (ସଂଚାର ବ୍ୟୁରୋ)ଃ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି କେନ୍ଦ୍ରାପଡାର ଅତିରିକ୍ତ ତହସିଲଦାର । ହାଇକୋର୍ଟ ସ୍ଥିତାବସ୍ଥା ଜାରି କରିବା ସତ୍ୱେ ସେ ବ୍ୟବସାୟୀମାନଙ୍କୁ ଦେଉଛନ୍ତି ଜେସିବି ଧମକ। ଏନେଇ ଅତିରିକ୍ତ ତହସିଦାରଙ୍କ ବିରୋଧରେ ୩ ଜଣ ବ୍ୟବସାୟୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଅଭିଯୋଗକାରୀମାନେ ହେଉଛନ୍ତି ବଡ଼ହାଟରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ସେକ ଜମିରୁଦ୍ଦିନ, ମୀର ମହମ୍ମଦ ଅଲ୍ଲୀ ଓ ସେକ ୱାସିମ ଆକ୍ରମ । ଏହି ଯୁବକମାନେ ସେମାନଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେମାନେ ବଡହାଟରେ ମୋବାଇଲ ଦୋକାନ ଓ ଚୁଡି ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି । କିନ୍ତୁ ଏହି ଦୋକାନ ଉପରେ ଦେବୋତ୍ତର ବିଭାଗ ମାମଲା ଦାୟର କରିଥିଲେ । ସେହି ମାମଲା ବିରୋଧରେ ବ୍ୟବସାୟୀମାନେ ଉଚ୍ଚ ନ୍ୟାୟାଳୟରୁ ସ୍ଥିତାବସ୍ଥା ଆଦେଶ ଆଣିଛନ୍ତି । କିନ୍ତୁ ଅତିରିକ୍ତ ତହସିଲଦାର ଦୋକାନ ନିକଟରେ ପହଞ୍ଚି ବେଆଇନ ଭାବେ ଦୋକାନରେ ତାଲା ପକାଇବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ବ୍ୟବସାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅତିରିକ୍ତ ତହସିଲଦାରଙ୍କୁ ଦେଖାଇଥିଲେ । କିନ୍ତୁ ଅତିରିକ୍ତ ତହସିଲଦାର ଏହାକୁ ଭୃକ୍ଷେପ ନକରି ବ୍ୟବସାୟୀମାନଙ୍କୁ ଗାଳିଗୁଲଜ କରିଥିଲେ । ଏହାସହ ଦୋକାନ ଖୋଲିଲେ ଜେସିବି ଲଗାଇ ଦୋକାନ ଭାଙ୍ଗି ଦେବେ ବୋଲି ଧମକ ଦେଇଥିବା ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ।

ଏସଂକ୍ରାନ୍ତରେ କେନ୍ଦ୍ରାପଡାର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ପଚାରିବାରୁ ସେ କହିଲେ ଦେବୋତ୍ତର ଆୟୋଗଙ୍କ ନିର୍ଦ୍ଦେଶ ବଳରେ ଆମେ ଦୋକାନ ବନ୍ଦ କରିବାକୁ ଆସିଥିଲୁ। ଆମେ ଦୋକାନରେ ବେଆଇନ ଭାବେ ତାଲା ପକାଇବାକୁ କୌଣସି ଉଦ୍ୟମ କରିନଥିଲୁ । ଜଣେ ସରକାରୀ ଅଧିକାରୀ ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କେବେ ଅବମାନନା କରିବି ନାହିଁ । ଜେସିବି ଲଗାଇ ଦୋକାନ ଭାଙ୍ଗିଦେବାକୁ ଧମକ ଦେବା ସଂପର୍କରେ ତାଙ୍କୁ ପଚାରିବାରୁ ସେ ନୀରବ ରହିଥିଲେ ।

## ମଡେଲ ପୁଲିସ ଷ୍ଟେସନ ତରଫରୁ ନିଶା ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ




ପଟ୍ଟାମୁଣ୍ଡାଇ,୪।୭(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ମଡେଲ ପୋଲିସ ଷ୍ଟେସନ ତରଫରୁ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ରେ ମଡେଲ ପୋଲିସ ଷ୍ଟେସନ ର ଲୋକପ୍ରିୟ ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର ନିଶା ମୁକ୍ତ ଓଡିଶା ଅଭିଯାନ ଉପରେ ତାଙ୍କ ବକ୍ତବ୍ୟ ରଖି କହିଲେ ଯଦି ସମାଜ ନିଶାମୁକ୍ତ ହେବ ତାହା ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ । ବର୍ତ୍ତମାନ ନିଶା ଯୁବ ସମାଜ କୁ ନଷ୍ଟ କରୁଛି । ଯଦି ଆମେମାନେ ଏକାଠି ହୋଇ ନିଶା ବିରୁଦ୍ଧରେ ନ ଲଢ଼ିବା ଆଗାମୀ ଦିନ ରେ ଯୁବ ସମାଜ ନିଶା ଗ୍ରସ୍ତ ହୋଇ ନଷ୍ଟ ଆଡ଼କୁ ଗତି କରିବ । ପଟ୍ଟାମୁଣ୍ଡାଇ ର ଲୋକ ପ୍ରିୟ ଆଇଆଇସି ଶ୍ରୀମତୀ ପାତ୍ର ସମସ୍ତ ଉପସ୍ଥିତ ଥିବା ଜନସାଧାରଣ ଓ ସାମ୍ବାଦିକ ମାନଙ୍କୁ ବହୁ ଉପଦେଶ ଦେଇ ନିଶା ଉପରେ ସଚେତନ ବାର୍ତ୍ତା ଦେଇ ଥିଲେ। ଏହି ଅଭିଯାନ ସଭା ରେ ଉପସ୍ଥିତ ଥିଲେ ଥାନା ର ଦୁଇ ଏସ ଆଇ ସୁମନ୍ତ ସେଠୀ, କୈଳାଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥାଇ ନିଶାମୁକ୍ତ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ସମୟରେ ବହୁ ସାମ୍ବାଦିକ ଓ ଜନସାଧାରଣ ଉପସ୍ଥିତି ରହି ନିଶାରୁ ନିବୃତ୍ତ ରହିବାପାଇଁ ସପଥପାଠ କରିଥିଲେ।

**ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ**

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ମତ୍ସ୍ୟଜୀବୀ ପରିବାର



କେନ୍ଦ୍ରାପଡ଼ା,୪।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ବଟୀଘର, ଜମ୍ବୁ, ଖରିନାସି, ପେଟଛେଲ ଓ ସୁନୀତି ବଡ଼ଦାଣ୍ଡିଆ ପଞ୍ଚାୟତ ଅଞ୍ଚଳରେ କିଛି ବ୍ୟକ୍ତି ସରକାରୀ ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରୁଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ମତ୍ସ୍ୟଜୀବୀ ପରିବାର। ଅଭିଯୋଗକାରୀଙ୍କ କହିବା ଅନୁସାରେ, ଜମି ଦଖଲକୁ ବିରୋଧ କରିବାରୁ ସେମାନଙ୍କୁ ମରଣାସ୍ତ୍ର ଦେଖାଇ ଭୟଭୀତ କରାଯାଉଛି। ଏପରିକି ଅଭିଯୋଗରେ କିଛି ବ୍ୟକ୍ତିଙ୍କୁ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ବୋଲି ଦାବି କରାଯାଇଛି। ତେବେ ଏହି ଦାବିର ସରକାରୀ ଦୃଷ୍ଟି ପଡ଼ିନାହିଁ । ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସରକାରୀ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ସହ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି କରି ମତ୍ସ୍ୟଜୀବୀ ପରିବାର ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି।

**ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬**

## ଆଜି ପ୍ରକାଶ ପାଇବ ଭୋଟର ତାଲିକା

କେନ୍ଦ୍ରାପଡ଼ା,୪।୭(ସଂଚାର ବ୍ୟୁରୋ)ଃ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା କାଲି ଅର୍ଥାତ ୫ ଜୁଲାଇ, ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ।

ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର୍)-୨୦୨୬ କାର୍ଯ୍ୟକ୍ରମ, ଗତ ୩୦ ମଇରୁ ୨୮ ଜୁନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଗତ ଫର୍ମ ସଂଗ୍ରହ ଏବଂ ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ୫ ଗୋଟି ବିଧାନସଭା ନିର୍ବାଚନୀ ମଣ୍ଡଳୀ ଯଥା ୯୬-ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ, ୯୭-କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ, ୯୮-ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ, ୯୯-ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର୍)-୨୦୨୬ କାର୍ଯ୍ୟକ୍ରମ ଉପଲକ୍ଷେ ଖସଡା ଭୋଟର ତାଲିକା ପ୍ରକାଶ ପାଇବ ।

ସୂଚନା ଯୋଗ୍ୟ ଯେ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ଦାବି ଓ ଆପତ୍ତିର ଯାଞ୍ଚ ଓ ଫଇସଲା ୪ ଅଗଷ୍ଟରୁ ୨ ସେପ୍ଟେମ୍ବର ମଧ୍ୟରେ ସମ୍ପନ୍ନ ହେବ ଏବଂ ୬ ସେପ୍ଟେମ୍ବର, ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଦାବି ଓ ଆପତ୍ତି ଗ୍ରହଣ ଏବଂ ତାହାର ଫଇସଲା ସମ୍ପୂର୍ଣ୍ଣ ସ୍ୱଚ୍ଛତା, ନିରପେକ୍ଷତା ଓ ସମୟବଦ୍ଧ ଭାବେ ସମ୍ପାଦନ କରାଯିବା ସହ ଯେପରି କୌଣସି ଯୋଗ୍ୟ ମତଦାତା ତାଲିକାରୁ ବାଦ୍ ନପଡ଼ନ୍ତି ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର ପୂର୍ବରୁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍)-୨୦୨୬ କାର୍ଯ୍ୟକ୍ରମ ସତପ୍ରତିଶତ ସଫଳ ହୋଇଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି ।

## ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୪।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବ୍ଲକ ଅଧିନ ସାନମାଣିତିଆ ଗ୍ରାମପଞ୍ଚାୟତର ବଡମାଣିତିଆ ଗ୍ରାମର ସମାଜସେବୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିସଭା ତାଙ୍କ ବଡମାଣିତିଆ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସ୍ଥାନୀୟ ସରପ ବିଭୁତିଭୂଷଣ ମଳିକ, ପ୍ରାକ୍ତନ ସରପ ଜୟ ପ୍ରକାଶ ଗିରି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମେଶ ବାରିକ, ଅକ୍ଷୟ କୁମାର ବିଶ୍ୱାଳ, ପ୍ରଦୀପ ରାଉତ, ଘାଘରା ସରପଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ମ୍ୟୁନିସିପାଲିଟି ଛକଠାରୁ ଉମାପଦା ଶିବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ



ଯାଜପୁର ରୋଡ୍,୪।୭(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହରର ୱାର୍ଡ ନଂ-୧୬ ସ୍ଥିତ ମୁନସିପାଲଟି ଛକ ଠାରୁ ଉମାପଦା ଶିବ ମନ୍ଦିର ପର୍ଯ୍ୟନ୍ତ ରାସ୍ତାଏବେ ଶୋଚନୀୟ ହୋଇ ହୋଇପଡିଛି। ଯେକୌଣସି ନିର୍ବାଚନ ଆସିଲେ ନେତା ମାନେ ଏଠାକାର ଭୋଟ ହାତେଇବା ପାଇଁ ଏଠିକା ଲୋକମାନଙ୍କୁ ଏହି ରାସ୍ତାର କଡ଼ରେ ଡ୍ରେନ୍ ବ୍ୟବସ୍ଥା କରାଇ ଦେବୁ କହି ଭୋଟ ହାତେଇ ନେଇଥାନ୍ତି ନେଇ ଲୋକେ ପ୍ରକାଶ କରିଛନ୍ତି। କିନ୍ତୁ ବର୍ଷାଦିନ ଏବେ ଆରମ୍ଭ ହେଉଛି । ଏହି ରାସ୍ତାରେ ଡ୍ରେନ ନଥିବାଯୋଗୁଁ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିବା ସମସ୍ୟାକୁ ଲୋକମାନେ ସମ୍ମୁଖୀନ ହୋଉଛନ୍ତି।

ବର୍ଷା ଜଳ ସହ ନାଳନର୍ଦ୍ଦମା ପାଣି ଏବେ ରାସ୍ତାରେ ଭାସୁଅଛି। ଫଳରେ ଲୋକମାନେ ନାନାଦି ପ୍ରକାରର ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଏଠାକାର ବାସିନ୍ଦା କ୍ରିଡ଼ାବିତ ସମ୍ବିତ ମହାନ୍ତିଙ୍କ ଘର ଆଗରେ ଟିକିଏ ବର୍ଷା ହେଲେ ରାସ୍ତାରେ ଅପରିସ୍କାର ପାଣି ଜମି ରହୁଛି। ବର୍ଷା ସମୟରେ ଯାତାୟତ କରୁଥିବା ଗାଡିଚାଳକ ମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି। ଆଗକୁ ଆହୁରି ବର୍ଷା ଆସୁଥିବାରୁ ଏହି ରାସ୍ତାଟି ଆହୁରି ଶୋଚନୀୟ ହୋଇପଡିବ। ତୁରନ୍ତ ଏହି ରାସ୍ତାରେ ଡ୍ରେନ୍ କରିବା ପାଇଁ ସମାଜସେବୀ ଟିକିନା ମହାନ୍ତିଙ୍କ ସେମତେ ଏଠାରେ ବାସ କରୁଥିବା ୧୦୦ ପରିବାର ବର୍ଗଙ୍କ ପକ୍ଷରୁ ଦାବି ହେଉଛି।

## ବାଇକ୍‌କୁ ପିଟିଲା ହାଇଡ୍ରା; ଅଳ୍ପକେ ବର୍ତ୍ତିଲେ ଦୁଇ ବାଇକ୍ ଆରୋହୀ

ବାରିପଦା,୪।୭ (ସଂଚାର ବ୍ୟୁରୋ)ଃ ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ରାଇରଙ୍ଗପୁର - ଗୌରୁମହିଷାଣୀ ରାସ୍ତାର ୩ କିମି ଦୂର ଦୁବୁଲାବେଡା ରାସ୍ତା ପାଶ୍ୱର୍ରେ ଏକ ବାଇକ୍ ଛିଡ଼ା ହୋଇଥିବା ଅବସ୍ଥାରେ ରାସ୍ତାରେ ଆସୁଥିବା ହାଇଡ୍ରା ଧକ୍କା ଦେବା ଫଳରେ ବାଇକ୍ ଚୁରମାର ହୋଇଅଛି । ସୂଚନାଯୋଗ୍ୟ ଓ୍ୱହଳଦା ବ୍ଲକର ଡଲସରା ଗ୍ରାମର ଆଇଁଠୁ ଟୁଡୁ, ଏବଂ ସାଙ୍ଗ ସୁନାରାମ କିସ୍କୁ ତାଙ୍କ ମାମୁଁ ଘର ଗ୍ରାମ ଦେଉରାଡିହି କୁ ଆଜି ସକାଳେ ନିଜ ବାଇକ୍ ଓଡ଼ି ୧ ୧ଜେ୫୧୫୩ ରେ ଯାଉଥିବାବେଳେ ଦୁଗ୍ଧୁଲାବେଡା ରାସ୍ତାକଡ଼ରେ ବାଇକ୍ ରଖି ପରିସ୍ରା କରୁଥିଲେ । ହଠାତ୍ ଏକ ଢୋ ଶବ୍ଦ ଶୁଭିଲା। ସେମାନେ ଚମକି ପଡ଼ି ଆଗକୁ ଦୌଡିଲେ। ପଛରୁ ଅନେଇ ଦେଖନ୍ତି ତ ତାଙ୍କ ବାଇକକୁ ଏକ ହାଇଡ୍ରା ଗାଡ଼ି ଧକ୍କା ଦେଇଛି । ହାଇଡ୍ରା ଗାଡ଼ି ରାଇଭର ଗାଡ଼ି ରଖି ଜଙ୍ଗଲ ଭିତରକୁ ପ୍ରାଣ ବିକଳରେ ଦୌଡ଼ି ପଳାଇଲା। ବାଇକଟି ଚୁରମାର ହୋଇଥିଲା। ପରେ ଖବର ପାଇ ରାଇରଙ୍ଗପୁର ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ ଅଧିକ ତଦନ୍ତ କରୁଅଛି ।

# ମଦ ଦୋକାନ ବନ୍ଦ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



କୋରାପୁଟ,୪।୭ (ସଂଚାର ବ୍ୟୁରୋ)ଃ କୁନ୍ଦୁରା ବ୍ଲକରେ ଦେଶୀ ଓ ବିଦେଶୀ ମଦ ଦୋକାନ ବୃଦ୍ଧି ପାଇବା ଫଳରେ ଅଞ୍ଚଳର ସାମାଜିକ ପରିବେଶ ଦିନକୁ ଦିନ ବିଗିଡୁଥିବା ଅଭିଯୋଗ କରି ଶନିବାର ଶତାଧିକ ମହିଳା କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହାତରେ ଠେଙ୍ଗା ଧରି ମହିଳାମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ମଦ ଦୋକାନ ବନ୍ଦ ଦାବିରେ ସ୍ଲୋଗାନ ଦେଇଥିଲେ।

ପ୍ରତିବାଦକାରୀ ମହିଳାମାନଙ୍କ କହିବା ଅନୁଯାୟୀ, କୁନ୍ଦୁରା ଅଞ୍ଚଳରେ ମଦ ଦୋକାନ ସଂଖ୍ୟା ବଢ଼ିବା ସହ ମଦ୍ୟପାନର ପ୍ରବଣତା ମଧ୍ୟ ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଯୁବପିଢ଼ିଙ୍କ ସମେତ ବିଭିନ୍ନ ବୟସର ଲୋକ ନିଶାଗ୍ରସ୍ତ ହେଉଥିବା ବେଳେ ପାରିବାରିକ କଳହ, ଘରୋଇ ହିଂସା, ଆର୍ଥିକ ସଙ୍କଟ ଏବଂ ଅପରାଧିକ କାର୍ଯ୍ୟକଳାପ ବଢ଼ୁଥିବା ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଏକାଧିକ ଥର ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନଥିବାରୁ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ସେମାନେ କହିଛନ୍ତି।

କୁନ୍ଦୁରା ଅଞ୍ଚଳରେ ଥିବା ସମସ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଶୀଘ୍ର ସ୍ପଷ୍ଟ ନିଷ୍ପତ୍ତି ନେବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ବସୁନ୍ଧରା ଯୋଜନାରେ ଭୂମିହୀନ ମାୟାଧରଙ୍କୁ ମିଳୁନି ପଟ୍ଟା

**ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି**



ଢେଙ୍କାନାଳ,୪।୭ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ସହରର ୮ ନମ୍ବର ୱାର୍ଡ ଅନ୍ତର୍ଗତ ମହିଷାପାଟ ଅଞ୍ଚଳରେ ବସୁନ୍ଧରା ଯୋଜନାରେ ଘର ଥିବା କିଛି ଲୋକ ବାରମ୍ବାର ସୁବିଧା ପାଉଥିବା ବେଳେ ପ୍ରକୃତ ଭୂମିହୀନ ପରିବାର ଏବେ ମଧ୍ୟ ସରକାରୀ ସହାୟତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ବାସିନ୍ଦା ମାୟାଧର ଜାତକଙ୍କ କହିବା ଅନୁଯାୟୀ, ତାଙ୍କର ନିଜସ୍ୱ ଜମି କିମ୍ବା ଘର ନଥିବାରୁ ସେ ଏକ ଭଙ୍ଗା ଚାଳ ଛପର ଘରେ ଅତ୍ୟନ୍ତ କଷ୍ଟରେ ଜୀବନ ବିତାଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଭୂମିହୀନ ପରିବାରଙ୍କୁ ୪ ଡିସିମିଲ ଜମି ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ ସେ ଏହି ସୁବିଧା ପାଇପାରି ନାହାନ୍ତି।

ଅଭିଯୋଗ ଅନୁସାରେ, ବସୁନ୍ଧରା ଯୋଜନାରେ ଅନେକ ପ୍ରକୃତ ହିତାଧିକାରୀ ଏପର୍ଯ୍ୟନ୍ତ ଜମି ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ପୌରସଂସ୍ଥାର ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନଥିବା ସେମାନେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ଦଳୀୟ ପକ୍ଷପାତ କାରଣରୁ ପ୍ରକୃତ ଯୋଗ୍ୟ ହିତାଧିକାରୀମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବର୍ଷା ଦିନରେ ଭଙ୍ଗା ଘରେ ରହିବା ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼ିଥିବା ସେମାନେ କହିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମାୟାଧର ଜାତକ ଏବଂ ଅନ୍ୟ ଜଣେ ଭୂମିହୀନ ବ୍ୟକ୍ତି ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ସେମାନଙ୍କ ନାମରେ ୪ ଡିସିମିଲ ସରକାରୀ ଜମି ପଟ୍ଟା ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ।

# ଦୃତୀ ଚାନ୍ଦ ଗଢ଼ିଲେ ସ୍ୱେଚ୍ଛାସେବୀ ଯୁବ ସଙ୍ଗଠନ

ଯାଜପୁର,୪।୭ (ସଂଚାର ବ୍ୟୁରୋ)ଃ ମା ମଲ୍ୟାବୁଢ଼ି ଯୁବ ଶକ୍ତି ସ୍ୱେଚ୍ଛାସେବୀ ଯୁବ ସଂଗଠନ, ଚକଗୋପାଳପୁର ଅଞ୍ଚଳର ଯୁବକମାନଙ୍କୁ ନେଇ ଗଠିତ ଏକ ସାମାଜିକ ଓ ସେବାମୂଳକ ସଂଗଠନ। ସମାଜର କଲ୍ୟାଣ, ଯୁବଶକ୍ତିର ବିକାଶ ଓ ଅଞ୍ଚଳର ସାମଗ୍ରିକ ଉନ୍ନତି ପାଇଁ ଏହି ସଂଗଠନ ନିରନ୍ତର କାର୍ଯ୍ୟ କରିଆସୁଛି।




ସଂଗଠନର ମୂଳ ଉଦ୍ଦେଶ୍ୟ ହେଉଛି ଯୁବପିଢ଼ୀଙ୍କ ମଧ୍ୟରେ ସେବା, ସହଯୋଗ, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧର ବିକାଶ କରିବା। ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ, କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା, ତଥା ଅସହାୟ ଓ ଦୁର୍ବଳ ବର୍ଗର ଲୋକଙ୍କ ସହାୟତା କରିବା ଏହି ସଂଗଠନର ପ୍ରମୁଖ କାର୍ଯ୍ୟ ମଧ୍ୟରେ ରହିଛି।

ମା ମଲ୍ୟାବୁଢ଼ିଙ୍କ ଆଶୀର୍ବାଦକୁ ପାଥେୟ କରି ସଂଗଠନର ସଦସ୍ୟମାନେ ନିଷ୍ଠା ଓ ସମର୍ପଣ ଭାବନା ସହ ସମାଜ ସେବାରେ ନିୟୋଜିତ ଅଛନ୍ତି। ଏହି ସଂଗଠନ କେବଳ ଏକ ଯୁବ ମଞ୍ଚ ନୁହେଁ, ବରଂ ସାମାଜିକ ପରିବର୍ତ୍ତନ ଓ ଜନକଲ୍ୟାଣର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ପରିଚିତ ହୋଇପାରିଛି। ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ସହଯୋଗ ଓ ଆଶୀର୍ବାଦ ସହିତ ମା ମଲ୍ୟାବୁଢ଼ି ଯୁବ ଶକ୍ତି ସ୍ୱେଚ୍ଛାସେବୀ ଯୁବ ସଂଗଠନ ଭବିଷ୍ୟତରେ ଆହୁରି ଅନେକ ଜନହିତକର କାର୍ଯ୍ୟ କରି ସମାଜ ପାଇଁ ଏକ ଆଦର୍ଶ ସଂଗଠନ ଭାବେ ନିଜର ପରିଚୟ ସୃଷ୍ଟି କରିବ ବୋଲି ଆଶା କରାଯାଏ।

# ୯ରେ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ, ପ୍ରସ୍ତୁତିର ସମୀକ୍ଷା

■ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବୈଠକ



ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ): ଉପରାଷ୍ଟ୍ରପତିଙ୍କ ୯ ଜୁଲାଇରେ ଓଡ଼ିଶା ଗସ୍ତକୁ ସଫଳ ଓ ସୁଚାରୁ ରୂପେ ସମ୍ପନ୍ନ କରିବା ନିମନ୍ତେ ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟାତ, ଚିକିତ୍ସା, ମୌଳିକ ସୁବିଧା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଉପରାଷ୍ଟ୍ରପତି ଉକ୍ତଦିନ ଭୁବନେଶ୍ୱର କୃଷି ଶିକ୍ଷା ସଦନଠାରେ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ସେ ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ନାଇଜର)ର ପଞ୍ଚଦଶମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ବୈଠକରେ ଉପରାଷ୍ଟ୍ରପତିଙ୍କ ସମଗ୍ର ଗସ୍ତ ସମୟରେ ସର୍ବୋଚ୍ଚ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା, ଗସ୍ତସ୍ଥଳ ନିରବଚ୍ଛିନ୍ନ ବିଦ୍ୟୁତ, ପାନୀୟ ଜଳ, ଅଗ୍ନି ନିର୍ବାପନ, ସ୍ୱଚ୍ଛତା, ସଡ଼କ ମରାମତି, ଚିକିତ୍ସା ସେବା, ଆମ୍ବୁଲାନ୍ସ, ଯାନବାହନ ବ୍ୟବସ୍ଥା ସମ୍ପର୍କିତ ସମସ୍ତ ବ୍ୟବସ୍ଥାକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସଂପୃକ୍ତ ବିଭାଗମାନଙ୍କୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବ୍ୟବସ୍ଥାରେ ବିଭାଗଗୁଡ଼ିକ ମଧ୍ୟରେ ନିବିଡ଼ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରସ୍ତୁତି ସମାପ୍ତ କରିବା ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ଗୃହ, ଶିଳ୍ପ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଳା ନାୟକ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

■ ମର୍ଣ୍ଣିଂ ୱାକ୍ ବେଳେ ଯୁବତୀଙ୍କୁ ଅଶ୍ଳୀଳ ବ୍ୟବହାର

# ପୁଲିସ ତଦନ୍ତ ଆରମ୍ଭ

ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ): ରାଜଧାନୀରେ ମର୍ଣ୍ଣିଂ ୱାକ୍ ବେଳେ ଜନୈକା ଯୁବତୀଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ ହୋଇଥିବା ନେଇ ଲିଖିତ ଅଭିଯୋଗ ହେବା ପରେ ନୟାପଲ୍ଲୀ ପୁଲିସ୍ ତା'ର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, କିଛି ଦିନ ତଳେ ସକାଳ ପ୍ରାୟ ୫ଟା ୨୫ ମିନିଟ୍ ସମୟରେ ଯୁବତୀ ଜଣକ ମର୍ଣ୍ଣିଂ ୱାକ୍ ବେଳେ ମୁହଁରେ ମାସ୍କ ପିନ୍ଧିଥିବା ଜନୈକ ସ୍କୁଟି ଚାଳକ ତାଙ୍କୁ ବାରମ୍ବାର ଅଶ୍ଳୀଳ ବ୍ୟବହାର କରିବା ସହ ଯୁବତୀଙ୍କ ନିକଟକୁ ଆସିବାକୁ ଉଦ୍ୟମ କରିଥିଲେ। ଏଥିରେ ଭୟଭୀତ ହୋଇ ଯୁବତୀ ଜଣଙ୍କ ଚିତ୍କାର କରିବା ସହ ସ୍କୁଟି ଚାଳକଙ୍କ ଉପରକୁ ପଥର ଫିଙ୍ଗିଥିଲେ। ଏହା ପରେ ଅଭିଯୁକ୍ତ ସ୍କୁଟି ଚାଳକ ଜଣଙ୍କ ସେଠାରୁ ଫେରାର ହୋଇଯାଇଥିଲା। ଅଭିଯୁକ୍ତକୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କର ସୁରକ୍ଷା ସୁନିଶ୍ଚିତ କରିବାକୁ ଯୁବତୀ ଜଣଙ୍କ ଦାବି କରିଛନ୍ତି।

# ରଥଯାତ୍ରା ପାଇଁ ପୁଲିସ ପ୍ରଶାସନର ସମୀକ୍ଷା ବୈଠକ



ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ଭୁବନେଶ୍ୱର,୪।୭ (ସଂଚାର ବ୍ୟୁରୋ) : ଆସନ୍ତା ଜୁଲାଇ ୧୬ ତାରିଖରେ ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପୁରୀସ୍ଥିତ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ) ପରିସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରଥଯାତ୍ରା ଡ୍ୟୁଟି ପାଇଁ ପ୍ରାୟ ୧୨ ହଜାର ପୁଲିସ କର୍ମଚାରୀ, ଟ୍ରାଫିକ କନଷ୍ଟେବଲ ଓ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଏପିଏଫ) ସିଆରପିଏଫ ଓ ବିଏସଏଫ ମୁତୟନ ରହିବେ। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୨୫୦ ପ୍ଲାଟୁନ ଓଏସ୍ଏପି, ଆ ଇ ଆ ର୍ ବି ଏ ନ୍, ଏପିଆର୍ ଓ ଟ୍ରାଫିକ ଫୋର୍ସଙ୍କୁ ମୁତୟନ କରାଯିବ। ସହରର ବିଭିନ୍ନ ସ୍ଥାନରେ ୩ ହଜାର ହୋମଗାର୍ଡଙ୍କୁ ମୁତୟନ କରାଯିବ ଓ ସେମାନେ ଭିଡ଼ ନିୟନ୍ତ୍ରଣ ତଥା ଟ୍ରାଫିକ ଓ ପାର୍କିଂରେ ପୁଲିସକୁ ସହଯୋଗ କରିବେ। ବୈଠକରେ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ଯେ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପ୍ରତିକୂଳ ପରିବେଶ ପ୍ରତି ସଜାଗ ରହି ଆଗୁଆ ପଦକ୍ଷେପ ନେବାକୁ ପଡ଼ିବ। ଭକ୍ତମାନେ କିପରି ସୁରୁଖୁରୁରେ ପୁରୀରେ ପହଞ୍ଚି ଭଲରେ ମହାପ୍ରଭୁଙ୍କ ଦର୍ଶନ ସାରି ସୁରକ୍ଷିତ ଭାବେ ଘରକୁ ଫେରିପାରିବେ, ତାହାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ନିର୍ଦ୍ଦେଶକ (ଏସସିଆରବି) ଅବିନାଶ କୁମାର, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡଙ୍ଗୀ, ଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜି (ଏସଟିଏଫ) ଡ. କନୱର ବିଶାଳ ସିଂ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଯୁଗଳ କିଶୋର କୁମାର ବନୋଥ, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, ଡିଆଇଜି ଆଶିଷ ସିଂହ, ଏସପି (ପୁରୀ) ପ୍ରତୀକ ସିଂ ଉପସ୍ଥିତ ଥିଲେ।

ସହକାରୀ ନିର୍ଦ୍ଦେଶକ ବିଧିଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା ବୈଠକ

# ମାମଲା ପରିଚାଳନାରେ ଏଡିଏଲ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଆଇନ ବିଭାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ। ନୂଆ ଆଇନ ପ୍ରଣୟନଠାରୁ ଆରମ୍ଭ କରି ପୁରୁଣା ଆଇନରେ ଆବଶ୍ୟକ ସଂଶୋଧନ ଓ ବିଭିନ୍ନ ବିଭାଗଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କ୍ଷେତ୍ରରେ ଆଇନ ବିଭାଗ ସବୁବେଳେ କାର୍ଯ୍ୟ କରିଆସିଛି। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକରେ ପଡ଼ିରହିଥିବା ମାମଲାର ସଠିକ୍ ପରିଚାଳନା ଓ ଆଇନଗତ ପରାମର୍ଶ ଦେବା କ୍ଷେତ୍ରରେ ସହକାରୀ ନିର୍ଦ୍ଦେଶକ ବିଧି (ଏଡିଏଲ୍)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତ ବ୍ୟକ୍ତ କରିଛନ୍ତି। ଆଜି ଲୋକସେବା ଭବନସ୍ଥିତ କନ୍‌ଭେନସନ୍ ସେଣ୍ଟରଠାରେ ଅନୁଷ୍ଠିତ ଏଡିଏଲ୍‌ଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗରେ ଥିବା ମାମଲାଗୁଡ଼ିକର ସ୍ଥିତି ଓ ଅଗ୍ରଗତି ବିଷୟରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଚାରି ବୁଝିଥିଲେ। ଏଥିସହ ବିଭିନ୍ନ ମାମଲା ପରିଚାଳନା କରିବା ଓ ବିଭାଗକୁ ସଠିକ୍ ଆଇନଗତ ପରାମର୍ଶ ଦେବାରେ ଏଡିଏଲ୍‌ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପଡ଼ିରହିଥିବା ମାମଲାର ତ୍ୱରିତ ସମାଧାନ ଓ ମଧ୍ୟସ୍ଥତା ଆଇନର ସଠିକ୍ ଉପଯୋଗ କ୍ଷେତ୍ରରେ ଆଇନ ବିଭାଗ ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ଏଡିଏଲମାନେ ସେତୁ ଭଳି କାର୍ଯ୍ୟ କରିପାରିବେ। ବର୍ତ୍ତମାନ ସମୟରେ ଏଡିଏଲ୍‌ଙ୍କ ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଛି। ତେଣୁ ନିଜର ଦକ୍ଷତା ବୃଦ୍ଧି କରି ସମୟୋପଯୋଗୀ ହେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ନୂତନ ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ସହ ଲିଟିଗେସନ୍ ମ୍ୟାନେଜ୍‌ମେଣ୍ଟ ପଲିସି ପ୍ରଣୟନ ଓ ମାମଲାଗୁଡ଼ିକର ସଠିକ୍ ପରିଚାଳନା ପାଇଁ ଏସଓପି ଜାରି ନେଇ ସରକାର ଚିନ୍ତା କରୁଥିବା ସେ କହିଛନ୍ତି। ଏହି ଅବସରରେ ୨୦୨୫-୨୬ ବର୍ଷର ଆଚିଭମେଣ୍ଟ ରିପୋର୍ଟ ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଓ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପଞ୍ଚସଖା ଶିକ୍ଷା ସେତୁର ପଞ୍ଚମ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ

# ୨୩ ଜିଲ୍ଲାରେ ୭.୨୯ କୋଟିରେ ୬୦୯ ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର,୪।୭ (ସଂଚାର ବ୍ୟୁରୋ): ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଚତୁର୍ଥ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଗତକାଲି ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟର ୨୩ଟି ଜିଲ୍ଲାର ବିଭିନ୍ନ ସ୍କୁଲରେ ଭିତ୍ତିଭୂମିର ବିକାଶ ପାଇଁ ୭.୨୯ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ନିମନ୍ତେ ମଞ୍ଜୁରୀ ଦିଆଯାଇଛି। ପ୍ରାୟ ସାଢ଼େ ୪ ହଜାରରୁ ଅଧିକ ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଅନୁଷ୍ଠାନ ବିଦ୍ୟାଳୟର ଉନ୍ନତି ନିମନ୍ତେ ଏହି ଅର୍ଥ ଅବଦାନ ଦେଇଛନ୍ତି। ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କ ସଂଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ଅନେକ ନୂତନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ପ୍ରାୟ ୨ କୋଟି ୪୩ ଲକ୍ଷ ୨୫ ହଜାର ୬୬୯ ଟଙ୍କାର ଆର୍ଥିକ ଅବଦାନ ଦେଇଛନ୍ତି। ସେମାନଙ୍କ ଅବଦାନରେ ପଞ୍ଚସଖା ଶିକ୍ଷା ସେତୁ ପକ୍ଷରୁ ଦୁଇଗୁଣା ଅନୁଦାନ ମିଶାଇ ମୋଟ ୭ କୋଟି ୨୯ ଲକ୍ଷ ୭୭ ହଜାର ୭ ଟଙ୍କାର ୬୦୯ଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ଆର୍ଥିକ ଅବଦାନ ଆସିଛି। ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ସାକ୍ଷରତା ପାଠ ଛାତ୍ରଛାତ୍ରୀଙ୍କୁ ପଢ଼ାଯିବ। ଏଥିନିମନ୍ତେ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ସେମାନେ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ଆଚରଣ, ବ୍ୟାଙ୍କ ବ୍ୟବସ୍ଥା, ଟଙ୍କା, ସଞ୍ଚୟ, ବ୍ୟୟ ଆଦି ଆର୍ଥିକ ବ୍ୟବସ୍ଥା ଉପରେ ଶିକ୍ଷାଦାନ କରିବେ। ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ବିତ୍ତ ଉପଦେଷ୍ଟା ତଥା ସ୍ୱତନ୍ତ୍ର ସଚିବ ଶିବାଶିଷ ଧଳ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶିକା ବିନିତା ସେନାପତି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଚନ୍ଦ୍ରାଣି ନାୟକ, ଅତିରିକ୍ତ ନିର୍ଦ୍ଦେଶିକା ନିବେଦିତା ରାଏ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁକ ମୂନରେ ପେଟ୍ରୋଲ ପମ୍ପରୁ ଲକ୍ଷାଧିକ ଟଙ୍କା ଲୁଟ୍

ବସ୍ତା, ୪।୭ (ସଂଚାର ବ୍ୟୁରୋ): ବାଲେଶ୍ୱରଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଦରଡ଼ା ନିକଟସ୍ଥ ଏକ ପେଟ୍ରୋଲ ପମ୍ପରୁ ଗତକାଲି ବିଳମ୍ବିତ ରାତିରେ ବନ୍ଧୁକ ମୂନରେ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ବସ୍ତା-ବାଲିଆପାଳ ରାସ୍ତାରେ ଥିବା ଦରଡ଼ା ପେଟ୍ରୋଲ ପମ୍ପରେ ଜଣେ ଗ୍ରାହକ ନିଜ ପରିବାର ସହ ପେଟ୍ରୋଲ ଭରୁଥିବା ସମୟରେ ଏକ ବୁଲେଟ୍ ମୋଟରସାଇକେଲରେ ଦୁଇଜଣ ମୁଖାପିନ୍ଧା ଯୁବକ ସେଠାରେ ପହଞ୍ଚିଥିଲେ। ସେମାନେ ପେଟ୍ରୋଲ ପମ୍ପର ସେଲ୍ସମ୍ୟାନଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଥିବା ବ୍ୟାଗ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଆଜି ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ପେଟ୍ରୋଲ ପମ୍ପରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୋଲିସ ପ୍ରୟାସ ଚଳାଇଛି।

# ଏଟିଏମରୁ ଟଙ୍କା ଉଠାଣରେ ସାହାଯ୍ୟ ଆଳରେ ଲକ୍ଷାଧିକ ଟଙ୍କା ଲୁଟ୍

ବୈଶିଙ୍ଗା,୪।୭(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଗଡ଼ଦେଉଳିଆସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଇବାରେ ସାହାଯ୍ୟ କରିବା ଆଳରେ ଜଣେ ଦୁର୍ବୃତ୍ତ ଶିକ୍ଷକଙ୍କ ଏଟିଏମ କାର୍ଡ ବଦଳାଇ ତାଙ୍କ ଖାତାରୁ ୯ ଥରରେ ମୋଟ ୧ ଲକ୍ଷ ୬ ହଜାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ବାଲେଶ୍ୱର ଜିଲ୍ଲା ପଦ୍ମପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ହରିଶ ଚନ୍ଦ୍ର ଜେନା ଟଙ୍କା ଉଠାଇବା ପାଇଁ ଗଡ଼ଦେଉଳିଆ ଷ୍ଟେଟ୍ ବ୍ୟାଙ୍କ ଏଟିଏମକୁ ଯାଇଥିଲେ। ତେବେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଟିଏମରୁ ଟଙ୍କା ବାହାରି ନ ଥିଲା। ଜଣେ ଯୁବକ ସାହାଯ୍ୟ କରିବା ବାହାନାରେ ତାଙ୍କ ଏଟିଏମ କାର୍ଡ ନେଇ ଏକ ନକଲି ଏଟିଏମ କାର୍ଡ ତାଙ୍କୁ ଫେରାଇଥିଲା। ଶିକ୍ଷକ ଶ୍ରୀ ଜେନା ତାଙ୍କ କାର୍ଡ ବଦଳି ଯାଇଥିବା କଥା ଜାଣିପାରି ନ ଥିଲେ। ଦୁର୍ବୃତ୍ତ ଜଣକ ତାଙ୍କ ଏଟିଏମ ବ୍ୟବହାର କରି ବିଭିନ୍ନ ସ୍ଥାନରେ ଶପିଙ୍ଗ୍ କରିବା ସହ ୯ ଥରରେ ମୋଟ ୧ ଲକ୍ଷ ୬ ହଜାର ଟଙ୍କା ଉଠାଇନେଇଛି।

● ବାରିପଦାରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ପକ୍କାଘର

# ୬୧ ହିତାଧିକାରୀଙ୍କୁ ପିଏମ୍‌ଏୱାଇ-ୟୁ ୨.୦ କାର୍ଯ୍ୟାଦେଶ



ବାରିପଦା/ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ): ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଏକ ସୁରକ୍ଷିତ ଏବଂ ସ୍ଥାୟୀ (ପକ୍କା) ଘର ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ବାରିପଦା ପୌରପାଳିକା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)- ପିଏମ୍‌ଏୱାଇ-ୟୁ ୨.୦ ଅଧୀନରେ ୬୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ଡ. ମହାପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ସହରାଞ୍ଚଳର ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ମୁଣ୍ଡ ଉପରେ ଏକ ସୁରକ୍ଷିତ ଛାତ ସୁନିଶ୍ଚିତ କରିବା ଓ ସେମାନଙ୍କ ଜୀବନଶୈଳୀରେ ସୁଧାର ଆଣିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରେ ରହିଛି। ରାଜ୍ୟର ପ୍ରତ୍ୟେକ ପରିବାର ପାଇଁ ଏକ ସ୍ଥାୟୀ ଘରର ସ୍ୱପ୍ନ ସାକାର ହେବା ଉଚିତ। କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ଏଥିରୁ ବଞ୍ଚିତ ନ ହେବେ, ସେଥିପାଇଁ ସରକାର ସମ୍ମିଳିତ ପ୍ରୟାସ କରୁଛନ୍ତି ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି।

କାର୍ଯ୍ୟାଦେଶ ପାଇଥିବା ୬୧ ଜଣ ହିତାଧିକାରୀ ପରିବାରକୁ ଶୁଭେଚ୍ଛା ଜଣାଇ ସେ ଆଶା ପ୍ରକଟ କରିଛନ୍ତି ଯେ ସେମାନଙ୍କର ଏହି ନୂତନ ଗୃହ ସେମାନଙ୍କ ଜୀବନରେ ଖୁସି, ସମ୍ମାନ ଓ ଏକ ଉନ୍ନତ ଜୀବନମାନ ନେଇ ଆସିବ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ କଲ୍ୟାଣମୂଳକ ଯୋଜନାର ସୁଫଳ ଯେପରି ସ୍ୱଚ୍ଛ ଓ ଦକ୍ଷତାର ସହ ତୃଣମୂଳ ସ୍ତରରେ ପହଞ୍ଚିପାରିବ, ତାହା ସୁନିଶ୍ଚିତ କରି ସମାବେଶୀ ସହରୀ ବିକାଶ ଏବଂ ସାମାଜିକ-ଅର୍ଥନୈତିକ ସଶକ୍ତିକରଣକୁ ତ୍ୱରାନ୍ୱିତ କରିବାରେ ପିଏମ୍‌ଏୱାଇ-ୟୁ ୨.୦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

● ବାରିପଦାରେ ସଡ଼କ ଦୁର୍ଘଟଣା

# ଚିକିତ୍ସା ଅବହେଳାରୁ ଚାଲିଗଲା ଅମୂଲ୍ୟ ଜୀବନ: ବିଜେଡି



ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ): ବିଜେପି ସରକାର ଓଡ଼ିଶାବାସୀଙ୍କ ପାଇଁ କାଳ ସାଜିଛି। ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାର ଏକ ଜ୍ୱଳନ୍ତ ଚିତ୍ର ଗତକାଲି ସନ୍ଧ୍ୟାରେ ବାରିପଦାରେ ଘଟିଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି। ଦୁର୍ଘଟଣାରେ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଗୋଟିଏ ଅମୂଲ୍ୟ ଜୀବନ ହାନିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି।

ଆଜି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ବିଜେପି ସରକାରର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଏକ ଅମୂଲ୍ୟ ଜୀବନ ଚାଲିଗଲା। ବିଜେଡି ସରକାର ସମୟରେ ବାରିପଦାସ୍ଥିତ ରଙ୍ଗାମାଟିଆଠାରେ ନୂତନ ହସ୍ପିଟାଲ୍ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହାକୁ ଗତ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଗତ ସାଧାରଣ ନିର୍ବାଚନରେ ବିଜେପି କ୍ଷମତାକୁ ଆସିବା ପରେ ଏହାକୁ ସମ୍ପୂର୍ଣ୍ଣ ନ କରି ବନ୍ଦ ରଖିଥିଲା। ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ରଙ୍ଗ ମାରି ଲୋକଦେଖାଣିଆ ଭାବେ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରିଛନ୍ତି। କିନ୍ତୁ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ରୋଗ ନିରୂପଣ ପାଇଁ ରଙ୍ଗମାଟିଆରୁ ପ୍ରାୟ ୧୫ କିମି ଦୂର ବାରିପଦାସ୍ଥିତ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି। ଉକ୍ତ ସମସ୍ତ କାର୍ଯ୍ୟ ପାଇଁ ୨ରୁ ୩ ଘଣ୍ଟା ସମୟ ଲାଗୁଥିବାରୁ ଗତକାଲି ଦୁର୍ଘଟଣାରେ ଗୁରୁତର ଆହତମାନଙ୍କୁ ସଠିକ୍ ଚିକିତ୍ସା ସୁବିଧା ନ ମିଳିବାରୁ ଜଣଙ୍କ ଜୀବନ ଚାଲିଗଲା ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

# ଶ୍ରୀଲିପ୍ତା ପ୍ରିଣ୍ଟ୍ ମିଡିଆ ଓ 'ଅପରାହ୍ନ'ର ପୁସ୍ତକ ଉନ୍ମୋଚନ ଉତ୍ସବ



ଭୁବନେଶ୍ୱର/ପାରଳାଖେମୁଣ୍ଡି, ୪।୭(ସଂଚାର ବ୍ୟୁରୋ): ବାଲେଶ୍ୱରର ଶ୍ରୀଲିପ୍ତା ପ୍ରିଣ୍ଟ୍ ମିଡିଆ ଓ ଦୈନିକ ଖବରକାଗଜ 'ଅପରାହ୍ନ' ପକ୍ଷରୁ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନ ପରିସରରେ 'ଅପରାହ୍ନ' ସମ୍ପାଦକ ବଂଶୀଧର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଉଦ୍‌ଘାଟକ ଭାବେ ବରିଷ୍ଠ କବି ତଥା ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ, ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ଭୁବନେଶ୍ୱର, ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ, ବରେଣ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ମନୀନ୍ଦ୍ର କୁମାର ମେହେର, ବରେଣ୍ୟ ବକ୍ତା ଭାବେ ବରିଷ୍ଠ କବି ଡକ୍ଟର ରକ୍ଷକ ନାୟକ, ବରେଣ୍ୟ ବକ୍ତା ଭାବେ ସାହିତ୍ୟିକ କାଳୀ କିଙ୍କର ଦାସ, ବରିଷ୍ଠ ସାହିତ୍ୟିକ ଭଗବାନ ଦାସ ଓ ଶ୍ରୀଲିପ୍ତା ପ୍ରିଣ୍ଟ ମିଡିଆ ଓ 'ଅପରାହ୍ନ'ର ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ ଯୋଗଦେଇଥିଲେ।

ଏହି ଅବସରରେ ଶ୍ରୀଲିପ୍ତା ପ୍ରିଣ୍ଟ ମିଡିଆ ପକ୍ଷରୁ ୨୦୨୬ରେ ପ୍ରକାଶିତ ୮୪ଟି ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ବରିଷ୍ଠ ସାହିତ୍ୟିକ, କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାରସ୍ୱତ ସାଧକ, ସାମ୍ବାଦିକ, ସମାଜସେବୀ, ଶିକ୍ଷାବିତ୍, ସଂଯୋଜକ/ସଂଯୋଜିକା ଯୋଗ ଦେଇଥିଲେ। ଅତିଥିମାନେ ସାହିତ୍ୟିକ ତଥା ଔପନ୍ୟାସିକ ଫକୀର ମୋହନ ସେନାପତିଙ୍କ ପ୍ରତିଛବି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଫକୀରମୋହନ ସେନାପତିଙ୍କର ଅଣନାତୁଣୀ ଡ. ମୋନିକା ଦାସ ଯୋଗଦେଇଥିଲେ। ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡକ୍ଟର ପ୍ରଦୀପ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସଂଯୋଜିକାମାନେ ଯୋଗଦେଇଥିବା ବେଳେ ସ୍ତମ୍ଭକାର ତଥା ସାମାଜିକ କର୍ମୀ ପ୍ରମୋଦ କିଶୋର ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା।

# ରୋଟାରୀ କ୍ଲବ୍ ମିଡୋଜର ଅଧିଷ୍ଠାନ ଦିବସ




ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ): ସ୍ଥାନୀୟ ପ୍ରାଚୀ ହୋଟେଲଠାରେ ଅନୁଷ୍ଠିତ ଏକ ଚିତ୍ତାକର୍ଷକ ଉତ୍ସବରେ ରୋଟାରୀ କ୍ଲବ୍‌ର ନୂତନ ସଭାପତି ଓ ସମ୍ପାଦକ ରୂପେ ରୋଟାରିଆନ ବିକାଶ ଗରାବଡୁ ଓ ଦୀପକ ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଆଗାମୀ ବର୍ଷ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ସହ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତଃପାଳ ରୋଟାରିଆନ ଅନୀଲ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଶିବାନାରାୟଣ ମହାପାତ୍ର ଓ କ୍ଲବ ପରାମର୍ଶଦାତା ତଥା ପୂର୍ବତନ ରୋଟାରୀ ପ୍ରାନ୍ତଃପାଳ ରୋଟାରିଆନ ଅଶ୍ୱିନୀ କର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରୋଟାରିଆନ ଈଶା ମିଶ୍ର ପରିଚାଳନା କରିଥିଲେ।

# ଠକେଇ ମାମଲାରେ ଥାନାର ଦ୍ୱାରସ୍ଥ ହେଲେ ବିଧାୟକ

ବାସୁଦେବପୁର,୪।୭(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ବାସୁଦେବପୁର ବିଧାୟକ ତଥା ବିରୋଧୀ ଦଳର ଉପନେତା ଅଶୋକ କୁମାର ଦାସଙ୍କ ଫୋନ୍ ନମ୍ବରକୁ ସାଇବର ଠକ ହ୍ୟାକ କରି ତାଙ୍କ ଆତ୍ମୀୟ ଓ ସମର୍ଥକଙ୍କଠାରୁ ଅର୍ଥ ନେବା ପାଇଁ ଯୋଜନା ଘଟଣା ଶନିବାର ପଦାକୁ ଆସିଛି। ଏନେଇ ବିଧାୟକ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ମତ ରଖିଛନ୍ତି। ଏପରିକି ସାଇବର ଠକଙ୍କ ସମର୍ଥକ ଓ ଆତ୍ମୀୟଙ୍କଠାରୁ ଯେଉଁ ଅର୍ଥ ନେବାକୁ ଉଦ୍ୟମ କରିଛନ୍ତି, ତାଙ୍କୁ କେହି ସହଯୋଗ କରନ୍ତୁ ନାହିଁ କି ଗୋଟିଏ ବି ଟଙ୍କା ଦିଅନ୍ତୁ ନାହିଁ ବୋଲି ବିଧାୟକ ସର୍ବସାଧାରଣ ଓ ସମର୍ଥକଙ୍କୁ ନିବେଦନ କରିଛନ୍ତି।ବିଧାୟକ ଭୁବନେଶ୍ୱରରେ ଥିବା ବେଳେ ସାଇବର ଠକମାନେ ଯୋଜନାବଦ୍ଧ ଭାବେ ଓଡ଼ିଶା ବିଧାନସଭାର କିଛି ଦରକାରୀ ଦସ୍ତାବିଜ (କାଗଜପତ୍ର) କୋରିୟର ମାଧ୍ୟମରେ ଆସିଛି କହି ବିଧାୟକଙ୍କ ଲୋକେସନ୍‌ର ଠିକଣା ମାଗିଥିଲେ। ଓଟିପି ଦେଲେ କୋରିୟର ବୟ ତାଙ୍କ ପାଖରେ ଲୋକେସନ ଜାଣି ତାଙ୍କ ନାମରେ ଆସିଥିବା ଡକ୍ୟୁମେଣ୍ଟ ପହଞ୍ଚାଇଦେବ ବୋଲି ବିଶ୍ୱାସ ଜନ୍ମାଇ ଓଟିପି ନେବା ପରେ ଏପରି ଠକାମୀ ଉଦ୍ୟମ କରିଛନ୍ତି। କିଛି ସମୟ ପରେ ବିଧାୟକ ନିଜ ଲୋକଙ୍କଠାରୁ ଏହି ଠକାମି ବାବଦରେ ଜାଣିବା ପରେ ସାଇବର ଥାନାକୁ ଯାଇ ପୁଲିସର ସହାୟତା ଲୋଡ଼ିଛନ୍ତି।


ଦ୍ୱାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୨୬.୦୧.୧୯୩୫
ତିରୋଧାନ: ୨୪.୦୬.୨୦୨୬

✓ଡଃ ରମେଶ ଚନ୍ଦ୍ର ମିଶ୍ର

ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି, ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-

ଧର୍ମପତ୍ନୀ- ସୁଷମା, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ସହ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।


ବାତ୍ୟା ପ୍ରତିରୋଧି ବିଦ୍ୟୁତ ଭିତ୍ତିଭୂମି ପ୍ରକଳ୍ପକୁ କେନ୍ଦ୍ରର ପ୍ରତ୍ୟାଖ୍ୟାନ

# ଓଡ଼ିଶାର ଉତ୍କଟ ବିଦ୍ୟୁତ ସମସ୍ୟା ଦୂର ପାଇଁ କେନ୍ଦ୍ର ସହଯୋଗ ଜରୁରୀ

ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ): ଓଡ଼ିଶା ସରକାର ପଠାଇଥିବା ୯୭୫୬ କୋଟି ଟଙ୍କା ବାତ୍ୟା ପ୍ରତିରୋଧି ବିଦ୍ୟୁତ ପ୍ରକଳ୍ପ ପ୍ରସ୍ତାବକୁ କେନ୍ଦ୍ର ନାମଞ୍ଜୁର କରିଦେଇଛି। ଏଥିପାଇଁ ପୂର୍ବତନ ପ୍ରାୟ ୩୬ ହଜାର କୋଟି ଟଙ୍କାର ପ୍ରକଳ୍ପ ରିପୋର୍ଟ କେନ୍ଦ୍ରକୁ ଦେଇଛନ୍ତି। କେନ୍ଦ୍ର ସରକାର ଏପରି ଜନସ୍ୱାର୍ଥ ପ୍ରସ୍ତାବଗୁଡ଼ିକୁ ନାମଞ୍ଜୁର କରିବା ଅର୍ଥ କେନ୍ଦ୍ର ସରକାର ସାମ୍ବିଧାନିକ ଦାୟିତ୍ୱରୁ ଓହରିଯାଇଛନ୍ତି କହିଛନ୍ତି ଶକ୍ତି ସମୀକ୍ଷକ।

ଭାରତର ସଂଘୀୟ ବ୍ୟବସ୍ଥାରେ ସମସ୍ତ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ରାଜ୍ୟର ସମତୁଲ ବିକାଶକୁ ଗୁରୁତ୍ୱ ଦେଇ ଦେଶର ବିକାଶ ପାଇଁ ଶାସନ କାମ ପରିଚାଳନା କରିବା କେନ୍ଦ୍ର ସରକାରଙ୍କର ଏକ ସାମ୍ବିଧାନିକ ଦାୟିତ୍ୱ। କିନ୍ତୁ ଘରୋଇ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକ ଜନମଙ୍ଗଳ ପାଇଁ ପୁଞ୍ଜି ବିନିଯୋଗ କରିପାରିବେ ନାହିଁ ବୋଲି ସରକାର ଜାଣି ବି ଅଜଣା ହୋଇଛନ୍ତି। ଓଡ଼ିଶାର ଖଣି ଖାଦାନ ଭାରତର ସମୁଦାୟ ଷ୍ଟିଲ, ଆଲୁମିନିୟମ ଓ ନିକେଲ ଆବଶ୍ୟକତାର ପ୍ରାୟ ୭୫ ପ୍ରତିଶତ ପୂରଣ କରୁଥିବା ବେଳେ ଅର୍ଥନୈତିକ ପ୍ରଗତିରେ (ମୁଣ୍ଡପିଛା ଆୟ) ବହୁତ ପଛରେ ପଡ଼ିଯାଇଛି।

ଓଡ଼ିଶାରୁ ପ୍ରଚୁର ପରିମାଣର କୋଇଲା ଓ ବିଦ୍ୟୁତ ଉତ୍ପାଦନ ହୋଇ ଦେଶର ବିଦ୍ୟୁତ ଚାହିଦା ପୂରଣ ହେଉଥିବା ବେଳେ ଓଡ଼ିଶାର ବିଦ୍ୟୁତ ଚାହିଦା ବୃଦ୍ଧି ଗତ ପାଞ୍ଚ ବର୍ଷରେ ଦେଶରେ ସର୍ବନିମ୍ନ ୨୦ ପ୍ରତିଶତ ରହିଛି। ବିଦ୍ୟୁତ ଚାହିଦା ଅଭିବୃଦ୍ଧିରେ ଜାତୀୟ ହାର ୩୭ ପ୍ରତିଶତ ରହିଥିବା ବେଳେ ଗୁଜରାଟ ଭଳି ରାଜ୍ୟର ୪୬ ପ୍ରତିଶତ ହୋଇଛି। ଓଡ଼ିଶାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସହ ବାଣିଜ୍ୟ ଅନୁଷ୍ଠାନଗୁଡ଼ିକର ମୁଣ୍ଡପିଛା ବିଦ୍ୟୁତ ବ୍ୟବହାର ମାତ୍ର ୮୧ ୟୁନିଟ ହୋଇଥିବା ବେଳେ ଜାତୀୟ ହାର ରହିଛି ୧୫୬ ୟୁନିଟ। ଏଥିରୁ ଓଡ଼ିଶାର ଉତ୍କଟ ବେକାରି ସମସ୍ୟା ସହଜରେ ଅନୁମେୟ। ଆତ୍ମନିର୍ଭରଶୀଳ ଦିଗରେ ବିଦ୍ୟୁତ ସମସ୍ୟା ପ୍ରତିବନ୍ଧକ ହୋଇଛି। ତେବେ ୧୯୯୯ ମହାବାତ୍ୟା ଭଳି ଦୁର୍ବିପାକ ଅନ୍ୟ କୌଣସି ରାଜ୍ୟରେ ଘଟି ନଥିବା ବେଳେ ୨୦୧୨ରୁ ଓଡ଼ିଶା ଲୋକ ପ୍ରାୟ ୧୦ଟି ଭୀଷଣ ବାତ୍ୟା ସହ୍ୟ କରିଛନ୍ତି। ସେଥିପାଇଁ ଓଡ଼ିଶା ବିଦ୍ୟୁତ ଭିତ୍ତିଭୂମି ଯଥେଷ୍ଟ ଦୁର୍ବଳ ହୋଇଯାଇଛି। ଏପରି ଦୈବୀଦୁର୍ବିପାକ ପରିସ୍ଥିତି ଭାରତର ଅନ୍ୟ କୌଣସି ରାଜ୍ୟରେ ଦେଖାଯାଇନାହିଁ। ଓଡ଼ିଶାର ବିଦ୍ୟୁତ ବିଭ୍ରାଟ ପରିମାଣ ଜାତୀୟ ହାରଠାରୁ ଢେର ଅଧିକ ରହିଥିବା ବେଳେ ରାଜ୍ୟର ଗଭୀର ବିଦ୍ୟୁତ ସଙ୍କଟ ପାଇଁ ଯୁବକଯୁବତୀମାନେ ଆତ୍ମନିର୍ଭରଶୀଳ ହୋଇ ପାରୁନାହାନ୍ତି। ତେଣୁ ଭାରତର ସମତୁଲ ବିକାଶକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଆବଶ୍ୟକୀୟ ବାତ୍ୟା ପ୍ରତିରୋଧି ବିଦ୍ୟୁତ ଭିତ୍ତିଭୂମି ନୀତି ପ୍ରଣୟନ କରାଗଲେ ଓଡ଼ିଶା ବିକାଶ ପାଇଁ ଆବଶ୍ୟକ ଥିବା ୪୬ ହଜାର କୋଟି ଟଙ୍କାର ବାତ୍ୟା ପ୍ରତିରୋଧି ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ ହେବା ସହ ବିଦ୍ୟୁତ ବିଭ୍ରାଟ ସମସ୍ୟା ଦୂର ହୋଇପାରିବ। ଏହାଦ୍ୱାରା ଓଡ଼ିଶାର ଯୁବକଯୁବତୀମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ସୁଯୋଗ ମଧ୍ୟ ସୃଷ୍ଟି ହେବ।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ରବିବାର ୫ ଜୁଲାଇ ୨୦୨୬, ଭୁବନେଶ୍ୱର
Sunday 5 July 2026, Bhubaneswar

# ମମତା ବାନାର୍ଜୀଙ୍କୁ ଭୟ ଘାସଫୁଲ

ଭାରତୀୟ ରାଜନୀତିରେ ଦଳୀୟ ପ୍ରତୀକ କେବଳ ଏକ ନିର୍ବାଚନୀ ଚିହ୍ନ ନୁହେଁ, ବରଂ ଏହା ଦଳର ପରିଚୟ, ପରମ୍ପରା ଏବଂ ଜନବିଶ୍ୱାସର ପ୍ରତୀକ। କୌଣସି ଦଳ ପାଇଁ ନିଜର ସ୍ୱୀକୃତ ପ୍ରତୀକକୁ ଅକ୍ଷୁର୍ଣ୍ଣ ରଖିବା ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ, ଯଦି କୌଣସି ବଡ଼ ରାଜନୈତିକ ଦଳ କ୍ରମାଗତ ନିର୍ବାଚନୀ ବିଫଳତାର ସମ୍ମୁଖୀନ ହୁଏ, ତେବେ ତାହାର ସ୍ୱୀକୃତି ଓ ପ୍ରତୀକକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିପାରେ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ



ତୃଣମୂଳ କଂଗ୍ରେସକୁ ନେଇ ମଧ ଏପରି ଚର୍ଚ୍ଚା ଶୁଣିବାକୁ ମିଳୁଛି।

ତଥାପି, କେବଳ ଗୋଟିଏ ବିଧାନସଭା ନିର୍ବାଚନରେ ପରାଜୟ ହେବାମାତ୍ରରେ କୌଣସି ଜାତୀୟ କିମ୍ବା ରାଜ୍ୟ ସ୍ୱୀକୃତ ଦଳ ତାହାର ନିର୍ବାଚନୀ ପ୍ରତୀକ ହରାଇଦିଏ ବୋଲି କହିବା ଠିକ ନୁହେଁ। ଭାରତର ନିର୍ବାଚନ ଆୟୋଗ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଦଳର ସ୍ୱୀକୃତି ଏବଂ ପ୍ରତୀକ ସମ୍ପର୍କିତ ନିଷ୍ପତ୍ତି ନିଆଯାଏ। ଭୋଟ ପ୍ରତିଶତ, ବିଧାୟକ କିମ୍ବା ସାଂସଦଙ୍କ ସଂଖ୍ୟା ଓ ଅନ୍ୟାନ୍ୟ ମାନଦଣ୍ଡ ଆଧାରରେ ଏହି ସ୍ୱୀକୃତିର ସମୀକ୍ଷା କରାଯାଏ। ତେଣୁ କେବଳ ପରାଜୟ ହେଲେ ପ୍ରତୀକ ହରାଇବା ନିଶ୍ଚିତ ବୋଲି ଧାରଣା କରିବା ତଥ୍ୟଭିତ୍ତିକ ହେବ ନାହିଁ।

ଏହା ସତ୍ୟ ଯେ ନିର୍ବାଚନୀ ପରାଜୟ ଯେକୌଣସି ଦଳ ପାଇଁ ଆତ୍ମସମୀକ୍ଷାର ସୁଯୋଗ ସୃଷ୍ଟି କରେ। ଯଦି ଲଗାତାର ଜନସମର୍ଥନ କମିଯାଏ, ସଂଗଠନ ଦୁର୍ବଳ ହୁଏ ଏବଂ ନିର୍ବାଚନ ଆୟୋଗଙ୍କ ମାନଦଣ୍ଡ ପୂରଣ କରିବାରେ ଦଳ ବିଫଳ ହୁଏ, ତେବେ ସ୍ୱୀକୃତି ଓ ପ୍ରତୀକକୁ ନେଇ ପ୍ରଶ୍ନ ଉଠିପାରେ। ଏହି କାରଣରୁ ଯେକୌଣସି ରାଜନୈତିକ ଦଳ ପାଇଁ ସଂଗଠନକୁ ସୁଦୃଢ଼ କରିବା, ଜନସାଧାରଣଙ୍କ ସହ ଯୋଗାଯୋଗ ବଢ଼ାଇବା ଏବଂ ଜନଆକାଂକ୍ଷାକୁ ପ୍ରାଧାନ୍ୟ ଦେବା ଅତ୍ୟନ୍ତ ଜରୁରୀ।

ମମତା ବାନାର୍ଜୀ ଭାରତୀୟ ରାଜନୀତିର ଜଣେ ପ୍ରଭାବଶାଳୀ ନେତ୍ରୀ। ସେ ଦୀର୍ଘ ଦିନ ଧରି ନିଜ ଦଳକୁ ନେତୃତ୍ୱ ଦେଇଆସୁଛନ୍ତି ଏବଂ ଅନେକ କଠିନ ରାଜନୈତିକ ପରିସ୍ଥିତିକୁ ସାମ୍ନା କରିଛନ୍ତି। କୌଣସି ନିର୍ବାଚନର ଫଳାଫଳ ତାଙ୍କର ରାଜନୈତିକ ଭବିଷ୍ୟତର ଏକମାତ୍ର ନିର୍ଣ୍ଣାୟକ ନୁହେଁ। ଲୋକତନ୍ତ୍ରରେ ଜନମତ ସମୟ ସହିତ ପରିବର୍ତ୍ତନଶୀଳ ଓ ପ୍ରତ୍ୟେକ ନିର୍ବାଚନ ନୂଆ ସୁଯୋଗ ନେଇ ଆସେ।

ଏହି ପରିସ୍ଥିତିରେ ରାଜନୈତିକ ଦଳମାନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଜନବିଶ୍ୱାସକୁ ବଜାୟ ରଖିବା। ଦଳୀୟ ପ୍ରତୀକ ସେତେବେଳେ ମଜବୁତ ରହେ, ଯେତେବେଳେ ତାହା ପଛରେ ଦୃଢ଼ ସଂଗଠନ, ସ୍ପଷ୍ଟ ନୀତି ଏବଂ ଜନସମର୍ଥନ ରହିଥାଏ। ତେଣୁ ଯେକୌଣସି ରାଜନୈତିକ ଦଳ ପାଇଁ ପ୍ରକୃତ ଆହ୍ୱାନ ପ୍ରତୀକକୁ ବଞ୍ଚାଇ ରଖିବା ନୁହେଁ, ବରଂ ଜନତାଙ୍କ ବିଶ୍ୱାସ ଓ ସମର୍ଥନକୁ ଅତୁଟ ରଖିବା।

ଶେଷରେ କୁହାଯାଇପାରେ ଯେ ନିର୍ବାଚନୀ ପରାଜୟ ପରେ କୌଣସି ଦଳ ପ୍ରତୀକ ହରାଇବ ବୋଲି ସରଳ ନିଷ୍କର୍ଷରେ ପହଞ୍ଚିବା ଉଚିତ ନୁହେଁ। ଏହା ନିର୍ବାଚନ ଆୟୋଗଙ୍କ ନିୟମ ଓ ନିର୍ଦ୍ଧାରିତ ମାନଦଣ୍ଡ ଉପରେ ନିର୍ଭର କରେ। ରାଜନୀତିରେ ଉତ୍ଥାନ-ପତନ ସ୍ୱାଭାବିକ, କିନ୍ତୁ ଜନସମର୍ଥନ, ସଂଗଠନର ଶକ୍ତି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାର ହିଁ କୌଣସି ଦଳର ପ୍ରକୃତ ପରିଚୟ ଓ ଦୀର୍ଘସ୍ଥାୟୀ ଶକ୍ତିର ଆଧାର। ଶୁକ୍ରବାର ବିଦ୍ରୋହୀ ଋତବ୍ରତ ବାନାର୍ଜୀ ଗୋଷ୍ଠୀ କୋଲକାତାରେ ଥିବା ଟିଏମସି ମୁଖ୍ୟାଳୟ କବଜା କରିଛି। ମମତା ବାନାର୍ଜୀଙ୍କ ହାତରୁ ଦଳୀୟ କାର୍ଯ୍ୟାଳୟ ଚାଲିଯାଇଛି। ଗୁରୁବାର ଋତବ୍ରତ ଦଳୀୟ ଚିହ୍ନ ଏବଂ ନାଁ ନିଜର ବୋଲି ନିର୍ବାଚନ ଆୟୋଗଙ୍କ ନିକଟରେ ଦାବି କରିବା ପରେ ଆଜି ଟିଏମସି ମୁଖ୍ୟାଳୟକୁ ନିଜ ନିୟନ୍ତ୍ରଣକୁ ନେଇଥିବା ଜଣାପଡ଼ିଛି। ଋତବ୍ରତଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ହଠାତ୍ କୋଲକାତାସ୍ଥିତ ଟିଏମସିର ପ୍ରମୁଖ କାର୍ଯ୍ୟାଳୟକୁ ନିଜ ଅଧୀନକୁ ନେଇଛନ୍ତି। ଏହି ପଦକ୍ଷେପ ଦଳର ସର୍ବୋଚ୍ଚ ନେତୃତ୍ୱ ବିଶେଷ କରି ମମତା ବାନାର୍ଜୀଙ୍କ କ୍ଷମତା ପ୍ରତି ଏକ ସିଧାସଳଖ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

# ଦେବତାଙ୍କ ପ୍ରତିନିଧି



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆମେ ଜାଣୁଛେ, ଆମ ଦେଖୁଛେ, କର୍ମକାଣ୍ଡରେ ପୁରୋହିତମାନେ ଏକ ସୁଦୃଶ ଗୋଟା ଗୁଆକୁ ପୂଜାରେ ପିତୃଶ୍ରାଦ୍ଧରେ ବା ଦେବପୂଜାରେ ପୁରୋହିତଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ବରଣରେ ମାଧମ କରିଥାନ୍ତି। ପୂଜା ଆସ୍ଥାନରେ ଆହୁତ ଦେବ, ଗ୍ରହ, ମାତୃକାଗଣ, ବାସ୍ତୁ, ଦିଗପାଳଙ୍କ ପ୍ରତିନିଧି ରୂପେ ଏକ ଏକ ଗୁଆ ସ୍ଥାପନ କରୁଛନ୍ତି, ବନ୍ଧୁ ନିମନ୍ତ୍ରଣରେ ସୁପାରୀ ଚାଲାଣ ରହିଛି, ପୂଜାପର୍ବରେ ମୁଖ୍ୟ ଦ୍ୱାର ବା ଫାଟକରେ ପୂର୍ଣ୍ଣକୁମ୍ଭ ଦ୍ୱାରପାଳ ପ୍ରତିନିଧି ଆକାରରେ ବସୁଛି, ନିର୍ବନ୍ଧ ସ୍ୱୀକାର କାର୍ଯ୍ୟରେ ଦୁଇ ପକ୍ଷ ଏହା ପ୍ରସାନ (ଜଗନ୍ନାଥଙ୍କ ନିର୍ମାଲ୍ୟ) କୁ ଛୁଇଁ ହାତରେ ଧରି ଏକ ଦେବ ରାଣ ଶପଥ ଉଚ୍ଚ ସ୍ୱରରେ କରିବା ଦେଖାଯାଏ। ନିର୍ମାଲ୍ୟ ହିଁ ଅନ୍ନ ବ୍ରହ୍ମ ସେ ତତ୍କାଳ ତତ୍କାଳୀନ ଘଟଣାର ଦେବ ପ୍ରତିନିଧି ସାକ୍ଷୀ। ସତ୍ୟମ ମଧ ନାଦ, ସତ୍ୟମ-ଶିବମ-ସୁନ୍ଦରମ, ଯେ ନାଦ ବ୍ରହ୍ମଙ୍କ ଅଭିନ୍ନ ଅଂଶ ତାର ଆଦ୍ୟାଂଶ ବହୁଜନ ଶ୍ରାବଣ ଉଦ୍ଦେଶ୍ୟରେ ହଳପ କରି ଉଚ୍ଚାରଣ କରନ୍ତି। ଦେବାଦେବୀ ପୂଜାରେ କଳସ ବୁଡ଼ାଜଳ ତୋଳା ଏକ ନଦୀ ବା ପୁଷ୍କରିଣୀରେ କରାଯାଏ। ଏଠାରେ ଗଙ୍ଗାଦି ସରିତା ମାତାଙ୍କର ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଓକିଲ, ଅଦାଲତରେ ଜବାବ ସୱାଲ କରନ୍ତି।

ରାଜନେତା ଦେଶର ଘଟଣା ବଳିରେ ଲୋକ ସମସ୍ୟା ଦର୍ଶାଇ ଜନମତ ନିର୍ବାଚନରେ ଲଢ଼ିଜିତି ଲୋକ ପ୍ରତିନିଧି ହେଉଛନ୍ତି। ମନ୍ତ୍ରୀମାନେ କଣ ଯୋଜନା ହୋଇଜନତାଙ୍କ ଉପକାରରେ ଲାଗି ଉନ୍ନତି ହେବ ତାହା ଦର୍ଶାଇ ଦେଶ ବା ରାଜ୍ୟ ଉନ୍ନତି ମାର୍ଗୀ ପ୍ରତିନିଧି। ପ୍ରତି ସ୍ଥାନର ପୁଲିସ ପ୍ରଶାସନ ଲୋକଙ୍କୁ ଆତଙ୍କ ଭୟ, ତ୍ରାସର ତ୍ରାଣକାରୀ ସରକାରୀ ପ୍ରତିନିଧି, ଆଇନ ଅଦାଲତ ବିଚାର ବିଭାଗ ଏସବୁ ଲୋକଙ୍କୁ ସାମ୍ବିଧାନିକ ସଙ୍କଟ, ମୌଳିକ ଅଧିକାରରେ ଅଭୟ ଦେବା ପ୍ରତିନିଧି। ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହାତଧାରିବା ଦିନରୁ ରକ୍ଷା କବଚ ଏ ସମାଜ ମାନ୍ୟତା, ସ୍ତ୍ରୀର ସ୍ୱାମୀର ଧର୍ମପତ୍ନୀ, ହେଲେ ସ୍ୱାମୀ ବିପଥଗାମୀରେ ରୋକ ଲଗାଇ ତାଙ୍କୁ ପୁନଃ ମୂଳ ସ୍ରୋତକୁ ଆଣିବା ଦାୟିତ୍ୱ



ପ୍ରତ୍ୟେକ ବିବାହିତା ପତ୍ନୀଙ୍କ ରହିଛି, କ୍ଷମା ଦମ୍ପତିଙ୍କ ଧେୟ। ଏମାନେ ପ୍ରଜାପତି ବ୍ରହ୍ମାଙ୍କ ମର୍ତ୍ତ୍ୟଲୋକ ପ୍ରତିନିଧି। ଗୁରୁମାନେ ଦୈବଗୁରୁଙ୍କ ପ୍ରତିନିଧି, ଶିଷ୍ୟ ଛାତ୍ର ମାନଙ୍କୁ ସାମାଜିକ, ବିଦ୍ୱାନ, ଉପାର୍ଜନ କ୍ଷେମ ଓ ସତକର୍ମ କରି ଦେଶ ଓ ଦଶଙ୍କର ଉପକାର କରିବା ସୁନାମ ରଖିବା ପାଇଁ ଚେଷ୍ଟା କରିବା ତାଙ୍କ ଦାୟିତ୍ୱ। ସାମ୍ବାଦିକତା ହେଉଛି ଦେବର୍ଷି ନାରଦଙ୍କ ପ୍ରତିନିଧି କାର୍ଯ୍ୟ, ଟିଭି ସମ୍ବାଦ ପାଠକ ବା କଥକ, ଲୋକଙ୍କୁ ଧୃତରାଷ୍ଟ୍ର (ରାଷ୍ଟ୍ରକୁ ଯେ ଧରି ରଖିଛନ୍ତି) ସର୍ବତ୍ର ଦ୍ୱିଦଳ ଶାସନରେ ଥିବା ଦଳ ଓ ବିରୋଧୀ ଦଳ ବା ମାଲିକ ନୌକର ବା ଧନୀ ଦରିଦ୍ର ବା କୋଣ ଅନୁକୋଣ ଖବର ଯେ କହୁଛନ୍ତି ସେ ସଞ୍ଜୟଙ୍କ ପ୍ରତିନିଧି, ଏହି ଦୁଇ ପ୍ରତିନିଧି ଦେଶ କଣ ସାରା ପୃଥିବୀରେ ଚାହିଁଲେ ଶାନ୍ତି ସତ୍ୟ ରଖି ପାରିବେ। କୁବେର ପ୍ରତିନିଧି ବ୍ୟାଙ୍କ ମାନେ ଠିକ ଅର୍ଥନୀତିର ପରିଚାଳନାରେ ଲୋକେ ପରିଶ୍ରମକରି ସୁଖରେ ରହିପାରନ୍ତି। ପ୍ରାକୃତିକ ଦୁର୍ବିପାକରେ ବ୍ୟାଙ୍କ ମାନେ ଉଦାର, ନୀତି ଧରିଲେ ପୁନଃ ସଂସାର ନୂଆ ହୋଇ ଠିଆ ହୋଇ ପାରିବ। ଅନ୍ନପୂର୍ଣ୍ଣା ଶକ୍ତି ସବୁ ଘରର ମା-ଭଉଣୀମାନେ, ସେମାନେ ମିତବ୍ୟୟୀ ହୋଇ ପରିବାରକୁ ସ୍ୱ ସ୍ୱାମୀ ପୁତ୍ର ଭାଇଙ୍କୁ ସତପଥରେ ରହି ରୋଜଗାର କରିବାକୁ ପ୍ରବର୍ତ୍ତାଇଲେ ଓ ଅତିଥି ଅଭ୍ୟାଗତଙ୍କୁ ଯଥାଶକ୍ତି ସେବା କଲେ ଗୃହ ଅନ୍ନପୂର୍ଣ୍ଣା ଆଳୟ ହୋଇଯିବ।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩**

# ଅଣସର ସମୟରେ ଶ୍ରୀମନ୍ଦିରରେ ପଟିଦିଅଁ ଉପାସନା



**ସନ୍ତୋଷ କୁମାର ଦାଶ**

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ପୁରୀ ଶ୍ରୀ ମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରା ଜରରେ ପୀଡ଼ିତ ହୋଇ ପଡୁଥିବାରୁ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତିନାହିଁ। ଏହି ସମୟକୁ ଅଣସର ବା ଅନବସର କୁହାଯାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ସ୍ନାନମଣ୍ଡପ ରେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରା ଙ୍କ ଉପରେ ସୁନାକୂଅ ର ଅଧିବାସ ହୋଇ ରହିଥିବା ୧୦୮ ଗରା ଶୁଦ୍ଧ ଜଳ ଢଳା ହୋଇ ସ୍ନାନ କରାଯାଏ। ଲଗାତର ୨୧ଦିନ ଧରି ନରେନ୍ଦ୍ର ପୋଖରୀରେ ଚାପ ଖେଳିବା ପରେ ଶ୍ରୀଜୀଉ ମାନେ ୧୦୮ ଗରା ଜଳରେ ସ୍ନାନ କରିବାରୁ ତାଙ୍କୁ ଜ୍ୱର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜ୍ୱର ହେବାପରେ ଶ୍ରୀଜୀଉ ମାନଙ୍କୁ ଉପଚାର କରିବା ନିମନ୍ତେ ଦଇତାପତି ସେବକ ଓ ଅନ୍ୟ ସେବକ ମାନେ ଠାକୁରମାନଙ୍କୁ ଅଣସର ଘର କୁ (ଜଗନ୍ନାଥ ମନ୍ଦିର ର ଜଗମୋହନରେ ଚନ୍ଦନ ଅର୍ଗଳି ନିକଟରେ ଥିବା ଏକ ସ୍ଥାନ) ନିଅନ୍ତି। ଏହି ସମୟରେ ମହାପ୍ରଭୁ ଙ୍କ ଦେହରେ ଚୁଆ, କର୍ପୁର, କସ୍ତୁରୀ ଓ ଚନ୍ଦନ ଲେପନ କରାଯିବା ସହ ପାରମ୍ପରିକ ଉପାୟ ରେ ଉପଚାର କରାଯାଏ। ଅଣସର ଘରେ କେବଳ ଦଇତା ସେବକମାନେ ଅର୍ଥାତ ବିଶ୍ୱାବସୁ ଙ୍କ ବଂଶଧର ମାନେ ସେବାକାର୍ଯ୍ୟ କରିଥାନ୍ତି। ବର୍ଷକ ବାର ମାସ ମଧ୍ୟରୁ ପତି ମହାପାତ୍ର ବା ବ୍ରାହ୍ମଣ ମାନଙ୍କ ସେବା ୧୧ ମାସ ଏବଂ ଦଇତାମାନଙ୍କ ସେବା ଏକ ମାସ ହୋଇଥାଏ। ଅଣସର ସେବା ଆଷାଢ଼ କୃଷ୍ଣ ପ୍ରତିପଦାରୁ ନୀଳାଦ୍ରୀ ବିଜେ ଯାଏଁ ଚଉଦଦିନ ଧରି କରାଯାଏ। ଅଣସର ସମୟ ରେ ଗର୍ଭଗୃହ ରେ ଦାରୁ ମୂର୍ତ୍ତିମାନଙ୍କ ବଦଳରେ ପଟିଦିଅଁ ମାନଙ୍କୁ ପୂଜା କରାଯାଇଥାଏ। ବଡ଼ ଠାକୁର ଶ୍ରୀ ବଳଭଦ୍ର ଙ୍କ ପଟିଦିଅଁ ଭାବେ ବାସୁଦେବ, ଦେବୀ ସୁଭଦ୍ରା ଙ୍କ ପଟିଦିଅଁ ଭାବେ ଯାଜ୍ଞସେନୀ ବା ଭୁବନେଶ୍ୱରୀ ଓ ଶ୍ରୀ ଜଗନ୍ନାଥ ଙ୍କ ପଟିଦିଅଁ ଭାବେ ନାରାୟଣ ପୂଜା ପାଇଥାନ୍ତି।ତେବେ ଦାରୁ ଦେବତା ମାନେ ରତ୍ନ ସିଂହାସନରେ ଯେଉଁ ରୂପରେ ପୂଜା ପାଆନ୍ତି ପଟ୍ଟଚିତ୍ର ଗୁଡ଼ିକ ସେହି ଆକୃତିର ନୁହେଁ। କାଷ୍ଠ ନିର୍ମିତ ସୁଦୃଶ୍ୟ ଆସରେ ବସିଥିବା ପରି ଅଙ୍କିତ ହୋଇଥିବା ଚିତ୍ରରେ ସମସ୍ତ ଦିଅଁ ଚତୁଃହସ୍ତ ଓ ଦୁଇପଦ ବିଶିଷ୍ଟ ହୋଇ ପଦ୍ମାସନରେ ବସିଥାଆନ୍ତି। ବଳଭଦ୍ରଙ୍କ କଳେବର ଶ୍ୱେତବର୍ଣ୍ଣରେ ଚିତ୍ରିତ ହେଇଥାଏ। ଚତୁଃହସ୍ତରେ ସେ ଧରିଥାଆନ୍ତି ଶଙ୍ଖ, ଚକ୍ର, ଗଦା ଓ ହଳ। ହରିଦ୍ର



ବର୍ଣ୍ଣା ସୁଭଦ୍ରା ଦୁଇ ଉର୍ଦ୍ଧ୍ୱ ହସ୍ତରେ ପଦ୍ମ ଧରିଥାଆନ୍ତି ଓ ନିମ୍ନ ହସ୍ତ ଦୁଇଟି ଥାଏ ବରଦା ମୁଦ୍ରାରେ। କଳା ରଙ୍ଗ ରେ ଚିତ୍ରିତ ଶ୍ରୀ ଜଗନ୍ନାଥ ଚାରି ହାତ ରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରିଥାଆନ୍ତି। ସମସ୍ତ ଦେବତାଙ୍କ ପୃଷ୍ଠପଟ୍ଟ ଗାଢ଼ନାଲି ରଙ୍ଗ ହୋଇ ଥାଏ।ଅଣସର ପଟି ତିନୋଟିକୁ ବଂଶାନୁକ୍ରମେ କେତେକ ଚିତ୍ରକର ଖୁବ ଭକ୍ତି ଓ ନିଷ୍ଠାର ସହିତ ପ୍ରସ୍ତୁତ କରିଥାଆନ୍ତି। ଚିତ୍ର କରିବା ସମୟ ତକ ସେମାନେ ନିରାମିଷ ଭୋଜନ ଗ୍ରହଣ କରିଥାନ୍ତି। ପଟ୍ଟଚିତ୍ର କାମ ଚାଲିଥିବା କୋଠରୀକୁ ସ୍ତ୍ରୀ ଲୋକଙ୍କ ପ୍ରବେଶ ନିଷେଧ ଥାଏ। ଚିତ୍ର ପାଇଁ ଆବଶ୍ୟକ ଧଳାରଙ୍ଗ ଶଙ୍ଖ ରୁ ପ୍ରସ୍ତୁତ ହେଉଥିବା ବେଳେ, କଳାରଙ୍ଗ ନିମନ୍ତେ ପୋଲାଙ୍ଗ ତେଲ ଦୀପର କଳା, ହିଙ୍ଗୁଳରୁ ନାଲି, ହରିତାଳରୁ ହଳଦିଆ ଓ ଖଣ୍ଡନୀଳରୁ ନୀଳ ରଙ୍ଗ ପ୍ରସ୍ତୁତ କରାଯାଇଥାଏ। ସ୍ନାନ ପୂର୍ଣ୍ଣିମା ଦିନ ଗଭୀର ରାତିରେ, ବାଇଦ ବାଜଣା ସହ ଚିତ୍ରକାରମାନେ ଅଣସର ପଟ୍ଟିଗୁଡ଼ିକୁ ମନ୍ଦିରକୁ ବିଜେ କରାଇଥାନ୍ତି। ଆଷାଢ଼ ପ୍ରତିପଦାରୁ ଅମାବାସ୍ୟା ଯାଏଁ ଏକ ପକ୍ଷ ବ୍ୟାପି ଏହି ପଟି ଦେବତାଙ୍କ ଆଗରେ ଭୋଗ ବଢ଼ାଯାଏ। ଅଣସର ଘରେ ଠାକୁରମାନଙ୍କୁ ପଣା ଓ ଚକଟା ଭୋଗ ଆଦି କରା ଯାଉଥିବାବେଳେ ପଟିଦିଅଁଙ୍କୁ ଅନ୍ନଭୋଗ ଲାଗି କରା ଯାଇଥାଏ। ଗର୍ଭଗୃହ ସଂଲଗ୍ନ ଦକ୍ଷିଣ ଘରୁ ସେବାୟତ ମାନେ ସାତଗୋଟି ଚଳନ୍ତି ପ୍ରତିମା ଆଣି ଅଣସର ଘର ବାହାରପଟେ ପକାଯାଇଥିବା ଗୋଟିଏ ଖଟ ଉପରେ ରଖନ୍ତି। ବଳଭଦ୍ରଙ୍କ ଆସ୍ଥାନ ସମୀପରେ ରାମ, ନୃସିଂହ ଓ ଦୋଳଗୋବିନ୍ଦ ଙ୍କ ବିଗ୍ରହ ରହେ। ସୁଭଦ୍ରାଙ୍କ ସମୀପରେ ରହେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ପିତୁଳା ଦ୍ୱୟ। ଶ୍ରୀ ଜଗନ୍ନାଥଙ୍କ ସମ୍ମୁଖରେ ରହେ ମଦନମୋହନ ଓ କୃଷ୍ଣଙ୍କ ପ୍ରତିମୂର୍ତ୍ତି। ଏହି ସମୟରେ ଜଗନ୍ନାଥ ଙ୍କ ସ୍ଥାନରେ ଭକ୍ତ ମାନେ ବ୍ରହ୍ମଗିରିର ଅଲାରନାଥଙ୍କୁ ବିଷ୍ଣୁ ସ୍ୱରୂପରେ ଦର୍ଶନ କରିଥାନ୍ତି। ଶ୍ରୀ ଅଲାରନାଥ ଙ୍କୁ ଅଣସର ସମୟରେ ଦର୍ଶନ କଲେ ଶ୍ରୀ ଜଗନ୍ନାଥ ଙ୍କ ଦର୍ଶନ ର ପୂଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜୟ ଜଗନ୍ନାଥ ସ୍ୱାମୀ।।

**ତୁଳସୀପୁର। ପୁରୀ। ୯୪୩୯୩୬୧୮୮୮।**

# 'ଶବ୍ଦ ବ୍ରହ୍ମ ସୃଷ୍ଟିର ମୂଳ କାରଣ'



**ଡଃ ଅମୂଲ୍ୟ କୁମାର ପଣ୍ଡା**

ମାନବ ସଭ୍ୟତାର ଆରମ୍ଭରୁ ଶବ୍ଦର ଅପାର ମହତ୍ତ୍ୱ ରହିଛି। ଶବ୍ଦ ହେଉଛି ଚିନ୍ତାଧାରାର ପ୍ରକାଶ, ଜ୍ଞାନର ବାହକ ଏବଂ ସମାଜ ସୃଷ୍ଟି ପଛରେ ମୌଳିକ ଶକ୍ତି। ଭାରତୀୟ ଦାର୍ଶନିକ ଚିନ୍ତାଧାରାରେ 'ଶବ୍ଦ ବ୍ରହ୍ମ' ନାମକ ଏକ ଗଭୀର ଧାରଣା ଅଛି। ଏହାର ଅର୍ଥ ହେଉଛି ଶବ୍ଦ ହେଉଛି ପରମ ସତ୍ୟ ଓ ସୃଷ୍ଟିର ମୂଳ କାରଣ। ବେଦ, ଉପନିଷଦ ଏବଂ ପୁରାଣରେ, ଶବ୍ଦକୁ ଦିବ୍ୟ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି। 'ଓମ୍' ଶବ୍ଦକୁ ସମଗ୍ର ବ୍ରହ୍ମାଣ୍ଡର ମୌଳିକ ଶବ୍ଦ ଭାବରେ ବିବେଚନା କରାଯାଏ। ତେଣୁ ଜୀବନ ସଂହିତା ହେଉଛି ମାନବ ଜୀବନ ପାଇଁ ନୀତି, ଆଦର୍ଶ, ମୂଲ୍ୟବୋଧ ଏବଂ ଆଚରଣର ଏକ ସଂଗ୍ରହ। ଏହା ମଣିଷକୁ ସଠିକ୍ ପଥ ଅନୁସରଣ କରିବାକୁ ଶିଖାଏ। ଜୀବନକୁ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସଫଳ କରିବା ପାଇଁ ଜୀବନ ସଂହିତା ଅତ୍ୟାବଶ୍ୟକ। ଶବ୍ଦ ବ୍ରହ୍ମର ଆତ୍ମାକୁ ଜାଗ୍ରତ କରୁଥିବା ବେଳେ ଜୀବନ ସଂହିତା ମଣିଷକୁ ନୈତିକତାର ପଥରେ ମାର୍ଗଦର୍ଶନ କରେ। 'ଶବ୍ଦ' ଅର୍ଥ ଶବ୍ଦ, ଭାଷା ଏବଂ ଅର୍ଥର ପ୍ରକାଶ। 'ବ୍ରହ୍ମ' ଅର୍ଥ ହେଉଛି ପରମ ସତ୍ୟ କିମ୍ବା ସର୍ବଶକ୍ତିମାନ ନୀତି। ତେଣୁ 'ଶବ୍ଦ ବ୍ରହ୍ମ' ଅର୍ଥ ହେଉଛି ସେହି ଶବ୍ଦ ଯେଉଁଠାରୁ ସମସ୍ତ ସୃଷ୍ଟି ଉତ୍ପନ୍ନ ହୋଇଛି। ଭାରତୀୟ ସଂସ୍କୃତିରେ ଶବ୍ଦଗୁଡ଼ିକୁ କେବଳ କୁହାଯାଇ ନାହିଁ ବରଂ ଏକ ଆଧାତ୍ମିକ ଶକ୍ତି ଭାବରେ ବିବେଚନା କରାଯାଏ। ବେଦ କହେ ଯେ ସୃଷ୍ଟି 'ନାଦ' ସହିତ ଆରମ୍ଭ ହୋଇଥିଲା। ଏହି ନାଦ ହେଉଛି ବ୍ରହ୍ମ ଶବ୍ଦ। 'ଓମ୍' ଶବ୍ଦକୁ ଏହି ବ୍ରହ୍ମ ଶବ୍ଦର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଶବ୍ଦ ଯୋଗ, ଧାନ ଏବଂ ତପସ୍ୟାରେ ବିଶେଷ ଗୁରୁତ୍ୱ ରଖେ। ଏହା ମନକୁ ଶାନ୍ତ କରେ ଏବଂ ଆତ୍ମାକୁ ପରମ ପୁରୁଷଙ୍କ ସହିତ ସଂଯୋଗ କରେ। ବେଦ ଶବ୍ଦର ଏକ ଅଦ୍ଭୁତ ସଂଗ୍ରହ। ଧାନ ଏବଂ ତପସ୍ୟା ମାଧମରେ ଋଷିମାନେ ଯେଉଁ ଦିବ୍ୟ ଶବ୍ଦ ଅନୁଭବ କରନ୍ତି ତାହା ପରବର୍ତ୍ତୀ ସମୟରେ ବୈଦିକ ମନ୍ତ୍ର ଭାବରେ ଉଭା ହୋଇଥିଲା। ବେଦ କହେ ଯେ ଶବ୍ଦ ଅନନ୍ତ ଏବଂ ଅବିନାଶୀ। ଉପନିଷଦ 'ନାଦ ବ୍ରହ୍ମ' ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରେ। ନାଦ ଅର୍ଥ ଶବ୍ଦ, ଯାହା ସମଗ୍ର ବ୍ରହ୍ମାଣ୍ଡରେ ବ୍ୟାପି ରହିଛି। ଯେତେବେଳେ ଜଣେ ବ୍ୟକ୍ତି ଧାନ କରେ, ସେ ଏହି ଅନ୍ତର୍ନିହିତ ଶବ୍ଦକୁ ଅନୁଭବ କରିପାରିବ। ଏହି ଶବ୍ଦ ପରମ ସତ୍ୟକୁ ପ୍ରବେଶ ପ୍ରଦାନ କରେ। ଭାରତୀୟ ସଂସ୍କୃତିରେ ଶବ୍ଦକୁ ଏକ ଦିବ୍ୟ ଶକ୍ତି ଭାବରେ ବିବେଚନା କରାଯାଏ। ମନ୍ତ୍ର, ସ୍ତୁତି, ଏବଂ ସ୍ତୋତ୍ର ମାଧମରେ ବ୍ୟକ୍ତି ଆଧାତ୍ମିକ ଶକ୍ତି ଲାଭ କରେ। ଗାୟତ୍ରୀ ମନ୍ତ୍ର ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ମନ୍ତ୍ରର ଶବ୍ଦ ମନକୁ ଶୁଦ୍ଧ କରେ। ପ୍ରାଚୀନ କାଳରେ ଗୁରୁମାନେ ସେମାନଙ୍କ ଶିଷ୍ୟମାନଙ୍କୁ ଶବ୍ଦ ମାଧମରେ ଜ୍ଞାନ ପ୍ରଦାନ କରୁଥିଲେ। ଏହା ପ୍ରମାଣିତ କରେ ଯେ ଶବ୍ଦ ହେଉଛି ଜ୍ଞାନର ମୂଳଦୁଆ। ଧର୍ମ, ସଂସ୍କୃତି ଏବଂ ପରମ୍ପରା ପିଢ଼ି ପରେ ପିଢ଼ି ଶବ୍ଦ ମାଧମରେ ଚାଲିଆସିଛି। ଶବ୍ଦରେ ଅପାର ଶକ୍ତି ଅଛି। ଏକ ମଧୁର ଶବ୍ଦ କାହାର ହୃଦୟ ଜିତିପାରେ ଏବଂ ଏକ କଠୋର ଶବ୍ଦ ସମ୍ପର୍କକୁ ଭାଙ୍ଗିପାରେ। ଶବ୍ଦ ଜଣେ



ବ୍ୟକ୍ତିଙ୍କୁ ପ୍ରେରଣା ଦେଇପାରେ କିମ୍ବା ହତାଶା ଆଡ଼କୁ ନେଇଯାଇପାରେ। ସ୍ୱାମୀ ବିବେକାନନ୍ଦ ଏବଂ ଅନ୍ୟାନ୍ୟ ମହାନ ବ୍ୟକ୍ତିମାନେ ସେମାନଙ୍କ ଶବ୍ଦର ଶକ୍ତିରେ ସମାଜକୁ ପରିବର୍ତ୍ତନ କରିଥିଲେ। ସେମାନଙ୍କର ଭାଷଣ ଏବଂ ଶିକ୍ଷା ଲକ୍ଷଲକ୍ଷ ଲୋକଙ୍କୁ ନୂତନ ଜୀବନ ଦେଇଥିଲା। ସଙ୍ଗୀତକୁ ମଧ ନାଦ ବ୍ରହ୍ମ କୁହାଯାଏ। ସଙ୍ଗୀତର ଶବ୍ଦ ମନ ଏବଂ ଆତ୍ମାକୁ ପ୍ରଭାବିତ କରେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ରାଗ ଏବଂ ତାଳର ବିଶେଷ ଗୁରୁତ୍ୱ ଅଛି। ସଙ୍ଗୀତ ମନକୁ ଶାନ୍ତ କରେ, ଦୁଃଖ ଦୂର କରେ ଏବଂ ଆତ୍ମାକୁ ଈଶ୍ୱରଙ୍କ ସହିତ ଯୋଡେ। ମୀରାବାଇ ଏବଂ ଜୟଦେବଙ୍କ ପରି ସନ୍ଥମାନେ ସଙ୍ଗୀତ ମାଧମରେ ଭକ୍ତିକୁ ପ୍ରୋତ୍ସାହିତ କରିଥିଲେ। ଜୀବନ ସଂହିତା ହେଉଛି ଜୀବନକୁ ସଠିକ୍ ଭାବରେ ବଞ୍ଚିବା ପାଇଁ ନିୟମ ଏବଂ ନୀତିଗୁଡ଼ିକର ଏକ ପ୍ରକ୍ରିୟା। ଏହା ଜଣେ ବ୍ୟକ୍ତିକୁ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରେ। ସତ୍ୟ, ଅହିଂସା, କରୁଣା, କଠିନ ପରିଶ୍ରମ, ସମର୍ପଣ, ଶୃଙ୍ଖଳା ଏବଂ ସେବା ଭଳି ମୂଲ୍ୟବୋଧ ଜୀବନ ସଂହିତାର ଅଂଶ। ଜୀବନ ସଂହିତା ପାଳନ କରୁଥିବା ବ୍ୟକ୍ତି ସମାଜରେ ସମ୍ମାନ ପାଏ। ଜୀବନ ସଂହିତା କେବଳ ସଫଳତା ଆଣିଥାଏ ତାହା ନୁହେଁ ବରଂ ମନର ଶାନ୍ତି ମଧ ଆଣିଥାଏ। ଜୀବନ ସଂହିତାର ମୌଳିକ ନୀତିଗୁଡ଼ିକ ହେଉଛି ସତ୍ୟ, ଅହିଂସା, କରୁଣା, ଶୃଙ୍ଖଳା ଏବଂ ସେବା। ସତ୍ୟ ହେଉଛି ଜୀବନର ସର୍ବୋଚ୍ଚ ମୂଲ୍ୟ ଓ ଜଣେ ସତ୍ୟବାଦୀ ବ୍ୟକ୍ତି ସର୍ବଦା ସମ୍ମାନ ଆଦେଶ ଦିଅନ୍ତି। ଅହିଂସା ଅର୍ଥ କାହା ବିରୁଦ୍ଧରେ ହିଂସା ବ୍ୟବହାର ନକରିବା। ଏହା କେବଳ ଶାରୀରିକ ହିଂସା ନୁହେଁ ବରଂ ଚିନ୍ତା ଏବଂ ବାଣୀରେ ହିଂସା ତ୍ୟାଗ କରିବା ମଧ। ଅନ୍ୟମାନଙ୍କର ଯନ୍ତ୍ରଣା ଅନୁଭବ କରିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ହେଉଛି କରୁଣା। ଏହା ମାନବତାର ପ୍ରତୀକ। ଶୃଙ୍ଖଳା ବିନା ଜୀବନ ବିଫଳତା। ସମୟକୁ ମନରେ ରଖି କାମ କରିବା ସଫଳତା ଆଡ଼କୁ ନେଇଯାଏ। ସମାଜ ଏବଂ ଦେଶ ପାଇଁ କାମ କରିବା ଜୀବନର ସର୍ବୋତ୍ତମ କର୍ତ୍ତବ୍ୟ। ଶବ୍ଦ ବ୍ରହ୍ମ ଏବଂ ଜୀବନ ସଂହିତା ପରସ୍ପର ନିର୍ଭରଶୀଳ। ଶବ୍ଦ ମାଧମରେ ଜଣେ ବ୍ୟକ୍ତି ଜୀବନ ସଂହିତା ଶିଖେ। ଧାର୍ମିକ ଗ୍ରନ୍ଥ, ଶିକ୍ଷା, ଭାଷଣ ଏବଂ ସାହିତ୍ୟ ନୈତିକ ମୂଲ୍ୟବୋଧ ଶିଖାଏ। ଯଦି ଶବ୍ଦ ଭଲ, ଜୀବନ ମଧ ଭଲ। ମଧୁର ଶବ୍ଦ ଏବଂ ସତ୍ୟବାଦୀ ଆଚରଣ ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଏପରି ଶବ୍ଦ ଜୀବନର ନିୟମର ମୂଳଦୁଆ। ଯଦି ଆମେ ସାହିତ୍ୟରେ ଶବ୍ଦ ବ୍ରହ୍ମ ବିଷୟରେ ଆଲୋଚନା କରିବା ତେବେ ଆମେ ଅନୁଭବ କରିପାରୁଛୁ ଯେ ସାହିତ୍ୟ ହେଉଛି ଶବ୍ଦର ଏକ କଳାତ୍ମକ ରୂପ। କବି, ଲେଖକ ଏବଂ ସାହିତ୍ୟିକମାନେ ଶବ୍ଦ ମାଧମରେ ସମାଜକୁ ଶିକ୍ଷା ଦିଅନ୍ତି। ଓଡ଼ିଆ ସାହିତ୍ୟରେ ସରଳା ଦାସ, ଉପେନ୍ଦ୍ର ଭଞ୍ଜ, ଫକୀରମୋହନ ସେନାପତି ଏବଂ ଗଙ୍ଗାଧର ମେହେରଙ୍କ ଭଳି ମହାନ ସାହିତ୍ୟିକମାନେ ସେମାନଙ୍କ କୃତିରେ ଜୀବନର ନିୟମ ଶିକ୍ଷା ଦେଇଛନ୍ତି। ଆଜିର ଯୁବପିଢ଼ି ଦେଶର ଭବିଷ୍ୟତ। ଯଦି ସେମାନେ ଜୀବନର ନିୟମ ପାଳନ କରନ୍ତି ତେବେ ସମାଜର ଉନ୍ନତି ହେବ। ଯୁବପିଢ଼ି ସତ୍ୟବାଦୀ, ଶୃଙ୍ଖଳିତ ଏବଂ ନୀତିବାଦୀ ହେବା ଉଚିତ। ଶବ୍ଦର ସଠିକ୍ ବ୍ୟବହାର ମାଧମରେ ସେମାନେ ସମାଜରେ ଶାନ୍ତି ଏବଂ ଏକତା ସ୍ଥାପନ କରିପାରିବେ।

ଶିକ୍ଷା କେବଳ ପୁସ୍ତକରୁ ଜ୍ଞାନ ଆହରଣ କରିବା ନୁହେଁ। ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଜଣେ ବ୍ୟକ୍ତିକୁ ଭଲ ମଣିଷ କରିବା। ଶିକ୍ଷା ମାଧମରେ ଜୀବନର ନିୟମର ମୂଲ୍ୟବୋଧ ଶିକ୍ଷା ଦିଆଯିବା ଉଚିତ। ଯଦି ସ୍କୁଲ ଏବଂ କଲେଜରେ ନୈତିକ ଶିକ୍ଷା ଦିଆଯାଏ, ତେବେ ଛାତ୍ରମାନେ ସଠିକ୍ ପଥ ଅନୁସରଣ କରିବେ। ଆଧାତ୍ମିକ ଜୀବନରେ ଶବ୍ଦ ବ୍ରହ୍ମର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନ୍ତ୍ର ଜପ, ଧାନ ଏବଂ ସ୍ତୁତି ଗାନ ଦ୍ୱାରା ଆଧାତ୍ମିକ ଶାନ୍ତି ମିଳିଥାଏ। ଯେତେବେଳେ ଜଣେ ବ୍ୟକ୍ତି ଅନ୍ତରର ସ୍ୱର ଶୁଣିପାରି, ସେତେବେଳେ ସେ ସତ୍ୟକୁ ଅନୁଭବ କରେ ଆଉ ଏହା ହେଉଛି ଆତ୍ମ-ଜ୍ଞାନର ପଥ। ଶବ୍ଦଗୁଡ଼ିକ ମାନବ ସମ୍ପର୍କର ମୂଳଦୁଆ। ଆମେ ଜାଣିଛନ୍ତି ମିଠା ଶବ୍ଦ ସମ୍ପର୍କକୁ ମଜବୁତ କରେ ଆଉ କଟୁ ଶବ୍ଦ ସେଗୁଡ଼ିକୁ ଭାଙ୍ଗିଦିଏ। ପରିବାର, ସମାଜ ଏବଂ ରାଷ୍ଟ୍ରରେ ଶାନ୍ତି ବଜାୟ ରଖିବା ପାଇଁ ଦୟାଳୁ ଶବ୍ଦ କହିବା ଆବଶ୍ୟକ। ଆଜିର ଭୌତିକବାଦୀ ସମାଜରେ ଲୋକମାନେ ନୈତିକ ମୂଲ୍ୟବୋଧକୁ ଭୁଲି ଯାଉଛନ୍ତି। ଲୋଭ, ଘୃଣା, ମିଛ ଏବଂ ସ୍ୱାର୍ଥ ସମାଜରେ ଅଶାନ୍ତି ବୃଦ୍ଧି କରୁଛି। ଏପରି ସମୟରେ ଜୀବନର ମର୍ଯ୍ୟାଦା ଲୋକଙ୍କୁ ସଠିକ୍ ପଥ ଦେଖାଏ। ଏହା ଲୋକଙ୍କୁ ମାନବତା, ପ୍ରେମ ଏବଂ ସେବାର ମୂଲ୍ୟ ଶିଖାଏ। ବ୍ରହ୍ମ ଶବ୍ଦ ଏବଂ ଜୀବନର ମର୍ଯ୍ୟାଦା ମାନବ ଜୀବନର ଦୁଇଟି ଅମୂଲ୍ୟ ସମ୍ପତ୍ତି। ଶବ୍ଦଗୁଡ଼ିକ ଜ୍ଞାନର ଆଲୋକ ଏବଂ ଜୀବନର ମର୍ଯ୍ୟାଦା ସଠିକ୍ ପଥ ଦେଖାଏ। ଶବ୍ଦ ମାଧମରେ ଲୋକମାନେ ଜ୍ଞାନ, ଭକ୍ତି ଏବଂ ନୈତିକତା ଶିଖନ୍ତି। ଆଜିର ସମାଜରେ ଯଦି ଲୋକମାନେ ଶବ୍ଦଗୁଡ଼ିକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଆଚରଣ ସଂହିତା ପାଳନ କରନ୍ତି ତେବେ ଏ ବିଶ୍ୱ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ମାଧୁର୍ଯ୍ୟମୟ ହୋଇ ଉଠିବ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ - ୮୨୪୯୫୦୨୭୭୬**

## ମମତାଙ୍କୁ ଝଟକା › ସବୁ ପଦବୀ ଛାଡ଼ିଲେ ଚନ୍ଦ୍ରିମା

**କୋଲକାତା,୪।୭:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏବଂ ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ମମତା ବାନାର୍ଜୀଙ୍କୁ ଏକ ବଡ଼ ରାଜନୈତିକ ଝଟକା ଲାଗିଛି। ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଏବଂ ବଙ୍ଗ ଟିଏମସିର ରାଜ୍ୟ ସଭାପତି ଭାବରେ ବିବେଚିତ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ସମସ୍ତ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି। ମମତା ବାନାର୍ଜୀଙ୍କୁ ଲେଖିଥିବା ଚିଠିରେ ସେ କେବଳ ରାଜ୍ୟ ସଭାପତି ପଦ ଛାଡି ନାହାଁନ୍ତି ବରଂ ଦଳ ଏବଂ ଅନ୍ୟାନ୍ୟ ସମସ୍ତ ଜଡିତ ଦାୟିତ୍ୱରୁ ନିଜକୁ ଅଲଗା କରିଛନ୍ତି।



ତାଙ୍କ ଇସ୍ତଫା ପତ୍ରରେ, ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ସେ ଅଖିଳ ଭାରତ ତୃଣମୂଳ କଂଗ୍ରେସର ରାଜ୍ୟ ସଭାପତି ପଦରୁ ଇସ୍ତଫା ଦେଉଛନ୍ତି, ଯାହା ତାଙ୍କୁ ଜୁନ ୩, ୨୦୨୬ରେ କାଲିଘାଟରେ ଏକ ବୈଠକ ସମୟରେ ଦିଆଯାଇଥିଲା। ସେ ବର୍ତ୍ତମାନ ଦଳ ମଧ୍ୟରେ ଥିବା ଅନ୍ୟ ସମସ୍ତ ପଦବୀରୁ ମଧ୍ୟ ଇସ୍ତଫା ଘୋଷଣା କରିଛନ୍ତି।

ସେ ଚିଠିରେ ଆହୁରି ସ୍ପଷ୍ଟ କରିଛନ୍ତି ଯେ ସେ ଅଖିଳ ଭାରତ ତୃଣମୂଳ କଂଗ୍ରେସ ଏବଂ ଏହାର ସହଯୋଗୀ ସଂଗଠନଗୁଡ଼ିକ ଦ୍ୱାରା ଧାରଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟ ପାଇଁ ଜଣେ ଅଧିକୃତ ସ୍ୱାକ୍ଷରକାରୀ ଭାବରେ ତାଙ୍କର ଦାୟିତ୍ୱ ପରିତ୍ୟାଗ କରୁଛନ୍ତି।

ଭଟ୍ଟାଚାର୍ଯ୍ୟ ଏହା ମଧ୍ୟ କହିଛନ୍ତି ଯେ ସେ ଆଉ ଭାରତର ନିର୍ବାଚନ କମିଶନଙ୍କ ସମ୍ମୁଖରେ ମମତା ବାନାର୍ଜୀଙ୍କ ପାଇଁ ଜଣେ ଅଧିକୃତ ପ୍ରତିନିଧି ଭାବରେ କାର୍ଯ୍ୟ କରିବେ ନାହିଁ, ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସେ ଏହି ସମ୍ପର୍କରେ ତାଙ୍କର ସମ୍ମତି ପ୍ରତ୍ୟାହାର କରୁଛନ୍ତି।

ତଥାପି, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ତାଙ୍କ ଇସ୍ତଫାର କୌଣସି ନିର୍ଦ୍ଦିଷ୍ଟ କାରଣ ଉଲ୍ଲେଖ କରି ନାହାଁନ୍ତି। ସମସ୍ତ ପଦବୀରୁ ଇସ୍ତଫା ଦେବାର ତାଙ୍କର ହଠାତ ନିଷ୍ପତ୍ତି ପଶ୍ଚିମବଙ୍ଗ ରାଜନୀତିକୁ ହଇଚଇ କରି ଦେଇଛି। ଏପର୍ଯ୍ୟନ୍ତ, ଏହି ଇସ୍ତଫା ସମ୍ପର୍କରେ ତୃଣମୂଳ କଂଗ୍ରେସ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ।

ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ଦୀର୍ଘ ସମୟ ଧରି ମମତା ବାନାର୍ଜୀଙ୍କ ସବୁଠାରୁ ବିଶ୍ୱସ୍ତ ନେତାଙ୍କ ମଧ୍ୟରେ ଗଣନା କରାଯାଇଆସୁଛି; ଫଳସ୍ୱରୂପ, ସମସ୍ତ ସାଂଗଠନିକ ପଦବୀରୁ ତାଙ୍କ ଇସ୍ତଫାକୁ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବରେ ଦେଖାଯାଉଛି। ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଏହି ନିଷ୍ପତ୍ତି ପଛର କାରଣ ଜଣାପଡ଼ିବା ପରେ, ଏହା ରାଜ୍ୟ ରାଜନୀତି ଉପରେ ପ୍ରଭାବ ପକାଇପାରେ।

### ସରକାରଙ୍କ ଇ-୨୦ ନୀତିକୁ ବିରୋଧ

# ରାଜରାସ୍ତାକୁ ଓହ୍ଲାଇବେ ମଧ୍ୟବିତ୍ତ ଗାଡ଼ିଚାଳକ

**ନୂଆଦିଲ୍ଲୀ,୪।୭:** ଭାରତରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ (ଇ-୨୦ ଫୁଏଲ୍) କୁ ନେଇ ଚାଲିଥିବା ବିବାଦ ଏବେ ସୋସିଆଲ ମିଡିଆରୁ ବାହାରି ପ୍ରଥମ ଥର ପାଇଁ ରାଜରାସ୍ତାକୁ ଆସିବାକୁ ଯାଉଛି। ଜଣାଶୁଣା ଉଦ୍ୟୋଗୀ ତଥା ଟିଭି ବ୍ୟକ୍ତିତ୍ୱ ତେହସିନ୍ ପୁନାୱାଲାଙ୍କ ନେତୃତ୍ୱରେ 'ଟିମ୍ ଭାରତ ଏଗେନଷ୍ଟ ଦି ଇଥାନଲ୍ ସ୍କାମ୍' ବ୍ୟାନରରେ ଆସନ୍ତା ରବିବାର ଅପରାହ୍ଣ ୨ ଟାରେ ଦିଲ୍ଲୀର ଜନ୍ତରମନ୍ତରଠାରେ ଏକ ବଡ଼ ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି।

ପୁନାୱାଲା ଦିଲ୍ଲୀ ପୁଲିସକୁ ଅନୁରୋଧ କରିଛନ୍ତି ଯେ ସେମାନଙ୍କର ଗଣତାନ୍ତ୍ରିକ ପ୍ରତିବାଦ କରିବାର ଅଧିକାରକୁ ସମ୍ମାନ ଦିଆଯାଉ, ମାତ୍ର ଯଦି ପୁଲିସ ଏହି ଆନ୍ଦୋଳନ ପାଇଁ ଅନୁମତି ନଦିଏ, ତେବେ ଶତାଧିକ ଗାଡ଼ି ଚାଳକ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ବାସଭବନ ଆଗରେ ବସି ରହି ଧାରଣା ଦେବେ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି।



**ସରକାରଙ୍କ ପାଇଁ ଦେଶ ଗୋଟେ ପରୀକ୍ଷାଗାରଃ କେଜ୍ରିୱାଲ**

ଏହି ଆନ୍ଦୋଳନ କୌଣସି ରାଜନୈତିକ ଦଳ ଦ୍ୱାରା ହେଉନାହିଁ। ବରଂ ଦେଶର ମଧ୍ୟବିତ୍ତ ପରିବାର ଓ ସାଧାରଣ ଗାଡ଼ି ମାଲିକମାନେ ଏଥିରେ ସାମିଲ ହେଉଛନ୍ତି ଯେଉଁମାନେ ସରକାରଙ୍କ ଏହି ନୀତି ଯୋଗୁଁ ନିଜକୁ ଠକାମିର ଶିକାର ମନେ କରୁଛନ୍ତି। ବର୍ତ୍ତମାନ ସୋସିଆଲ ମିଡିଆରେ ଅସଂଖ୍ୟ ଭିଡିଓ ଭାଇରାଲ୍ ହେବାରେ ଲାଗିଛି ଯେଉଁଥିରେ ଲୋକେ ଦେଖାଉଛନ୍ତି ଯେ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ଯୋଗୁଁ ଗାଡ଼ିର ମାଇଲେଜ୍ ବହୁତ କମିଯାଉଛି ଏବଂ ପୁରୁଣା ଗାଡ଼ିଗୁଡ଼ିକର ଇଞ୍ଜିନ୍ ଖରାପ ହେବା ସହ ମରାମତି ଖର୍ଚ୍ଚ ବଢ଼ୁଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୮୦ ପ୍ରତିଶତ ଗାଡ଼ି ଏହି ଇ-୨୦ ପେଟ୍ରୋଲ୍ ବ୍ୟବହାର ପାଇଁ ଉପଯୁକ୍ତ ନୁହନ୍ତି, ତଥାପି ସରକାର ଗ୍ରାହକଙ୍କୁ କୌଣସି ବିକଳ୍ପ ନଦେଇ ଏହାକୁ ବାଧ୍ୟତାମୂଳକ କରିଛନ୍ତି। ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ଯେ ସରକାର ଇ-୨୦ ସମ୍ବନ୍ଧୀୟ ସମସ୍ତ ବୈଷୟିକ ତଥ୍ୟ ସାର୍ବଜନୀନ କରନ୍ତୁ, ପେଟ୍ରୋଲ୍ ପମ୍ପରେ ବିନା ଇଥାନଲର ଶୁଦ୍ଧ ପେଟ୍ରୋଲର ବିକଳ୍ପ ରଖନ୍ତୁ ଏବଂ ସମସ୍ତ ପକ୍ଷଙ୍କ ସହ ଆଲୋଚନା ନକରି ଆଗକୁ ଇ-୨୫ କିମ୍ବା ଇ-୩୦ ଇନ୍ଧନ ଲାଗୁ କରିବା ଉପରେ ରୋକ୍ ଲଗାନ୍ତୁ। ଅନ୍ୟପଟେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଇଥାନଲ୍ ଯୋଗୁଁ ମାଇଲେଜରେ ବହୁତ କମ୍ ପ୍ରଭାବ ପଡ଼େ ଏବଂ ଏହା ଦ୍ୱାରା ଗାଡ଼ିର ପିକଅପ୍ ଭଲ ହୋଇଥାଏ, ମାତ୍ର ପୁନାୱାଲା ସରକାରଙ୍କ ଏହି ଯୁକ୍ତିକୁ ଅହଂକାର ବୋଲି କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଏବେ ରାଜନୀତି ମଧ୍ୟ ସରଗରମ ହୋଇଛି, ଆମ୍ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜ୍ରିୱାଲ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ସରକାର ସାରା ଦେଶକୁ ଏକ ପରୀକ୍ଷାଗାର ବନାଇ ଦେଇଛନ୍ତି ଏବଂ କଂଗ୍ରେସ ନେତା ପବନ ଖେଡ଼ା ମଧ୍ୟ ଏହା ଦ୍ୱାରା ଚାଷୀମାନଙ୍କର କଣ ଲାଭ ହେଲା ସେନେଇ ପ୍ରଶ୍ନ ଉଠାଇଛନ୍ତି।

## ହିମାଚଳରେ ବର୍ଷା ବିପ୍ୟାତ, ୩ ମୃତ



**ସିମ୍ଲା,୪।୭:** ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହିଛି। ଗୁରୁବାର ସନ୍ଧ୍ୟାରୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜନିତ ବିଭିନ୍ନ କାରଣ ପାଇଁ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଏଥିସହ ଚଳିତ ମୌସୁମୀରେ ହିମାଚଳରେ ମୋଟ୍ ୧୨ ଜଣଙ୍କର ମୃତ୍ୟୁ ହେଲାଣି। କାଙ୍ଗ୍ରା ଏବଂ ସିମ୍ଲା ଜିଲ୍ଲାରେ ବିଦ୍ୟୁତ୍ ଆଘାତରେ ଜଣେ ଲେଖାଏ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ମଣ୍ଡି ଜିଲ୍ଲାରେ ଉଚ୍ଚ ସ୍ଥାନରୁ ପଡ଼ି ଅନ୍ୟ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ବର୍ଷା ଯୋଗୁ ହିମାଚଳରେ ଏଯାବତ ୧୫୨୭ ଲକ୍ଷ ଟଙ୍କାର କ୍ଷୟକ୍ଷତି ହେଲାଣି। ବର୍ଷା ଯୋଗୁ ରାଜ୍ୟରେ ଅନେକ ରାସ୍ତା ବନ୍ଦ ରହିଛି। ରାଜ୍ୟ ଇମର୍ଜେନ୍ସି ଅପରେସନ୍ କେନ୍ଦ୍ର ଅନୁଯାୟୀ କୁଲ୍ଲୁରେ ୩୦ ରାସ୍ତା ବନ୍ଦ ଥିବାବେଳେ ଚାମ୍ବାରେ ୧୦, ସିରମୌରରେ ୩, ଲାହଲ ଏବଂ ସ୍ପିଟି, ମଣ୍ଡି ଏବଂ ଉନା ଜିଲ୍ଲାରେ ୨ ଲେଖାଏ ରାସ୍ତା ବନ୍ଦ ରହିଛି।

## ଶିନ୍ଦେ ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି



**ଥାଣେ,୪।୭:** ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଥାଣେର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ଅନୁସାରେ, ଅତ୍ୟଧିକ ଚାପ ଏବଂ ଭାଇରାଲ ଜ୍ୱର ଯୋଗୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପରାମର୍ଶ ଦିଆଯାଇଛି। ଉପମୁଖ୍ୟମନ୍ତ୍ରୀଙ୍କ ସମସ୍ତ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ଅତ୍ୟଧିକ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ବଢୁଥିବା କାର୍ଯ୍ୟ ଚାପର ପ୍ରଭାବ ଏକନାଥ ଶିନ୍ଦେଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଛି। ବିଧାନସଭା ଅଧିବେଶନ ସମୟରେ ସେ ଜ୍ୱର ଏବଂ ଦୁର୍ବଳ ଅନୁଭବ କରିଥିଲେ। ଏହା ସତ୍ତ୍ୱେ ସେ ତାଙ୍କର ନିର୍ଦ୍ଧାରିତ କାର୍ଯ୍ୟରେ ଯୋଗ ଦେବାକୁ ଚେଷ୍ଟା କରିଥିଲେ ଓ ଥାଣେ ଯାତ୍ରା କରିଥିଲେ। କିନ୍ତୁ ତାଙ୍କ ଅବସ୍ଥା ଖରାପ ହେବା ପରେ ସମସ୍ତ ସାର୍ବଜନୀନ କାର୍ଯ୍ୟକ୍ରମ ବାତିଲ କରିବାକୁ ବାଧ୍ୟ ହୋଇଥିଲେ। ଶନିବାର, ଶିନ୍ଦେଙ୍କୁ ଥାଣେର ଜୁପିଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ସାମ୍ପ୍ରତିକ ରାଜନୈତିକ ଘଟଣାକ୍ରମ ଏବଂ ବ୍ୟସ୍ତବହୁଳ ବିଧାନସଭା ଅଧିବେଶନ ଯୋଗୁ ଶିନ୍ଦେ ବିଶ୍ରାମ ନେବା ପାଇଁ ସମୟ ପାଇ ନଥିଲେ। କ୍ରମାଗତ କାର୍ଯ୍ୟ ଚାପ, ଥକ୍କାପଣ, ଭାଇରାଲ ଜ୍ୱର ଏବଂ ଦୁର୍ବଳତା ଯୋଗୁ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ଫଳରେ, ଡାକ୍ତରମାନେ ତାଙ୍କୁ ଚିକିତ୍ସା ପାଇଁ ଏବଂ କିଛି ଦିନ ବିଶ୍ରାମ ପାଇଁ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ।

## ହର୍ଷ ଫାୟରିଂ ମାମଲାରେ ବିଧାୟକଙ୍କୁ ୪ ବର୍ଷ ଜେଲ



**ପାଟନା, ୪।୭:** ଏକ ହର୍ଷ ଫାୟରିଂ ମାମଲାରେ ବିଜେପି ବିଧାୟକ ରାଜୁ କୁମାର ସିଂହଙ୍କୁ ଦିଲ୍ଲୀର ଏକ କୋର୍ଟ ୪ ବର୍ଷ ଜେଲଦଣ୍ଡାଦେଶ କରିଛନ୍ତି। କୋର୍ଟଙ୍କ ଏହି ଆଦେଶ ସହିତ ବିହାର ବିଧାନସଭାରେ ବିଧାୟକଙ୍କ ପଦ ସମାପ୍ତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ ଜନପ୍ରତିନିଧିତ୍ୱ ଅଧିନିୟମ ଅନୁସାରେ ଯଦି କୌଣସି ସାଂସଦ ଅଥବା ବିଧାୟକଙ୍କୁ ଅପରାଧିକ ମାମଲାରେ ୨ ବର୍ଷ ବା ଏହାଠୁ ଅଧିକ ସମୟ ଦଣ୍ଡାଦେଶ ଦୁଏ ତେବେ ଦୋଷୀ ସାବ୍ୟସ୍ତ ହେବା ଦିନଠାରୁ ସେ ସଦନ ସଦସ୍ୟ ହେବାକୁ ଅଯୋଗ୍ୟ ହୋଇଥାନ୍ତି। ରାଜୁ କୁମାର ସିଂହଙ୍କୁ ରାଉଜ ଏଭେନ୍ୟୁ କୋର୍ଟ ଆଇପିସିର ଧାରା ୩୦୪ ଭାଗ-୨ଓ ଆର୍ମସ୍ ଆକ୍ଟରେ ଦୋଷୀ ସାବ୍ୟସ୍ତ କରି ପୀଡ଼ିତ ପରିବାରକୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୧୮ ମସିହାରେ ହର୍ଷ ଫାୟରିଂ କାଳରେ ଡା.ଅର୍ଚ୍ଚନା ଗୁପ୍ତା ନାମ୍ନୀ ଜନୈକ ମହିଳାଙ୍କ ମୃତ୍ୟୁ ହୋଇଥିଲା। କୋର୍ଟ ରାଜୁଙ୍କୁ ବିନା ଉଦ୍ଦେଶ୍ୟରେ ହତ୍ୟା ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ। ରାଜୁ କୁମାର ସିଂହ ବିହାର ସାହିବଗଞ୍ଜରୁ ବିଜେପିର ବିଧାୟକ ଅଛନ୍ତି। ରାଜୁ କୁମାର ସିଂହ ୨୦୦୫ ମସିହାରୁ ଏ ପର୍ଯ୍ୟନ୍ତ ଅନେକବାର ବିହାର ବିଧାନସଭାକୁ ନିର୍ବାଚିତ ହେଲେଣି। ଏହି ସମୟରେ ସେ ଲୋକ ଜନଶକ୍ତି ପାର୍ଟି, ଜେଡିୟୁ, ଭିଆଇପି ଓ ପରେ ବିଜେପି ଟିକେଟରେ ମଧ୍ୟ ନିର୍ବାଚନ ଜିତିଛନ୍ତି। ଅତୀତରେ ସେ ବିହାର ପର୍ଯ୍ୟଟନ ମନ୍ତ୍ରୀ ମଧ୍ୟ ଥିଲେ।

## ସ୍ନାପଚାଟ୍‌ରେ ବନ୍ଧୁଙ୍କୁ ଆଧାର କାର୍ଡ ମାଗିଥିଲେ ସିୟା




**ପୁଣେ, ୪।୭:** ହାଇପ୍ରୋଫାଇଲ୍ କେତନ ଅଗ୍ରୱାଲହତ୍ୟା ମାମଲାର ତଦନ୍ତ କରୁଥିବା ପୁଲିସ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଆଉ ଏକ ଡିଜିଟାଲ୍ ପ୍ରମାଣ ମିଳିଛି। ସୂତ୍ର ଅନୁଯାୟୀ ପୁଲିସ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ଓ ତାଙ୍କର ଜଣେ ବନ୍ଧୁଙ୍କ ମଧ୍ୟରେ ଏକ ଅତ୍ୟନ୍ତ ସନ୍ଦେହଜନକ ସ୍ନାପଚ୍ୟାଟ୍ ଚାଟ୍ ପାଇଛି, ଯାହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ରକୁ ସୂଚିତ କରୁଛି। ଏହି କଥିତ ସ୍ନାପଚଟ୍ ଚାଟର ଏକ ଫଟୋ ମଧ୍ୟ ସାମ୍ନାକୁ ଆସିଛି। ଏହି ସ୍କ୍ରିନସଟ୍ ବିବାହ ଟିକେଟ୍ ବୁକ୍ କରିବା ଏବଂ ପରିଚୟପତ୍ର ଅର୍ଡର କରିବା ବିଷୟରେ ଆଶ୍ଚର୍ଯ୍ୟଜନକ ବିବରଣୀ ପ୍ରକାଶ କରିଛି।

ପ୍ରକାଶିତ ସ୍ନାପଚ୍ୟାଟ୍ ସ୍କ୍ରିନସଟ୍ ଅନୁସାରେ, ସିୟା ଗୋୟଲ ଏବଂ ତାଙ୍କ ବନ୍ଧୁଙ୍କ ମଧ୍ୟରେ ମେ' ୨୪ ରୁ ମେ' ୨୬ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ମେସେଜରେ ସିୟା ତାଙ୍କ ବନ୍ଧୁଙ୍କୁ ଲେଖିଥିଲେ, ତୁମର ଆଧାର କାର୍ଡର ଆଗ ଓ ପଛ ଫଟୋ ମୋତେ ପଠାଅ। ଏପରି ଏକ ବିବାହର ଟିକେଟ୍ ପାଇଁ ଯାହା କେବେ ହେବ ନାହିଁ, କିନ୍ତୁ ଦୟାକରି ଏହାକୁ ଯେକୌଣସି ଭାବରେ ପଠାଅ। ବନ୍ଧୁ ଉତ୍ତର ଦେଇଥିଲେ, ଠିକ୍ ଅଛି, ମୁଁ ଏହାକୁ ହ୍ୱାଟ୍‌ସଆପରେ ପଠାଇଛି।

ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଏବେ ସ୍ନାପଚ୍ୟାଟ୍ ଚାଟ୍‌ର ଏହି ନିର୍ଦ୍ଦିଷ୍ଟ ଦିଗ ଉପରେ ଧ୍ୟାନ ଦେଉଛନ୍ତି। ଚାଟ୍‌ରେ ସିୟାଙ୍କ ବୟାନ, 'ସେହି ବିବାହ କେବେ ହେବ ନାହିଁ' ପୁଲିସ ପାଇଁ ଗମ୍ଭୀର ପ୍ରଶ୍ନ ଉଠାଇଛି। ପୁଲିସ ଏହା ଜାଣିବାକୁ ଚେଷ୍ଟା କରୁଛି ଯେ, ବିବାହ ପ୍ରସ୍ତୁତି ଏବଂ ବିମାନ ଟିକେଟ୍ ବୁକିଂ କେବଳ ତାଙ୍କ ଏବଂ କେତନ ଅଗ୍ରୱାଲଙ୍କ ଆଖପାଖର ଲୋକଙ୍କ ସନ୍ଦେହକୁ ଏଡାଇବା ପାଇଁ କରାଯାଇଥିଲା କି ନାହିଁ।

## ଭିଡିଓ କଲ୍ କରି ଜୀବନ ହାରିଲେ ମହିଳା



**ହାଇଦ୍ରାବାଦ, ୪।୭:** ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଜଣେ ୨୬ ବର୍ଷୀୟା ମହିଳା ଏକ ହୋଟେଲ ରୁମ୍‌ରେ ଜୀବନ ହାରି ଦେଇଛନ୍ତି। ପୁଲିସ ଅନୁଯାୟୀ ସେ ବିବାହିତା, ତାଙ୍କର ଜଣେ ଶିଶୁ ଅଛନ୍ତି ଏବଂ ସେ ଏକ ରେସ୍ତୋରାଁରେ କାମ କରୁଥିଲେ। ମହିଳାଙ୍କୁ ରେଣୁକା ବୋଲି ଚିହ୍ନଟ କରାଯାଇଛି। ସେ ହାଇଦ୍ରାବାଦ ବୋଲାରମ ବାସିନ୍ଦା। ପୂର୍ବରୁ ସେ ମୁକାବୋଲିରେ ରହୁଥିଲେ। ଶୁକ୍ରବାର ବଡ଼ି ଭୋର୍ ସମୟରେ ରେଣୁକା ତାଙ୍କ ହୋଟେଲ ରୁମ୍‌ରେ ଜୀବନ ହାରିଛନ୍ତି। ସେ ୮ ବର୍ଷ ତଳେ ବିବାହ କରିଥିଲେ ଏବଂ ତାଙ୍କର ଏକ ୭ ବର୍ଷର ପୁଅ ଅଛି। କିନ୍ତୁ ସେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ମହିଳା ଜଣଙ୍କ ତାଙ୍କ ବୟଫ୍ରେଣ୍ଡ୍ ଫାରୁକ୍‌ଙ୍କ ସହ ହୋଟେଲ୍ ରୁମ୍‌ରେ ବିରିୟାନି ଅର୍ଡର କରି ଖାଇଥିଲେ। ଫାରୁକ୍ ପରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ହୋଟେଲ ରୁମ୍ ଛାଡ଼ି ଦେଇଥିଲେ। ତେବେ ରାତି ପ୍ରାୟ ସାଢ଼େ ୧୨ ଟା ସମୟରେ ରେଣୁକା ତାଙ୍କର ଜଣେ ସାଙ୍ଗଙ୍କୁ ଭିଡିଓ କଲ୍ କରିଥିଲେ। ରେଣୁକାଙ୍କ ସାଙ୍ଗଙ୍କର ଜନ୍ମଦିନ ଥିଲା। ଜନ୍ମଦିନ ଶୁଭେଚ୍ଛା ଜଣାଇବାପାଇଁ ସେ ତାଙ୍କୁ ଫୋନ୍ କରିଥିଲେ। ଏହାପରେ ସେ ହୋଟେଲ ରୁମ୍‌ରେ ଝୁଲି ପଡ଼ିଥିଲେ। ପୁଲିସ ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

## ବାଲୁଚିସ୍ତାନରେ ଆତ୍ମଘାତୀ ବିସ୍ଫୋରଣଃ ୩୦ ନିହତ

**ଇସଲାମାବାଦ,୪।୭:** ପାକିସ୍ତାନର ବଲୁଚିସ୍ତାନର ଏକ ବିଚ୍ଛିନ୍ନତାବାଦୀ ସଶସ୍ତ୍ର ଗୋଷ୍ଠୀ, ବଲୁଚିସ୍ତାନ ଲିବରେସନ ଆର୍ମି(ବିଏଲଏ) ଗ୍ୱାଦରରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଏକ ବଡ଼ ଧରଣର ଆତ୍ମଘାତୀ ଆକ୍ରମଣ କରିଛି। ଏକ ବିବୃତିରେ, ବିଏଲଏ ଗ୍ୱାଦରରେ ପାକିସ୍ତାନ ତଟରକ୍ଷୀ ଶିବିର ଉପରେ ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି। ବିଏଲଏ ଦାବି କରିଛି,୩୦ ରୁ ଅଧିକ ପାକିସ୍ତାନୀ ଅର୍ଦ୍ଧସାମରିକ ବାହିନୀ କର୍ମଚାରୀଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ବହୁ ଲୋକ ଗୁରୁତର ଆହତ ହୋଇଥିବାବେଳେ ଭଙ୍ଗା କୋଠା ତଳେ ଅନେକ ପୋତି ହୋଇ ରହିଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବ ବୋଲି ସଂଗଠନ ଦାବି କରିଛି। ବିଏଲଏ ଏକ ବିବୃତିରେ କହିଛି, ଏକ ବିସ୍ଫୋରକ ଭର୍ତ୍ତି ଟ୍ରକ ଜିୱାନିର ପାନୱାନ୍ ତଟରକ୍ଷୀ ଘାଟିକୁ ସୁଚିନ୍ତିତ ଅଭିଯାନ ଅନ୍ତର୍ଗତ ଟାର୍ଗେଟ କରିଥିଲା। ବେଲୁଚିସ୍ତାନ ପୋଷ୍ଟ ରିପୋର୍ଟ କରିଛି, ବିଏଲଏର ଖାସ୍ ମାଜିଦ୍ ବ୍ରିଗେଡ୍ ଦ୍ୱାରା ଶୁକ୍ରବାର ସନ୍ଧ୍ୟାରେ ଏହି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା। ଆତାଉଲ୍ଲା ବଲୁଚ୍ ଓରଫ ଅଜମଲ ନାମକ ଜଣେ ଆତ୍ମଘାତୀ ଆକ୍ରମଣକାରୀ ସ୍ଥାନୀୟ ସମୟ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ବିସ୍ଫୋରକ ଭର୍ତ୍ତି ଏକ ମାଜଦା ଟ୍ରକକୁ ତଟରକ୍ଷୀ ଶିବିର ଭିତରରେ ଧସାଇ ପଶି ବିସ୍ଫୋରଣ ଘଟାଇଥିଲେ ବୋଲି ବିଏଲଏ ମୁଖପାତ୍ର ଜିଆନ୍ଦ୍ ବଲୁଚ୍ କହିଛନ୍ତି।



## ୨୩ ଜଣ ଆତଙ୍କବାଦୀ ଘୋଷିତ



**ନୂଆଦିଲ୍ଲୀ,୪।୭:** କେନ୍ଦ୍ର ସରକାର ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ(ୟୁଏପିଏ)ଅନ୍ତର୍ଗତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବା ଏବଂ ଜୈଶ୍-ଏ-ମହମ୍ମଦର ୨୩ ଜଣ ସଦସ୍ୟଙ୍କୁ ଆତଙ୍କବାଦୀ ନାମିତ କରିଛନ୍ତି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ ୟୁଏପିଏର ଚତୁର୍ଥ ସୂଚୀରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି। ସେମାନେ ଭାରତ ବିରୋଧୀ କାର୍ଯ୍ୟକଳାପରେ ସକ୍ରିୟ ଅଛନ୍ତି। ଗୃହ ମନ୍ତ୍ରଣାଳୟର ତାଲିକାରେ ମାସୁଦ ଇଲିଆସ୍ କାଶ୍ମୀରୀ, ମହମ୍ମଦ ମୁସାଦିକ୍, ମୁଫ୍ତି ମହମ୍ମଦ ଅସଗର ଖାନ, ହାଫିଜ୍ ଅବଦୁଲ୍ ଶକୁରଙ୍କ ନାମ ରହିଛି। ସେମାନଙ୍କ ଉପରେ ୨୦୧୬ରେ ଭାରତୀୟ ସେନା ଶିବିର ଉପରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ଲସ୍କର-ଏ-ତୈବା ସହିତ ଜଡିତ ଅବଦୁଲ୍ ରଉଫ୍ ଏବଂ ହାଫିଜ୍ ଖାଲିଦ୍ ୱାଲିଦ୍‌ଙ୍କୁ ଆତଙ୍କବାଦୀ ନେତା ହାଫିଜ୍ ମହମ୍ମଦ ସଇଦର ଘନିଷ୍ଠ ସହଯୋଗୀ ଭାବରେ ବର୍ଣ୍ଣନା କରାଯାଇଛି।

## ଦିଲ୍ଲୀ ଦଙ୍ଗା ମାମଲା › ଖାଲିଦ୍ ଓ ଇମାମଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ,୪।୭:** ୨୦୨୦ରେ ହୋଇଥିବା ଦିଲ୍ଲୀ ଦଙ୍ଗା ମାମଲାରେ ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କୁ କୋର୍ଟରୁ ପୁଣି ଥରେ ବଡ଼ ଝଟ୍‌କା ଲାଗିଛି। ଦିଲ୍ଲୀର କରକରଡୁମା ଅଦାଲତର ଅତିରିକ୍ତ ସେସନ୍ସ ଜଜ୍ ସମୀର ବାଜପେୟୀ ଉଭୟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ମାମଲାର ଶୁଣାଣି ସମୟରେ ଦିଲ୍ଲୀ ପୋଲିସ ପକ୍ଷରୁ ଉଭୟଙ୍କ ଜାମିନ ଆବେଦନକୁ ଜୋରଦାର ବିରୋଧ କରାଯାଇଥିଲା। ପୋଲିସ ପକ୍ଷରୁ ହାଜର ହୋଇଥିବା ସ୍ୱତନ୍ତ୍ର ସରକାରୀ ଓକିଲ ମଧୁକର ପାଣ୍ଡେ କୋର୍ଟରେ ସେମାନଙ୍କୁ ଜାମିନକୁ ବିରୋଧ କରିଥିଲେ । ସେ କହିଥିଲେ, ପୂର୍ବରୁ ଜାମିନ ନାକଚ ହେବା ଦିନଠାରୁ ବର୍ତ୍ତମାନ ସୁଦ୍ଧା ମାମଲାର ପରିସ୍ଥିତି କିମ୍ବା ଘଟଣାକ୍ରମରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ତେଣୁ ସେମାନଙ୍କୁ ଜାମିନ ମିଳିବା ଉଚିତ ନୁହେଁ । ଅନ୍ୟ ଅଭିଯୁକ୍ତମାନଙ୍କ ତୁଳନାରେ ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କ ଭୂମିକା ସମ୍ପୂର୍ଣ୍ଣ ଭିନ୍ନ ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ସେମାନେ ଏହି ଦଙ୍ଗା ମାମଲାରେ ମୁଖ୍ୟ ଅଭିଯୁକ୍ତ । ଦିଲ୍ଲୀ ପୋଲିସର ଏହି ଯୁକ୍ତିକୁ ଶୁଣିବା ପରେ ଅତିରିକ୍ତ ସେସନ୍ସ ଜଜ୍ ସମୀର ବାଜପେୟୀ ନିଜର ରାୟ ସଂରକ୍ଷିତ ରଖିଥିଲେ ଏବଂ ପରବର୍ତ୍ତୀ ସମୟରେ ଉଭୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଏହି ନିଷ୍ପତ୍ତି ଫଳରେ ଦୀର୍ଘ ଦିନ ହେବ ଜେଲରେ ଥିବା ଏହି ଦୁଇ ଛାତ୍ର ନେତାଙ୍କୁ ବର୍ତ୍ତମାନ କୌଣସି ଆଶ୍ୱସ୍ତି ମିଳିନାହିଁ।

## ଭେନେଜୁଏଲାରେ ଭୂକମ୍ପ ମୃତ୍ୟୁସଂଖ୍ୟା ବଢୁଛି

**ୱାଶିଂଟନ,୪।୭:** ଦକ୍ଷିଣ ଆମେରିକାର ଦେଶ ଭେନେଜୁଏଲାରେ ଯୁଗଳ ଭୂକମ୍ପ ପରେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି। ଦୁଇଟି ଶକ୍ତିଶାଳୀ ଭୂମିକମ୍ପରେ ମୃତ୍ୟୁସଂଖ୍ୟା ବଢ଼ୁଥିବା ବେଳେ, ପ୍ରଶାସନ ପକ୍ଷରୁ ମୃତଦେହଗୁଡ଼ିକୁ ଚିହ୍ନଟ କରିବା ଏବଂ ସଠିକ୍ ଭାବେ ହସ୍ତାନ୍ତର କରିବା ପାଇଁ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ଭୂକମ୍ପରେ ଅନେକ ଅଞ୍ଚଳ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ଓ ଶବ ଚିହ୍ନଟ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି।



ରିପୋର୍ଟ ଅନୁଯାୟୀ, ଭୂକମ୍ପ ଦୁଇଟି ପର୍ଯ୍ୟାୟରେ ହୋଇଥିଲା, ଯାହା ଫଳରେ ଅନେକ ଭବନ, ଘର ଓ ସର୍ବସାଧାରଣ ଢାଞ୍ଚା ଭାଙ୍ଗିପଡ଼ିଛି। ଧ୍ୱଂସାବଶେଷ ତଳେ ଆହୁରି ଅନେକ ଲୋକ ଅଟକିଥିବା ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଦଳ ନିରନ୍ତର ତଲାସି ଅଭିଯାନ ଚଳାଉଛନ୍ତି। କିନ୍ତୁ ଭାଙ୍ଗିପଡ଼ିଥିବା ଗୃହ ଓ ରାସ୍ତା ଅବରୋଧ ହେତୁ କାର୍ଯ୍ୟ ଧୀରେ ଧୀରେ ଚାଲୁଛି।

ମୃତଦେହ ଚିହ୍ନଟ ପ୍ରକ୍ରିୟା ପାଇଁ ସରକାର ଆପାତକାଳୀନ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପରିଚୟ ନିଶ୍ଚିତ କରିବା ପାଇଁ ଫୋରେନ୍ସିକ ଦଳ, ଡାକ୍ତର ଓ ଆଇନ ଶୃଙ୍ଖଳା ବିଭାଗର ଅଧିକାରୀମାନେ ମିଳିତ ଭାବେ କାମ କରୁଛନ୍ତି। ଅନେକ ମୃତଦେହର ଚିହ୍ନଟ ତୁରନ୍ତ ସମ୍ଭବ ହେଉ ନ ଥିବାରୁ ଡିଏନ୍‌ଏ ପରୀକ୍ଷା ଓ ଅନ୍ୟ ଟେକ୍ନିକାଲ ଉପାୟ ଗ୍ରହଣ କରାଯାଉଛି। ସ୍ଥାନୀୟ ପ୍ରଶାସନ ମୃତଦେହ ସଂରକ୍ଷଣ ଓ ସମ୍ମାନଜନକ ଭାବେ ପରିବାରକୁ ହସ୍ତାନ୍ତର ପାଇଁ ସ୍ୱତନ୍ତ୍ର ଦଳ ଗଠନ କରିଛି। ପରିବାର ଲୋକମାନେ ନିଜ ସମ୍ପର୍କୀୟଙ୍କୁ ଖୋଜିବା ପାଇଁ ହସ୍ପିଟାଲ ଓ ସହାୟତା କେନ୍ଦ୍ରଗୁଡ଼ିକରେ ଭିଡ଼ ଲଗାଉଛନ୍ତି। ଏହି ସମୟରେ ଅନେକ ଲୋକ ଆହତ ଅବସ୍ଥାରେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି, ଯେଉଁଥିପାଇଁ ହସ୍ପିଟାଲଗୁଡ଼ିକରେ ଚାପ ବଢ଼ିଯାଇଛି।

## ପାର୍ଟି ମୁଖ୍ୟାଳୟ ଦଖଲକୁ ନେଲେ ରୀତବ୍ରତ ଗୋଷ୍ଠୀ

**କୋଲକାତା,୪।୭:** ତୃଣମୂଳ କଂଗ୍ରେସ ଦଳ ଦଖଲ ପାଇଁ ଲଢ଼େଇ ଶୁକ୍ରବାର ଜୋରଦାର ହୋଇଛି। ଟିଏମସିରେ୍ ରୀତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତାର ମେଟ୍ରୋପଲିଟାନ ଅଞ୍ଚଳରେ ଥିବା ଦଳର ମୁଖ୍ୟ ଅଫିସ୍‌କୁ ନିୟନ୍ତ୍ରଣକୁ ନେଇଛନ୍ତି। ଫିରହାଦ ହାକିମ, ସନ୍ଦୀପନ ସାହ, ଜାଭେଦ ଖାନ୍ ଏବଂ ଦଳର କୋଷାଧ୍ୟକ୍ଷ ଅକରୁଜ୍ଜାମାନଙ୍କ ସମେତ ଅନେକ ବିଧାୟକ ଆଜି ପାର୍ଟି ଅଫିସ୍‌ରେ ପଶିଥିଲେ ଏବଂ ଗେଟ୍‌ର ତାଲା ବଦଳାଇ ଅଫିସ୍ ବାହାରେ ଏକ ପୋଷ୍ଟର୍ ଲଗାଇଛନ୍ତି। ସେମାନେ ମଧ୍ୟ ସେଠାରେ ଏକ ବୈଠକ କରିଛନ୍ତି। ଏହି ଅଫିସ୍‌କୁ ସେମାନେ ଦଳର ମୁଖ୍ୟାଳୟ ଭାବେ ପରିଚାଳନା କରିବେ ବୋଲି ଘୋଷଣା କରିଛନ୍ତି। ଅକରୁଜ୍ଜାମାନ କହିଛନ୍ତି, ଘର ମାଲିକଙ୍କ ସହ ଚୁକ୍ତି ଶେଷ ହୋଇଛି ଏବଂ ଏବେ ସେଠାରୁ ସମସ୍ତ ସାଂଗଠନିକ କାର୍ଯ୍ୟ ପରିଚାଳନା କରାଯିବ। ବିଦ୍ରୋହୀ ଗୋଷ୍ଠୀ ମଧ୍ୟ ସାମ୍ନା ଗେଟ୍‌ରେ ଏକ ପୋଷ୍ଟର ଲଗାଇଛନ୍ତି ଏବଂ ସେମାନେ ବରିଷ୍ଠ ବିଧାୟକ ଅରୂପ ରାୟଙ୍କୁ ରାଷ୍ଟ୍ରୀୟ ସଭାପତି ଘୋଷଣା କରିଛନ୍ତି। ଦଳର ଅଫିସ୍ ଭିତରେ ଥିବା ମମତା ବାନାର୍ଜୀଙ୍କ ଫଟୋ ଏବଂ କଟ୍ ଆଉଟ୍ ସବୁ କାଢ଼ି ଦିଆଯାଇଛି। ରୀତବ୍ରତ ବାନାର୍ଜୀ କହିଛନ୍ତି, ତାଙ୍କ ଗୋଷ୍ଠୀ ଶନିବାର ଠାରୁ ଅଫିସ୍‌ରେ ଔପଚାରିକ ଭାବେ କାମ ଆରମ୍ଭ କରିବ।

## ହିନ୍ଦୁ ଗୋଷ୍ଠୀ ନିରାଶ › ଭାଙ୍ଗିଲା ପ୍ରଥମ ମନ୍ଦିର ତିଆରି ସ୍ୱପ୍ନ

**ନୂଆଦିଲ୍ଲୀ,୪।୭:** ୟୁକେରେ ହିନ୍ଦୁ ସମୁଦାୟଙ୍କୁ ଝଟକା। ଭାଙ୍ଗିଲା ପ୍ରଥମ ମନ୍ଦିର ସ୍ୱପ୍ନ। ବ୍ରିଟେନର କେମ୍ବ୍ରିଜଶାୟାରରେ ପ୍ରଥମ ହିନ୍ଦୁ ମନ୍ଦିର ନିର୍ମାଣ ଯୋଜନାକୁ ଏକ ବଡ଼ ଝଟକା ଲାଗିଛି। ଦକ୍ଷିଣ କେମ୍ବ୍ରିଜଶାୟାର ଜିଲ୍ଲା ପରିଷଦ ମନ୍ଦିର ପାଇଁ ଅନୁରୋଧ କରାଯାଇଥିବା ଜମିକୁ ଏକ ହିନ୍ଦୁ ସଂଗଠନ ପରିବର୍ତ୍ତେ ଏକ ଚର୍ଚ୍ଚ-ନେତୃତ୍ୱାଧୀନ ପ୍ରକଳ୍ପକୁ ଦେବାକୁ ନିଷ୍ପତ୍ତି ନେଇଛି। ଏହି ଜମି ୯୯୯ ବର୍ଷ ପାଇଁ ଲିଜ୍ ଦିଆଯିବ। ଏହି ପ୍ରକଳ୍ପରେ ଏକ ଚର୍ଚ୍ଚ, ଏକ ପ୍ରାର୍ଥନା ସ୍ଥାନ ଏବଂ ସ୍ଥାନୀୟ ମୁସଲିମ ସମ୍ପ୍ରଦାୟ ପାଇଁ ଏକ ଶିକ୍ଷା କେନ୍ଦ୍ର ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହି ନିଷ୍ପତ୍ତିରେ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ନିରାଶ ହୋଇଛନ୍ତି। ସଭାପତି ଅପର୍ଣ୍ଣା ନିଗମ-ସକ୍ସେନା ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାନ୍ତି। ସେ କହିଛନ୍ତି ଯେ ଆର୍ଥିକ ରେକର୍ଡ ଅଭାବରୁ ସଂଗଠନକୁ କମ୍ ମାର୍କ ଦିଆଯାଇଥିଲା, କିନ୍ତୁ ସେମାନଙ୍କୁ ପୂର୍ବରୁ ଜଣାଇ ଦିଆ ଯାଇନଥିଲା ଯେ ଏହା ମୂଲ୍ୟାଙ୍କନର ଏତେ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ। ଯଦି ସେମାନେ ପୂର୍ବରୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପାଇଥାନ୍ତେ, ତେବେ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଏବଂ ରିପୋର୍ଟ ପ୍ରସ୍ତୁତ କରିପାରିଥାନ୍ତେ। ନିଷ୍ପତ୍ତି ବିରୁଦ୍ଧରେ ଆପିଲ କରିବାକୁ ବିଚାର କରୁଛି ହିନ୍ଦୁ ସମୁଦାୟ।




କେମ୍ବ୍ରିଜଶାୟାରରେ ଅନେକ ଚର୍ଚ୍ଚ ଓ ମସଜିଦ ଅଛି, କିନ୍ତୁ କୌଣସି ହିନ୍ଦୁ ମନ୍ଦିର ନାହିଁ। ସେଠାରେ ରହୁଥିବା ହିନ୍ଦୁ ପରିବାରମାନଙ୍କୁ ପୂଜା କରିବା ପାଇଁ ବର୍ମିଂହାମ କିମ୍ବା ୱେମ୍ବଲି, ଲଣ୍ଡନକୁ ପ୍ରାୟ ଦୁଇ ଘଣ୍ଟା ଯାତ୍ରା କରିବାକୁ ପଡ଼ିଥାଏ। ସ୍ଥାୟୀ ମନ୍ଦିର ନଥିବାରୁ ଗଣେଶ ଉତ୍ସବ, ମହାଶିବରାତ୍ରି ଏବଂ ହବନ ଭଳି ଧାର୍ମିକ କାର୍ଯ୍ୟକ୍ରମ ହୋଇପାରୁନାହିଁ।

ନର୍ଥଷ୍ଟୋରେ ୧୬ ବର୍ଷୀୟା ଏୟାଭା କହିଛନ୍ତି ଯେ, ସେ କେବେ ମହାଶିବରାତ୍ରି କିମ୍ବା ଯଜ୍ଞ ଭଳି ସାରା ରାତି ଧରି ଚାଲିଥିବା ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନାହାନ୍ତି। ଭାରତରେ ତାଙ୍କ ସମ୍ପର୍କୀୟମାନେ ସେମାନଙ୍କର ପର୍ବଗୁଡ଼ିକୁ ବହୁତ ଉତ୍ସାହର ସହିତ ପାଳନ କରନ୍ତି, କିନ୍ତୁ ବ୍ରିଟେନରେ ଯୁବ ପିଢ଼ି ଧୀରେ ଧୀରେ ସେମାନଙ୍କ ସଂସ୍କୃତି ଏବଂ ଧାର୍ମିକ ପରମ୍ପରାରୁ ଦୂରେଇ ଯାଉଛନ୍ତି।

ଦ୍ୱିତୀୟ ଟି-୨୦: ବେଥେଲ୍‌ଙ୍କ ଉପଯୋଗୀ ଅର୍ଦ୍ଧଶତକ

# ଇଂଲଣ୍ଡଠାରୁ ୪ ୱିକେଟ୍‌ରେ ହାରିଲା ଭାରତ



ମାଞ୍ଚେଷ୍ଟର୍,୪।୭: ଚଳିତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ଟି ବର୍ଷା ଯୋଗୁଁ ଅଧାରୁ ବାତିଲ୍ ହେବା ପରେ ଆଜି ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ଭ୍ରମଣକାରୀ ଭାରତକୁ ୪ ୱିକେଟ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ୍‌ରେ ୧୯୦ ରନ୍ କରିଥିବା ବେଳେ ଏହାର ଜବାବରେ ଇଂଲଣ୍ଡ ହାତରେ ଗୋଟିଏ ଓଭର୍ ବାକି ଥିବା ସମୟରେ ୬ ୱିକେଟ୍‌ରେ ୧୯୧ ରନ୍ କରି ବିଜୟୀ ହୋଇଛି। ଉପଯୋଗୀ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଜ୍ୟାକବ୍ ବେଥେଲ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଭାରତ ପକ୍ଷରୁ ଡେବ୍ୟୁ କରିଥିବା ପ୍ରତିଭାଧାରୀ ବ୍ୟାଟ୍ସମ୍ୟାନ୍ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅଭିଷେକ ଶର୍ମା ଇନିଂସ ଆରମ୍ଭ କରିଥିଲେ। ସୂର୍ଯ୍ୟବଂଶୀ ମଧ୍ୟ ଦୁଇଟି ଛକା ଲଗାଇ ତାଙ୍କ ଅନ୍ତର୍ଜାତୀୟ ଡେବ୍ୟୁକୁ ସ୍ମରଣୀୟ କରିଥିଲେ। କିନ୍ତୁ ସେ ମାର୍ରେ ୧୪ ରନ୍‌ରେ ଆଉଟ୍ ହେବା ପରେ ଭାରତ ତା'ର ପ୍ରଥମ ୱିକେଟ୍ ହରାଇଥିଲା। ପରେ ଅଭିଷେକ ୮ଟି ଚୌକା ଓ ଗୋଟିଏ ଛକା ସହ ୪୩ ରନ୍ କରି ଆଉଟ୍ ହୋଇଥିଲେ। ଏହି ସମୟରେ ଈଶାନ୍ କିଶନ୍ ଓ ଅଧିନାୟକ ଶ୍ରେୟସ୍ ଆୟର୍‌ଙ୍କ ମଧ୍ୟରେ ୬୫ ରନ୍‌ର ଭାଗୀଦାରୀ ହୋଇଥିଲା। ଆୟର୍ ୩ଟି ଚୌକା ଓ ଗୋଟିଏ ଛକା ସହ ୩୭ ରନ୍ କରି ବିଦାୟ ନେଇଥିଲେ। କିନ୍ତୁ କିଶନ୍ ତାଙ୍କ ବ୍ୟାଟିଂ ଜାରି ରଖି ୬ ଚୌକା ସହ ୪୯ ରନ୍‌ରେ ଥିବା ସମୟରେ ଆଉଟ୍ ହୋଇ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ପରେ ତିଲକ ବର୍ମା ଗୋଟିଏ ଚୌକା ଓ ୨ଟି ଛକା ମାଧ୍ୟମରେ ୨୪ ରନ୍‌ରେ ଅପରାଜିତ ଥିଲେ। ଇଂଲଣ୍ଡ ପକ୍ଷରୁ ସାମ୍ କୁରାନ୍ ୩ଟି ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଇଂଲଣ୍ଡ ପ୍ରଥମ ଓଭର୍‌ରେ ୨ଟି ୱିକେଟ୍ ହରାଇଥିଲେ ମଧ୍ୟ ଅଧିନାୟକ ହ୍ୟାରୀ ବ୍ରୁକ୍ କାଉଣ୍ଟର୍ ଆଟାକ୍ କରି ଦଳୀୟ ସ୍କୋର୍‌କୁ ୫୧ରେ ପହଞ୍ଚାଇଥିଲେ। ଏହି ସମୟରେ ଅକ୍ଷର

### ବିଷ୍ଣୋଇଙ୍କ ଗୋଟିଏ ଓଭର୍‌ରେ ବଦଳିଗଲା ସମୀକରଣ

ପଟେଲ୍ ବୁଦ୍ଧିମତ୍ତାର ପରିଚୟ ଦେଇ ବ୍ରୁକ୍ (୧୫ ବଲ୍, ୪ଟି ଚୌକା, ୩ଟି ଛକା)ଙ୍କୁ ଆଉଟ୍ କରି ଦଳ ପାଇଁ ସବୁଠାରୁ ବଡ଼ ଆଶ୍ୱସ୍ତି ଆଣିଦେଇଥିଲେ। ପରେ ବେଥେଲ୍ ଓ ଟମ୍ ବାଣ୍ଟନ୍ ଚତୁର୍ଥ ୱିକେଟ୍‌ରେ ୬୭ ରନ୍ ଯୋଡ଼ି ଇଂଲଣ୍ଡର ବିଜୟ ସମ୍ଭାବନାକୁ କାଏମ ରଖିଥିଲେ। ବାଣ୍ଟନ୍ ୩୯ ରନ୍ କରି ଆଉଟ୍ ହୋଇଥିଲେ ହେଁ ବେଥେଲ୍ ତାଙ୍କ ବ୍ୟାଟିଂ ଜାରି ରଖିଥିଲେ। ତେବେ ଇନିଂସର ସପ୍ତଦଶ ଓଭର୍‌ରେ ଭାରତୀୟ ସ୍ପିନର୍ ରବି ବିଷ୍ଣୋଇ ଦୁଇଟି ନୋ ବଲ୍ ସହ ୨୯ ରନ୍ ଦେବା ଫଳରେ ମ୍ୟାଚ୍‌ର ସମୀକରଣ ପୂରାପୂରି ବଦଳିଯାଇଥିଲା। ପରେ ଊନବିଂଶ ଓଭର୍‌ର ଅନ୍ତିମ ବଲ୍‌ରେ ଜୋଫ୍ରା ଆର୍ଚର୍ ୨ ରନ୍ ନେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ବେଥେଲ୍ ମାତ୍ର ୪୬ ବଲ୍‌ରେ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୬ ରନ୍ କରଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ଟି ୱିକେଟ୍ ନେଇଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍‌ଟି ଆସନ୍ତା ୭ ତାରିଖରେ ଟ୍ରେଣ୍ଟବ୍ରିଜ୍‌ଠାରେ ଖେଳାଯିବ।

# ଖାମେନୀଙ୍କ ଅନ୍ତ୍ୟେଷ୍ଟିକୁ ଟ୍ରମ୍ପଙ୍କ ଉପହାସ

ୱାଶିଂଟନ,୪।୭: ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଅନ୍ତିମ ସଂସ୍କାର ଆରମ୍ଭ ହୋଇଛି। ଏସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପହାସ ଭରା ବିବୃତି ପୁଣି ଥରେ ଶିରୋନାମା ପାଲଟିଛି। ଟ୍ରମ୍ପଙ୍କ ମନ୍ତବ୍ୟ ପୁଣି ବିବାଦ ସୃଷ୍ଟି କରିଛି। ଇରାନକୁ ଟାର୍ଗେଟ କରି ଟ୍ରମ୍ପ ଦାବି କରିଛନ୍ତି ଯେ, ଆମେରିକା ଭଲ ସ୍ୱଭାବର ହୋଇଥିବାରୁ ଇରାନକୁ ଅନ୍ତିମ ସଂସ୍କାର ପାଇଁ ଏକ ସପ୍ତାହ ସମୟ ପ୍ରଦାନ କରାଯାଇଛି। ମାଉଣ୍ଟ ରସମୋରରେ ଟ୍ରମ୍ପ ଏଭଳି ଉପହାସ କରିଛନ୍ତି। ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦକ୍ଷିଣ ଡାକୋଟାର ମାଉଣ୍ଟ ରସମୋରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଡୋନାଲ୍ଡ ଟ୍ରମ୍ପ ସାମ୍ପ୍ରତିକ ଆମେରିକା-ଇରାନ ବିବାଦକୁ ଉଲ୍ଲେଖ କରି ତାଚ୍ଛଲ୍ୟ କରି କହିଛନ୍ତି, ଆମେ ଇରାନକୁ ସମ୍ପୂର୍ଣ୍ଣ ଭାବରେ ଚକିତ କରିଦେଇଛୁ। ଏବେ ସେମାନେ ଏକ ଚୁକ୍ତି ପାଇଁ ବ୍ୟାକୁଳ ହେଉଛନ୍ତି। ଆମେ ଭଲ ସ୍ୱଭାବର ହୋଇଥିବାରୁ ସେମାନଙ୍କୁ ଅନ୍ତିମ ସଂସ୍କାର ପାଇଁ ଗୋଟିଏ ସପ୍ତାହ ଛୁଟି ଦେଇଛୁ। ଇରାନରେ ଆୟାତୋଲ୍ଲା ଅଲି ଖେମିନିଙ୍କ ପାଇଁ ଏକ ସପ୍ତାହ ବ୍ୟାପୀ ରାଷ୍ଟ୍ରୀୟସ୍ତ ଅନ୍ତିମ ସଂସ୍କାର ଆରମ୍ଭ ହେବା ପରେ ଟ୍ରମ୍ପଙ୍କ ଏହି ବିବୃତି ଆସିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୦ରୁ ସଂସଦର...

ସଦସ୍ୟ ସଂଖ୍ୟାରେ ସମାନ ୫୦ ପ୍ରତିଶତ ବୃଦ୍ଧି କରିବାର ଆବଶ୍ୟକତା ରହିଛି, ଯଦ୍ୱାରା ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ କାର୍ଯ୍ୟକାରୀ କରାଯାଇପାରିବ। ଏହି କାରଣରୁ ଅଧିବେଶନ ଉପରେ ବିରୋଧୀମାନେ କଡ଼ା ନଜର ରଖିଛନ୍ତି। ସେହିପରି ସରକାର ସମ୍ବିଧାନର ବିବାଦୟ ୧୩୦ତମ ସଂଶୋଧନ ବିଲ୍-୨୦୨୫କୁ ଆଗକୁ ନେବାର ପ୍ରୟାସ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ବିଲ୍ ଅନୁଯାୟୀ ସାଧାରଣ ମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ, ଯଦି କେହି ବି ୩୦ ଦିନ ଯାଏ ଜେଲ୍ ହାଜତରେ ରହିଥିବେ, ତା'ହେଲେ ସ୍ୱତଃ ସେମାନଙ୍କ ପଦବୀ ବରଖାସ୍ତ ହୋଇଯିବ। ଏହା ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରୁଥିବା ମିଳିତ ସଂସଦୀୟ କମିଟି ଜୁଲାଇ ୧୭ ତାରିଖରେ ତା'ର ରିପୋର୍ଟ ଦେବ। ଏହି ସବୁ ବିଷୟକୁ ନେଇ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ମୌସୁମୀ ଅଧିବେଶନ ସରଗରମ ରହିବ ବୋଲି ରାଜନୀତି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

### ଶତାବ୍ଦୀର ସବୁଠୁ...

କରାଯାଇଛି। ୭୧,୪୫୦ କୋଟି ଟଙ୍କାରୁ ଅଧିକ ନିବେଶ ବ୍ୟୟରେ ବିକଶିତ ଏହି ରିଫାଇନାରୀ-କମ୍-ପେଟ୍ରୋକେମିକାଲ ୟୁନିଟ୍ ବର୍ଷକୁ ୯ ମିଲିଅନ୍ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ବିଶୋଧନ କରିବାର ସାମର୍ଥ୍ୟ ରଖିଛି। ଏହାକୁ ଉଦଘାଟନ କରି ମୋଦୀ କହିଛନ୍ତି ଯେ, ଯେଉଁ ସମୟରେ ପାଶ୍ଚାତ୍ୟ ଦେଶଗୁଡ଼ିକ ତୈଳ ବିଶୋଧନର କ୍ଷମତା ହରାଉଛନ୍ତି ସେହି ପରିପ୍ରେକ୍ଷୀରେ ଭାରତ ବିଶ୍ୱ ଚତୁର୍ଥ ବୃହତ୍ ତୈଳ ବିଶୋଧନକାରୀ ରାଷ୍ଟ୍ରର ସାମର୍ଥ ହାସଲ କରିପାରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ପ୍ରଥମ ଗ୍ରୀନଫିଲ୍ଡ ସମନ୍ୱିତ ରିଫାଇନାରୀ ତଥା ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଉଦ୍‌ଘାଟିତ ହେବା ଦ୍ୱାରା ଭାରତ ସଫଳତାର ସହ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଶକ୍ତି ସଂକଟର ମୁକାବିଲା କରିପାରିଛି। ଗତ ଫେବ୍ରୁଆରୀ ୨୮ ତାରିଖରେ ପାରସ୍ୟ ଉପସାଗରରେ ଯୁଦ୍ଧଜନିତ ଉତ୍ତେଜନା ପରେ ଏହି ଏହି ସଂକଟ ସୃଷ୍ଟି ହୋଇଥିଲା। ସମୟୋଚିତ ନୀତିଗତ ହସ୍ତକ୍ଷେପ, ରଣନୈତିକ ଯୋଜନା ଓ କୂଟନୈତିକ ପ୍ରଚାର ଯୋଗୁ ଦେଶ ଏକ ଭୟଙ୍କର ଇନ୍ଧନ ସଂକଟରୁ ମୁକୁଳିପାରିଛି ବୋଲି ମୋଦି କହିଛନ୍ତି। ରାଜସ୍ଥାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ୧ ଲକ୍ଷ ୫ ହଜାର କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟର ଅନ୍‌ଲାଇନ ଶିଳାନ୍ୟାସ, ଉଦ୍‌ଘାଟନ ଓ ଲୋକାର୍ପଣ କରିଛନ୍ତି।

### ପୃଥକ୍ ଦୁର୍ଘଟଣାରେ...

ଲୋକେ କହିଛନ୍ତି। ଦୁର୍ଘଟଣା ଘଟାଇ ପଳାଇଯାଇଥିବା ଗାଡ଼ିକୁ ଠାବ କରିବା ସକାଶେ ପୁଲିସ୍ ତନାଘନା ଆରମ୍ଭ କରିଛି। ସେହିପରି ମୟୂରଭଞ୍ଜର କାଳିକାପୁର ନିକଟରେ ଅଟୋକୁ ଟ୍ରକ୍ ଧକ୍କା ଦେବା ଫଳରେ ବାପା ଓ ପୁଅଙ୍କର ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବାପା ଗାନସା କିସ୍କୁ ଓ ୮ ବର୍ଷର ପୁଅ ରାମରାଜ କିସ୍କୁ ହୋଇଥିବା ବେଳେ ସେମାନେ କରଞ୍ଜିଆ ହସ୍ପିଟାଲ୍‌ରୁ ଫେରୁଥିବା ସମୟରେ ଏପରି ଦୁର୍ଘଟଣାର ଶିକାର ହୋଇଛନ୍ତି। ମୃତକଙ୍କ ଘର ବଡ଼ଗାଁ ପଞ୍ଚାୟତର ଶରଧା ଗାଁରେ ବୋଲି ଜଣାପଡ଼ିଛି। ଏଥିସହ ଏହି ଦୁର୍ଘଟଣାରେ ଅଟୋ ଡ୍ରାଇଭର୍ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ କେନ୍ଦୁଝର ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ମାଓ ଡମ୍ପ୍ ଠାବ...

ଥିବା ଆଶଙ୍କାରେ ବୋମା ନିଷ୍କ୍ରିୟକାରୀ ଦଳ ଛାନ୍‌ଭିନ୍ କରିବା ପରେ ସୁରକ୍ଷାକର୍ମୀମାନେ ସେଠାରୁ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରିଥିଲେ। ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ଗୋଟିଏ .୩୦୩ ରାଇଫଲ୍, ୩୭ ରାଉଣ୍ଡ୍ ଗୁଳି, ଗୋଟିଏ ଦେଶୀ ବନ୍ଧୁକ, ଷ୍ଟେନ୍ ଗନ୍‌ର କିଛି ଅଂଶ, ୨୫ ରାଉଣ୍ଡ୍ ୯ମିମି ଗୁଳି, ୧୦ ରାଉଣ୍ଡ୍ ରାଇଫଲ୍ ବ୍ୟାରେଲ୍ ଗ୍ରେନେଡ୍ ଲଞ୍ଚର୍ (ଆର୍‌ବିଜିଏଲ୍), କୋର୍ଡେକ୍ସ ତାର, ଗନ୍ ପାଉଡର୍ ଓ ଆହୁରି କେତେକ ବିସ୍ଫୋରକ ରହିଛି। ଏହାଛଡ଼ା ସେଠାରୁ ଚାଉଳ, ରନ୍ଧା ତେଲ, ଔଷଧ, ପୋଷାକ, କମ୍ବଳ, ଜୋତା, ସାବୁନ୍ ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇଛି। ପ୍ରାଥମିକ ଅନୁସନ୍ଧାନ ପରେ ଉକ୍ତ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ସିପିଏମ୍ (ମାଓବାଦୀ) ସଂଗଠନର ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ୍‌ର ବୋଲି ଜଣାପଡ଼ିଛି। ଉକ୍ତ ଅସ୍ତ୍ରଶସ୍ତ୍ରକୁ ସୁରକ୍ଷାକର୍ମୀଙ୍କ ବିରୋଧରେ ବ୍ୟବହାର କରିବା ସକାଶେ ମାଓବାଦୀମାନେ ଲୁଚାଇ ରଖିଥିବା ଅନୁମାନ କରାଯାଉଛି।

### ବଢୁଛି ଜଳସ୍ତର...

ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଥିବା ବେଳେ ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଓ ୩୮ଟି ବ୍ଲକ୍ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଗତ ୧ରୁ ଆଜି ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଥିଲେ ବି କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ।

ରେଡ୍, ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ଏହାଛଡ଼ା ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଓ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକଙ୍କୁ ନିବେଦନ କରାଯାଇଛି। ଆଜିଠାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ ସମସ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ସର୍ବଦା ନଜର ରଖିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ଓ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି।

### ମୋଦିଙ୍କୁ ହତ୍ୟା...

ହୋଇଛି। 'କାର୍ଯ୍ୟକ୍ରମ ସମୟରେ ଷ୍ଟାଡିୟମର ଛାତ ବନ୍ଦ ରହିବା ଭଲ, ନଚେତ୍ ମୋଦି ଅଷ୍ଟ୍ରେଲିଆକୁ ତାଙ୍କ ମୃତ୍ୟୁ ପାଇଁ ଆସିବେ' ବୋଲି ଧମକପୂର୍ଣ୍ଣ ପୋଷ୍ଟରେ ଆବୁ ମୁସ୍ତାଫା ନାମକ ଅଜ୍ଞାତ ବ୍ୟକ୍ତି ଉଲ୍ଲେଖ କରିଛନ୍ତି। ତେବେ ଧମକ ଦେଇଥିବା ବ୍ୟକ୍ତିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସହ ସଂଯୁକ୍ତ ଆଇପି ଆଡ୍ରେସ୍‌କୁ ଟ୍ରାକ୍ କରିନେଇଛନ୍ତି ବୋଲି ତଦନ୍ତ ଅଧିକାରୀମାନେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ୬ରେ ପ୍ରଧାନମନ୍ତ୍ରୀଙ୍କର ତ୍ରିରାଷ୍ଟ୍ରୀୟ ବୈଦେଶିକ ଗସ୍ତ ଆରମ୍ଭ ହେବ। ଜୁଲାଇ ୬ରୁ ୧୧ ତାରିଖ ମଧ୍ୟରେ ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ପ୍ରଥମ ଚରଣରେ ସେ ଇଣ୍ଡୋନେସିଆରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିବା ବେଳେ ଗସ୍ତର ଦ୍ୱିତୀୟ ଚରଣ ଜୁଲାଇ ୮ରେ ଅଷ୍ଟ୍ରେଲିଆ ମାଟିରେ ପାଦ ଦେବେ।

ଏହି ଗସ୍ତ କାଳରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜଙ୍କ ସହ ସେ ବାର୍ଷିକ ନେତୃତ୍ୱ ଶିଖର ସମ୍ମିଳନୀରେ ଯୋଗଦେବେ। ୯ରେ ସେ ମେଲବର୍ଣ୍ଣରେ ଅନୁଷ୍ଠିତ ହେବାକୁ ଥିବା 'ମେଲବର୍ଣ୍ଣ ମିତ୍ର ମୋଦି' କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବେ। ତେବେ ଏଭଳି ହତ୍ୟା ଧମକ ସମ୍ପର୍କିତ ଖବରକୁ ନେଇ ଭାରତ ସରକାର କିମ୍ବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଧାରଣରେ କୌଣସି ଔପଚାରିକ ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। କିନ୍ତୁ ଭାରତର କୂଟନୈତିକ ଅଧିକାରୀ ଓ ସୁରକ୍ଷାକର୍ମୀମାନେ ସିଧାସଳଖ ଅଷ୍ଟ୍ରେଲୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି।

### ଡାକ୍ତରଙ୍କ ଆନ୍ଦୋଳନ...

ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଥିଲେ। ସେପଟେ ଓମ୍‌ସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଥିଲେ ଯେ ଆଲୋଚନା ପାଇଁ ସଂଘ ପ୍ରସ୍ତୁତ ରହିଛି, କିନ୍ତୁ ସରକାର ଦମନ ନୀତି ବନ୍ଦ କରନ୍ତୁ। ରୋଗୀ ସେବା କିଭଳି ହେବ ତାହା ସରକାରଙ୍କ ଦାୟିତ୍ୱ।

ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ବିଭିନ୍ନ ସ୍ଥାନରେ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଡାକ୍ତରଖାନାରେ ଚିକିତ୍ସା ଅଭାବରୁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲା ସଦର ଡାକ୍ତରଖାନାରୁ ଜଣେ ସାପକାମୁଡ଼ା ରୋଗୀଙ୍କୁ ଇଞ୍ଜେକ୍ସନ ଦେବାକୁ କେହି ନଥିବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲା।

### ରହସ୍ୟରେ ରହିଗଲା...

ଅହେତୁକ ନିରବତା ଏବେ ବି ସାଧାରଣ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କାରଣ ଶ୍ରୀ ଜେନାଙ୍କ ଇସ୍ତଫା ପରେ ରାଜ୍ୟ ସରକାର ଆଉ କାହାରିକୁ ଏହି ପଦବୀରେ ବସାଇନାହାନ୍ତି। ଯଦି ଉତ୍ତରାଧିକାରୀ ସ୍ଥିର ହୋଇ ନ ଥିଲେ ତେବେ ଶ୍ରୀ ଜେନାଙ୍କ ଇସ୍ତଫାପତ୍ରଟିକୁ କ'ଣ ପାଇଁ ସରକାର ଚଟାପଟ୍ ଗ୍ରହଣ କରିନେଲେ। ବିରୋଧୀ ଦଳଠାରୁ ଆରମ୍ଭ କରି ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ନିରବତା ମଧ୍ୟ ଶ୍ରୀ ଜେନାଙ୍କ ଇସ୍ତଫା ଘଟଣାକୁ ଆହୁରି ରହସ୍ୟାବୃତ୍ତ କରି ରଖିଛି।

## ଖୁବ୍‌ଶୀଘ୍ର ବର୍ଦ୍ଧମାନ ଫ୍ଲାଏଓଭର

କୋଲକାତା,୪।୭(ସଂଚାର ବ୍ୟୁରୋ): ଶିଲିଗୁଡ଼ିର ବର୍ଦ୍ଧମାନ ରୋଡରେ ଥିବା ଫ୍ଲାଏଓଭର ଚଳିତ ମାସର ତୃତୀୟ ସପ୍ତାହରୁ କାର୍ଯ୍ୟକ୍ଷମ ହେବ ବୋଲି ଶନିବାର ସଂସଦୀୟ ବ୍ୟାପାର ଓ ପର୍ଯ୍ୟଟନ ରାଜ୍ୟମନ୍ତ୍ରୀ ଶଙ୍କର ଘୋଷ ଘୋଷଣା କରିଛନ୍ତି। ଶିଲିଗୁଡ଼ିର ସେଭକ ରୋଡ୍, ବିଧାନ ମାର୍କେଟ, ଖୁଦିରାମପଲ୍ଲି ଏବଂ ସେଥ୍ ଶ୍ରୀଲାଲ୍ ମାର୍କେଟ ଭଳି ଅଞ୍ଚଳରେ ଟ୍ରାଫିକ୍ ଭିଡ଼ ଦୂର କରିବା ପାଇଁ କାଞ୍ଚନଜଙ୍ଘା ଷ୍ଟାଡିୟମ୍ ମେଳା ପଡ଼ିଆରେ ଏକ ପାର୍କିଂ ଜୋନ୍ ଖୋଲାଯାଉଛି। ମନ୍ତ୍ରୀ ଶନିବାର ସକାଳେ ଶିଲିଗୁଡ଼ି ମ୍ୟୁନିସିପାଲ କମିଶନର ବୀର ବିକ୍ରମ ରାୟ ଏବଂ ଟ୍ରାଫିକ୍ ପୁଲିସ ଅଧିକାରୀମାନଙ୍କ ସହିତ ସ୍ଥାନ ପରିଦର୍ଶନ କରିଥିଲେ। ମନ୍ତ୍ରୀ କହିଛନ୍ତି ଯେ, ପାର୍କିଂ ଜୋନ୍‌କୁ ସ୍ଥାୟୀ ଭାବରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ପେଭର-ବ୍ଲକ୍ ପୃଷ୍ଠ ନିର୍ମାଣ ସମେତ କିଛି କାର୍ଯ୍ୟ ଆବଶ୍ୟକ। ଏହି ସରକାରୀ ପ୍ରକ୍ରିୟାଗୁଡ଼ିକରେ କିଛି ସମୟ ଲାଗିବ। କିନ୍ତୁ ଏହି ସ୍ଥାନରେ ଯାନବାହାନ ପାର୍କିଂ ଚଳିତ ମାସ ୧୨ ତାରିଖରେ ଆରମ୍ଭ ହେବାକୁ ଯାଉଛି। ଷ୍ଟାଡିୟମ୍‌ର ମେଳା ପଡ଼ିଆ ପାର୍କିଂ ଜୋନ୍ କାର୍ଯ୍ୟକ୍ଷମ ହେବା ପରେ ରାସ୍ତାରେ ପାର୍କିଂ କରିବାକୁ ଆଉ ଅନୁମତି ଦିଆଯିବ ନାହିଁ। ତେବେ ଖାଲି ହୋଇଥିବା ସ୍ଥାନଗୁଡ଼ିକୁ ବିକ୍ରେତା କିମ୍ବା ବ୍ୟବସାୟୀ ଦଖଲ କରାଯିବା ଉଚିତ ନୁହେଁ।

## ଶ୍ୟାମାପ୍ରସାଦଙ୍କ ନାମରେ ନୂତନ ବ୍ୟାକ୍ଟେରିଆ



କୋଲକାତା,୪।୭(ସଂଚାର ବ୍ୟୁରୋ): ରାୟଗଞ୍ଜ ବିଶ୍ୱବିଦ୍ୟାଳୟ ନୂତନ ଆବିଷ୍କୃତ ଜୀବାଣୁକୁ ଦୁଇଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ନାମରେ ନାମିତ କରିଛି। ଗୋଟିଏ 'ମାଇକ୍ରୋମୋନୋସ୍ପୋରା' ଓ ଅନ୍ୟଟି 'ଷ୍ଟ୍ରେପ୍ଟୋମାଇସେସ୍'। ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସମ୍ମାନାର୍ଥେ ନୂତନ 'ମାଇକ୍ରୋମୋନୋସ୍ପୋରା' ପ୍ରଜାତିକୁ 'ମାଇକ୍ରୋମୋନୋସ୍ପୋରା ଶ୍ୟାମାପ୍ରସାଦି' ନାମକରଣ କରାଯାଇଛି। ଏହି ଜୀବାଣୁ ବିଭିନ୍ନ ଔଷଧ ଉତ୍ପାଦନରେ ବ୍ୟବହୃତ ହୁଏ। ନୂତନ ଭାବେ ଆବିଷ୍କୃତ ଦ୍ୱିତୀୟ ପ୍ରଜାତି 'ଷ୍ଟ୍ରେପ୍ଟୋମାଇସେସ୍' ଭବିଷ୍ୟତରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ନାମରେ ନାମିତ କରାଯିବା ଅନୁମାନ କରାଯାଉଛି। ଏହା ଆଣ୍ଟିବାୟୋଟିକ୍ ଉତ୍ପାଦନ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ରାୟଗଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି ଅର୍ଣ୍ଣବ ସେନ୍ ଶୁକ୍ରବାର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ପାକ୍ଷିକ ପାଳନ ଅବସରରେ ଏହି ସୂଚନା ଦେଇଛନ୍ତି।

## କାଳୀଘାଟରେ ପୂଜାକଲେ ଓମ୍ ବିର୍ଲା



କୋଲକାତା,୪।୭(ସଂଚାର ବ୍ୟୁରୋ): ଲୋକସଭା ବାଚସ୍ପତି ଓମ୍ ବିର୍ଲା କାଳିଘାଟରେ ପୂଜା କରିଛନ୍ତି। ସେ ଶନିବାର ଅପରାହ୍ଣରେ ବହୁ ବିଜେପି ନେତାଙ୍କ ସହିତ କାଳିଘାଟ ମନ୍ଦିର ପରିଦର୍ଶନ କରିଥିଲେ। ରାଜ୍ୟର ନବନିର୍ବାଚିତ ବିଧାୟକଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ଶୁକ୍ରବାର କୋଲକାତାରେ ପହଞ୍ଚିଛନ୍ତି।

## ସରକାରୀ ଶିକ୍ଷା ପ୍ରତି ଆସ୍ଥା ଫେରାଇବା ଆମ ଲକ୍ଷ୍ୟ: ମନ୍ତ୍ରୀ

କୋଲକାତା,୪।୭(ସଂଚାର ବ୍ୟୁରୋ): ଶିଲିଗୁଡ଼ିରେ ସରକାରୀ ସ୍କୁଲଗୁଡ଼ିକର ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ଶିଲିଗୁଡ଼ିର ବିଧାୟକ ତଥା ମନ୍ତ୍ରୀ ଶଙ୍କର ଘୋଷ ଶନିବାର ୩୦ ନମ୍ବର ୱାର୍ଡରେ ଥିବା ଶ୍ୟାମାପ୍ରସାଦ ପ୍ରାଥମିକ ଶିକ୍ଷା ମନ୍ଦିର ପରିଦର୍ଶନ କରିବା ସମୟରେ ଏମିତି କହିଛନ୍ତି। ସେ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ସରକାରୀ ଶିକ୍ଷା ବ୍ୟବସ୍ଥାରେ ବିଶ୍ୱାସ ଫେରାଇ ଆଣିବା। ଏଥିପାଇଁ ସରକାରୀ ସ୍କୁଲ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଅଭିଷେକ ଜେଲରେ ରହିବା ଉଚିତ: ଦିଲୀପ ଘୋଷ

କୋଲକାତା,୪।୭(ସଂଚାର ବ୍ୟୁରୋ): ରାଜ୍ୟ ପଞ୍ଚାୟତ ମନ୍ତ୍ରୀ ଦିଲୀପ ଘୋଷ ସ୍ପଷ୍ଟ ଭାବରେ ତୃଣମୂଳ ସାଂସଦ ଅଭିଷେକ ବାନାର୍ଜୀଙ୍କ ନାମ ନ ନେଇ ତାଙ୍କ ଉପରେ କଠୋର ଆକ୍ରମଣ କରିଛନ୍ତି। ଶନିବାର ଇକୋ ପାର୍କରେ ପ୍ରାତଃଭ୍ରମଣ ପରେ ଭାଷଣ ଦେଇ ସେ କହିଛନ୍ତି, ନିର୍ବାଚନ ସମୟରେ ଉତ୍ତେଜନାମୂଳକ ମନ୍ତବ୍ୟ ଦିଆଯାଇଥିଲା। ଫଳସ୍ୱରୂପୟ ନିର୍ବାଚନ ପରବର୍ତ୍ତୀ ହିଂସାରେ ଆମର ଅନେକ କର୍ମୀଙ୍କ ଉପରେ ଆକ୍ରମଣ ହୋଇଥିଲା। ତା'ପରେ ଘୋଷ ସ୍ପଷ୍ଟ ଭାବରେ କହିଥିଲେ, ଏପରି ଘଟଣାରେ ସମ୍ପୃକ୍ତ ଲୋକମାନେ ବାହାରେ ନୁହଁ, ଜେଲରେ ରହିବା ଉଚିତ।

## ବିଜେପି କର୍ମୀଙ୍କୁ ଗୁଳି, ୨ ଗିରଫ

କୋଲକାତା,୪।୭(ସଂଚାର ବ୍ୟୁରୋ): ଜଣେ ବିଜେପି କର୍ମୀଙ୍କୁ ଗୁଳି କରିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣା ଶୁକ୍ରବାର ରାତିରେ ଉତ୍ତର ୨୪ ପ୍ରଗଣାର ଭାଟପଡାରେ ଘଟିଥିଲା। ପୀଡ଼ିତ ବିଜେପି କର୍ମୀ ରାଜୁ କୁମାର ସାଉ (ଓରଫ ମନ୍ନୁ) ଗୁରୁତର ଆହତ ହୋଇଛନ୍ତି। ପୁଲିସ ଏହି ଘଟଣାରେ ସୁଜିତ ଚୌଧୁରୀ (ଓରଫ କାଲୁଆ) ସମେତ ଦୁଇ ଜଣଙ୍କୁ ଗିରଫ କରିଛି।

## ଅଭିନେତ୍ରୀଙ୍କୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗିରଫ

କୋଲକାତା,୪।୭(ସଂଚାର ବ୍ୟୁରୋ): ପାଟୁଲିର ଏକ ସାଧାରଣ ରାସ୍ତାରେ ଜଣେ ଅଭିନେତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପାଟୁଲି ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ନାମ ଅଙ୍କିତ ପାଲ। ଶୁକ୍ରବାର ରାତିରେ ସେହି ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି। ପ୍ରଥମେ ସିସିଟିଭି ଫୁଟେଜ୍ ମାଧ୍ୟମରେ ତାଙ୍କୁ ଚିହ୍ନଟ କରାଯାଇଥିଲା। କିଛି ଦିନ ପୂର୍ବେ ଅଭିନେତ୍ରୀ ପାଟୁଲି ଦେଇ ଯାଉଥିବା ସମୟରେ ଯୁବକ ଜଣକ ତାଙ୍କ ପାଖକୁ ସାଇକେଲରେ ଆସି ତାଙ୍କୁ ଦୁଷ୍କର୍ମ କରି ପଳାଇ ଯାଇଥିଲେ। ଅଭିନେତ୍ରୀ ପାଟୁଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ଫୁଟେଜ୍ ବ୍ୟବହାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଜଣାପଡିଥିଲା ଯେ ଅଭିଯୁକ୍ତ ଜଣେ ସ୍ଥାନୀୟ ବାସିନ୍ଦା ଏବଂ ପୂର୍ବରୁ ସମାନ ଅପରାଧରେ ଅଭିଯୁକ୍ତ ଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା।

ବାହାଘର ପାଇଁ ମନାକଲା ଝିଅର ପରିବାର

# ମାଉସୀ ପରିବାର ଉପରେ ଆକ୍ରମଣ: ଜଣେ ମୃତ, ୩ ଗୁରୁତର

ପାଟଣାଗଡ଼,୪।୭(ସଂଚାର ବ୍ୟୁରୋ): ଜଣେ ଝିଅ ବାହାଘର ପାଇଁ ମନା କରିବାରୁ ତାଙ୍କ ମାଉସୀ ପରିବାର ଉପରେ ହୋଇଛି ଆକ୍ରମଣ। ଏହି ଆକ୍ରମଣରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ମଲ୍ଲିକମୁଣ୍ଡା ଗାଁରେ ଘଟିଛି ଏହି ଘଟଣା।

ମିଳିଥିବା ସୂଚନା ମୁତାବକ, ଜାମବାହାଲ ଗାଁର ମନବୋଧ ସାହୁଙ୍କ ଝିଅଙ୍କ ବାହାଘର ତୁରେଇକେଲା ରାମୁଡ଼ ଗାଁର ସୁରେନ୍ଦ୍ର ସାହୁଙ୍କ ସହ ଦୀର୍ଘ ଦୁଇ ବର୍ଷ ହେଲା ସ୍ଥିର ହୋଇଥିଲା। ତେବେ କୌଣସି କାରଣରୁ ଝିଅର ବାହାଘର ପାଇଁ ମନବୋଧଙ୍କ ପରିବାର ମନା କରିଦେଇଥିଲେ। ଗତକାଲି କୌଣସି କାମରେ ସୁରେନ୍ଦ୍ର ଓ ତାଙ୍କ ପରିବାର ମନବୋଧଙ୍କ ଘରକୁ ଆସିଥିଲେ। ରାତିରେ ମନବୋଧଙ୍କ ଶଡ଼ୁ ବିନୋଦ ସାହୁଙ୍କ ଘରେ ସେମାନେ ରହିଥିଲେ। ତେବେ ରାତିରେ ଶୋଇଥିବା ବେଳେ ହଠାତ ପରିବାର ଉପରେ ଠେଙ୍ଗାରେ ଆକ୍ରମଣ କରି ସୁରେନ୍ଦ୍ର ଫେରାର ହୋଇଯାଇଥିଲା। ଗ୍ରାମବାସୀ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଟଣାଗଡ଼ ଡାକ୍ତରଖାନା ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ବିନୋଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପାଟଣାଗଡ଼ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

■ ଆଠଗଡ଼ ତହସିଲରେ କର୍ମଚାରୀ ଅଭାବ

# ସମସ୍ୟାରେ ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀ



କଟକ,୪।୭(ସଂଚାର ବ୍ୟୁରୋ): ଚାକିରି ଆଶାୟୀ ଯୁବକଯୁବତୀ ଆଠଗଡ଼ ତହସିଲରେ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଆବେଦନ କରିଛନ୍ତି। ମାତ୍ର ଆବେଦନ କରିବା ଇତିମଧ୍ୟରେ ମାସାଧିକ କାଳ ବିତିଯାଇଥିବା ବେଳେ ଆଠଗଡ଼ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସାର୍ଟିଫିକେଟ୍ ମିଳିପାରୁ ନଥିବା ଅଭିଯୋଗ ହୋଇଛି। ଏଥିପାଇଁ ବହୁ ଛାତ୍ରଛାତ୍ରୀ ସ୍କୁଲ କଲେଜରେ ନାମ ଲେଖାଇନାହାନ୍ତି। ସେହିପରି ଚାକିରି ଆଶାୟୀ ଯୁବକ ଯୁବତୀ ଚାକିରି ପାଇଁ ଆବେଦନ କରିପାରୁନାହାନ୍ତି।

ଆଠଗଡ଼ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକୀୟ କର୍ମଚାରୀ ଅଭାବ ଯୋଗୁ ଏ ଭଳି ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବା ତହସିଲ ଅଧିକାରୀଙ୍କ ପକ୍ଷରୁ କୁହାଯାଉଛି। ସୂଚନା ଅନୁଯାୟୀ, ତହସିଲରେ ମୋଟ ୭୩ ଜଣ କର୍ମଚାରୀ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୩୬ ଜଣ କର୍ମଚାରୀ। ଅଧାରୁ କମ ଥିବା କର୍ମଚାରୀ ଥିବାରୁ ସମସ୍ୟା ଲାଗି ରହିଥିବା ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ଆଠଗଡ ତହସିଲ କାର୍ଯ୍ୟାଳୟରେ ୫ ଜଣ ବରିଷ୍ଠ ରାଜସ୍ୱ ସହାୟକ ଥିବା ବେଳେ ୧୪ ଜଣ କନିଷ୍ଠ ରାଜସ୍ୱ ସହାୟକ ବଦଳରେ ମାତ୍ର ୫ଜଣ ଅଛନ୍ତି। ରାଜସ୍ୱ ନିରୀକ୍ଷକ ୧୧ ଜଣ ଅବଶ୍ୟକ ଥିବା ବେଳେ ୯ ଜଣ ଅଛନ୍ତି। ସହକାରୀ ରାଜସ୍ୱ ନିରୀକ୍ଷକ ୧୧ ଆବଶ୍ୟକ ଥିବା ବେଳେ ମାତ୍ର ୪ ଜଣ ଅଛନ୍ତି। ଅମୀନ ୧୧ଜଣ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୩ ଜଣ। ଡାଟା ଏଣ୍ଟ୍ରି ଅପରେଟର ୪ ଜଣ ଆବଶ୍ୟକ ଥିବା ବେଳେ ଅଛନ୍ତି ୨ଜଣ। ଚତୁର୍ଥ ଶ୍ରେଣୀ କର୍ମଚାରୀ ୪ ଜଣ ଆବଶ୍ୟକ ଥିବା ବେଳେ ଅଛନ୍ତି ୨ ଜଣ। ଏଭଳି ବହୁ ସମସ୍ୟାରେ ଛନ୍ଦି ହୋଇ ଆଠଗଡ଼ ତହସିଲ ଲୋକଙ୍କ କାମ କରି ପାରୁନାହିଁ ବୋଲି ଜାଣିବାକୁ ମିଳିଛି। ଏଥିପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଆଠଗଡବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଲାଲଗୁଲାରୁ ୨ ଗିରଫ, ବନ୍ଧୁକ ଜବତ

କୋଲକାତା,୪।୭(ସଂଚାର ବ୍ୟୁରୋ): ମୁର୍ଶିଦାବାଦର ଲାଲଗୋଲା ଥାନା ଅଞ୍ଚଳରୁ ଦୁଇଜଣ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଛି। ପୁଲିସ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଏବଂ ଏକ ଦାମୀ ମୋଟରସାଇକେଲ ଜବତ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ଲାଲଗୋଲା ଥାନା ସୀମା ଅନ୍ତର୍ଗତ ଆମତାଲା ମୋଡରେ ଏହି ଘଟଣା ଘଟିଛି। ଗିରଫ ବ୍ୟକ୍ତିଙ୍କ ନାମ ଅସଦୁଲ ଶେଖ (୩୧) ଏବଂ ମୁକସେଦୁଲ ହୋସେନ (୨୭)। ସେମାନେ ଯଥାକ୍ରମେ ସାଗରପଡା ଥାନା ଅନ୍ତର୍ଗତ ପୂର୍ବ କାଜିପଡା ଏବଂ ଇସଲାମପୁର ଥାନା ଅନ୍ତର୍ଗତ ଫିରୋଜପୁରର ବାସିନ୍ଦା। ଗିରଫ ବ୍ୟକ୍ତିମାନେ ଜବତ ହୋଇଥିବା ବନ୍ଧୁକ ଚୋରା ଚାଲାଣ କରିବାକୁ ଯୋଜନା କରିବାକୁ ଯୋଜନା କରିଥିଲେ। ଏକ ଗୁପ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ଆମତାଲା ମୋଡ ଅଞ୍ଚଳରେ ଚଢ଼ାଉ କରିଥିଲା। ବିଳମ୍ବିତ ରାତିରେ ହୋଇଥିବା ଏକ ଅଭିଯାନ ସମୟରେ ପୁଲିସକୁ ଏକ ମୋଟରସାଇକେଲ ଓ ଏହାର ଦୁଇ ଆରୋହୀଙ୍କ ଉପରେ ସନ୍ଦେହ ହୋଇଥିଲା। ସେମାନେ ଗାଡ଼ିଟିକୁ ଅଟକାଇ ତଲାସୀ ନେଇଥିଲେ ଓ ତିନୋଟି ବନ୍ଧୁକ, ଛଅଟି ମ୍ୟାଗାଜିନ ଏବଂ ୨୧ଟି ଗୁଳି ଜବତ କରିଥିଲେ। ପରେ ଦୁଇ ଆରୋହୀଙ୍କୁ ଗିରଫ କରାଯାଇଥିଲା ଏବଂ ମୋଟରସାଇକେଲଟି ଜବତ କରାଯାଇଥିଲା। ଲାଲଗୋଲା ଥାନାର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗିରଫ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି ଏବଂ ପଚରାଉଚରା ଚାଲିଛି। ଏହି ଘଟଣାରେ ଅନ୍ୟମାନେ ସମ୍ପୃକ୍ତ କି ନାହିଁ ତାହା କର୍ତ୍ତୃପକ୍ଷ ଯାଞ୍ଚ କରୁଛନ୍ତି ଏବଂ ବିପୁଳ ପରିମାଣର ଅସ୍ତ୍ରର ଗନ୍ତବ୍ୟସ୍ଥଳ ନିର୍ଣ୍ଣୟ କରିବାକୁ ମଧ୍ୟ ଚେଷ୍ଟା କରୁଛନ୍ତି।

## ତୃଣମୂଳ କାଉନସିଲରଙ୍କ କଂଗ୍ରେସରେ ଯୋଗଦାନକୁ ନେଇ ଖଣ୍ଡଯୁଦ୍ଧ

କୋଲକାତା,୪।୭(ସଂଚାର ବ୍ୟୁରୋ): କୋଲକାତା ମ୍ୟୁନିସିପାଲ କର୍ପୋରେସନର ୪୪ ନମ୍ବର ୱାର୍ଡର ପୂର୍ବତନ ତୃଣମୂଳ କଂଗ୍ରେସ କାଉନସିଲର ରେହାନା ଖାତୁନ କଂଗ୍ରେସରେ ଯୋଗଦେବାକୁ ବିଧାନ ଭବନରେ ପହଞ୍ଚିଥିଲେ। ତେବେ ବରିଷ୍ଠ କଂଗ୍ରେସ କର୍ମୀମାନେ ଏହି ପଦକ୍ଷେପକୁ ଗ୍ରହଣ କରିପାରିଲେ ନାହିଁ। ସେମାନେ ପ୍ରତିବାଦ କରିବା ଆରମ୍ଭ କରିଥିଲେ। ଯୁକ୍ତି ଦେଇଥିଲେ ଯେ ତୃଣମୂଳ କଂଗ୍ରେସ କ୍ଷମତାରେ ଥିବା ସମୟରେ କଂଗ୍ରେସ କର୍ମୀମାନେ କଠୋର ନିର୍ଯାତନାର ସମ୍ମୁଖୀନ ହୋଇଥିଲେ। ସେମାନେ ପ୍ରଶ୍ନ ଉଠାଇଥିଲେ ଯେ ଜଣେ ପୂର୍ବତନ ତୃଣମୂଳ କାଉନସିଲରଙ୍କୁ କାହିଁକି ଦଳରେ ସାମିଲ କରାଯାଉଛି। ହଙ୍ଗାମା ମଧ୍ୟରେ ଅଣ୍ଡା ମଧ୍ୟ ଫିଙ୍ଗାଯାଇଥିଲା। ଦୀର୍ଘ ସମୟ ଧରି ପ୍ରତିବାଦ ଯୋଗୁ ଯୋଗଦାନ ହୋଇପାରିଲା ନାହିଁ। କଂଗ୍ରେସ ମୁଖପାତ୍ର ସୁମନ ରାୟଚୌଧୁରୀ କହିଛନ୍ତି ଯେ, ରେହାନା ଖାତୁନ କଂଗ୍ରେସରେ ଯୋଗଦେବାକୁ ଆଗ୍ରହୀ। ସେ ଏକ ଆବେଦନ ନେଇ ବିଧାନ ଭବନ ଆସିଥିଲେ, କିନ୍ତୁ ସେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଯୋଗ ଦେଇନାହାନ୍ତି। ରାଜ୍ୟ କଂଗ୍ରେସ ସଭାପତି ତାଙ୍କ ଆବେଦନର ସମୀକ୍ଷା କରୁଛନ୍ତି।

## ଦକ୍ଷିଣବଙ୍ଗରେ ପ୍ରବଳ ବର୍ଷା ହେବ

କୋଲକାତା,୪।୭(ସଂଚାର ବ୍ୟୁରୋ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗର ସଂଲଗ୍ନ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ଅବସ୍ଥିତ, ଯାହା ସହିତ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସହିତ ଏକ ମୌସୁମୀ ଅକ୍ଷରେଖା ଉତ୍ତର-ପଶ୍ଚିମ ରାଜସ୍ଥାନରୁ ଉତ୍ତର ମଧ୍ୟପ୍ରଦେଶ, ଉତ୍ତର ଛତିଶଗଡ଼ ଓ ଓଡ଼ିଶା ଦେଇ ବ୍ୟାପୀ ବଙ୍ଗୋପସାଗରରେ ଥିବା ଲଘୁଚାପର କେନ୍ଦ୍ରରେ ପହଞ୍ଚିଛି। ଏହି ତ୍ରିମୁଖୀ ପାଣିପାଗ ପ୍ରଣାଳୀ ଯୋଗୁଁ ଦକ୍ଷିଣବଙ୍ଗର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅଢ଼େଇ ବର୍ଷ ତଳର ହତ୍ୟାକାଣ୍ଡର ଫିଟିଲା ରହସ୍ୟ

# ୩ ହତ୍ୟାକାରୀ ଗିରଫ

ଉଦଳା,୪।୭(ସଂଚାର ବ୍ୟୁରୋ): ଡିଏନଏ ଖୋଲିଲା ଜଘନ୍ୟ ହତ୍ୟାକାଣ୍ଡର ରହସ୍ୟ। ମିଶିଲା ଡିଏନଏ ରିପୋର୍ଟ, ଅଢ଼େଇ ବର୍ଷ ତଳେ ଘଟିଥିବା ଲୋମଟାଙ୍କୁରା ହତ୍ୟାକାଣ୍ଡର ଫିଟିଲା ରହସ୍ୟ। ଗିରଫ ହେଲେ ୩ ଅଭିଯୁକ୍ତ। ଅଜଣା ମୃତଦେହକୁ ଧରି ଅଢ଼େଇ ବର୍ଷ ଧରି ପରିଚୟ ପାଇଁ ଘାଣ୍ଟି ହୋଇ ଶେଷରେ ହତ୍ୟାକାରୀଙ୍କୁ ଗିରଫ କରିଛି ସ୍ଥାନୀୟ ପୁଲିସ। ଗୁଣିଗାରେଡ଼ି ସନ୍ଦେହରୁ ଅତି ବୀଭତ୍ସ ଭାବେ ହତ୍ୟା କରାଯିବା ସହ ସବୁ ପ୍ରମାଣ ନଷ୍ଟ କରାଯାଇଥିଲା।

ଗତ ୨୦୨୩ ନଭେମ୍ବର ୮ ତାରିଖରେ ଉଦଳା ଥାନା ବହୁବନ୍ଧ ସୁରେଇସାହି କାଜୁ ଜଙ୍ଗଲର ଏକ ପରିତ୍ୟକ୍ତ କୂଅ ଭିତରୁ ପଥର ବନ୍ଧା ଅବସ୍ଥାରେ ପଡ଼ିଥିବା ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ହେଲେ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ଘଟଣାସ୍ଥଳରୁ ଚପଲ ମିଳିଥିଲା। ମୃତଦେହର ପରିଚୟ ମିଳିପାରିନଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାର ୩ ମାସ ପରେ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ମଧ୍ୟ ସବୁ ଦିଗରୁ ତଦନ୍ତ କରିଥିଲା। ଅଚାନକ ଗତ ୧୭ ତାରିଖରେ ନିଖୋଜ ବାପାକୁ ଖୋଜି ଖୋଜି ଥାନାରେ ପହଞ୍ଚିଥିଲେ ଶୁଖୁଆସାହି ଗ୍ରାମର ବିଶ୍ୱନାଥ ସିଂ। ସେତେବେଳେ ଉକ୍ତ ଅଜଣା ମୃତଦେହ ପାଖରୁ ମିଳିଥିବା ଚପଲ ଦେଖି ତାହା ତାଙ୍କ ବାପା ଯୁବରାଜ ସିଂଙ୍କର ବୋଲି ବିଶ୍ୱନାଥ ଦାବି କରିଥିଲେ। ପରେ କ୍ରାଇମବ୍ରାଞ୍ଚ ତାଙ୍କ ଡିଏନଏ ନେଇ ପରୀକ୍ଷା କରାଇବା ପରେ ଶେଷରେ ସବୁ ରହସ୍ୟ ଖୋଲିଥିଲା। ଯୁବରାଜଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ବଣସାହି ଗ୍ରାମର ସାନଗୌର ମୋହନ ସିଂ, ନରହରି ସିଂ ଓ ଜଣେ ନାବାଳକ ମିଶି ଅଢ଼େଇ ବର୍ଷ ତଳେ ବଡ଼ବିଲା ଗ୍ରାମ ହାଟକୁ ଡାକି ସେଠାରେ ଏକ ରଶି ସାହାଯ୍ୟ ବେକ ଚିପି ହତ୍ୟା କରିଥିଲେ। ହତ୍ୟା କରିବା ପରେ ଯୁବରାଜଙ୍କୁ ସେମାନେ ନିକଟସ୍ଥ ଜଙ୍ଗଲରେ ରଖିଥିଲେ ଓ ମଧ୍ୟାହ୍ନରେ ଏକ ଗାଡ଼ିରେ ଲଦି ୫ଟି ପଥର ବାନ୍ଧି କୂଅରେ ପକାଇ ଦେଇଥିଲେ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରିଛି।



# ବସୁଧା ଯୋଜନାରେ ମିଳୁନି ପାଣି

## ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

**କଳାହାଣ୍ଡି, ୪/୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକର ଅନେକ ଗ୍ରାମକୁ ବସୁଧା ଯୋଜନାରେ ମିଳୁନି ପାଣି। ଏହାର ଲଗ୍ନ ଚିତ୍ର ଦେଖିବାକୁ ମିଳୁଛି ଡୁଡୁକାରାଞ୍ଜା ପଞ୍ଚାୟତରେ।

ବସୁଧା ଯୋଜନା ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯୋଜନାର କାମ ଆରମ୍ଭ ହୋଇଥିଲେ ମଧ୍ୟ ଅନେକ ଅଞ୍ଚଳରେ ନିୟମିତ ପାଣି ଯୋଗାଣ ଆରମ୍ଭ ହୋଇନଥିବା ଅଭିଯୋଗ ହେଉଛି। ଫଳରେ ଗ୍ରାମବାସୀ ଶୀଘ୍ର ପାନୀୟ ଜଳ ସେବା ଆରମ୍ଭ କରିବାକୁ ଦାବି କରୁଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗ୍ରୀଷ୍ମ ଓ ବର୍ଷା ଋତୁରେ ମଧ୍ୟ ଅନେକ ପରିବାର ପାନୀୟ ଜଳ ପାଇଁ ଦୂରଦୂରାନ୍ତକୁ ଯିବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ବସୁଧା ଯୋଜନା ମାଧ୍ୟମରେ ଘରେ ଘରେ ପାଣି ପହଞ୍ଚିବ ବୋଲି ଆଶା କରିଥିଲେ ମଧ୍ୟ ସେହି ସୁବିଧା ଏପର୍ଯ୍ୟନ୍ତ ସମସ୍ତଙ୍କ ପାଖକୁ ପହଞ୍ଚିନାହିଁ ବୋଲି ଜନତା ମତପ୍ରକାଶ କରିଛନ୍ତି।

ଗ୍ରାମବାସୀଙ୍କ ଦାବି ହେଉଛି, ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ଯଥାଶୀଘ୍ର କାମ ସମ୍ପୂର୍ଣ୍ଣ କରି ନିୟମିତ ପାଣି ଯୋଗାଣ ଆରମ୍ଭ କରନ୍ତୁ। ଯଦି ଶୀଘ୍ର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ ବୋଲି କେତେକ ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି।

ଏହି ବିଷୟରେ ସମ୍ପୃକ୍ତ ବିଭାଗର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ସମୟସୀମା କିମ୍ବା ବିସ୍ତୃତ ସୂଚନା ସାର୍ବଜନୀନ ଭାବେ ପ୍ରକାଶ ପାଇନାହିଁ। ତେଣୁ କାମର ବର୍ତ୍ତମାନ ସ୍ଥିତି ଓ ପାଣି ଯୋଗାଣ କେବେ ଆରମ୍ଭ ହେବ, ସେନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି।

# ହନୁମାନ ପଇସା ନାଁରେ ଠକେଇ, ୩ ଗିରଫ




**ସୁନ୍ଦରଗଡ଼,୪/୭ (ସଂଚାର ବ୍ୟୁରୋ):** ବିଭିନ୍ନ ସମୟରେ ଅନେକ ନିରୀହ ଓ ସାଧାରଣ ଯୁବକଙ୍କୁ ନିଜ ଜାଲରେ ଫସେଇ ହନୁମାନ ପଇସା ବିକ୍ରି କରି ରାତାରାତି କୋଟିପତି କରିଦେବେ ନିଶା, ସରକାରୀ ଚାକିରୀ କରେଇ ଦେବା ବାହାନା କରି ଠକି ଟଙ୍କା ଲୁଟୁଥିବା ଗୋଟିଏ ଗ୍ୟାଙ୍ଗର ତିନି ଜଣ ଠକଙ୍କୁ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି, ସୁନ୍ଦରଗଡ଼ ଟାଉନ ଅଞ୍ଚଳର ପଣ୍ଡରୀଡିପା ର ଉମେଶ ତନ୍ତୀ ଆଦର୍ଶନଗର ର ସନି କୁମାର , ସଦର ଥାନା ସୁବଳୟା ର ମାଧବ ମିଞ୍ଜ, ଗିରଫ ସମୟରେ ଗୋଟିଏ ଏରଟିଗା କାର, ତିନୋଟି ମୋବାଇଲ ପୋଲିସ ଜବତ କରିଛି, ଏହି ଅପରାଧୀଙ୍କ ନାମରେ ପୂର୍ବରୁ ଏଭଳି ବିଭିନ୍ନ ମାମଲା ଝାରସୁଗୁଡା, ଧରୁଆଡ଼ିହି, ଟାଉନ ଥାନା ରେ ଥିବା ପୋଲିସ ସୂଚନା ଦେଉଛି

**ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଆନ୍ଧ୍ର ପୁଲିସର ମନମାନୀ ଘଟଣା**

# ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



**ମାଲକାନଗିରି, ୪/୭ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତ କୁନିଗୁଡା ଗ୍ରାମରେ ଆନ୍ଧ୍ରପ୍ରଦେଶ ମୁଞ୍ଚିମପୁଟ ପୁଲିସ ଗ୍ରାମର ପୁରୁଷ ଏବଂ ମହିଳାମାନଙ୍କୁ ବିନା ନୋଟିସରେ ଗ୍ରାମ ଭିତରେ ପଶି ନିଜ ମନମୁତାବକ ଗିରଫ କରି ନେଇଯାଉଥିବା ଘଟଣା ଖବର ପ୍ରକାଶ ପାଇବା ପରେ ଆଜି ଉକ୍ତ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ।

ବିଧାୟକ ଶ୍ରୀ ଖିଲ ପହଞ୍ଚି କେଉଁ କାରଣ ହେତୁ ଗ୍ରାମବାସୀଙ୍କୁ ଆନ୍ଧ୍ର ପୁଲିସ ଆସି ନିଜ ମନମୁତାବକ ରାତି ଅଧିଆ ଓଡ଼ିଶା ପୁଲିସକୁ ନ ଜଣାଇ ଗିରଫ କରି ନେଉଛି ଏବଂ କେଉଁ କାରଣ ହେତୁ ଆନ୍ଧ୍ର ପୁଲିସ ତାର ଏଭଳି ମନମାନି ଚଳାଇଛି ସେ ବିଷୟ ଜାଣିବା ନିମନ୍ତେ ବିଧାୟକ ଗ୍ରାମରେ ପହଞ୍ଚିଥିଲେ। ଲଗାଣ ବର୍ଷା ହେତୁ ଗ୍ରାମରେ ଥିବା ବିଦ୍ୟାଳୟ ଶ୍ରେଣୀ ଗୃହରେ ଏକ ସାଧାରଣ ବୈଠକର ଆୟୋଜନ କରାଯାଇଥିଲା। ବିଧାୟକ ଶ୍ରୀ ଖିଲ ସିଧାସଳଖ ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଗ୍ରାମର ମହିଳାମାନେ ଗତ ୩ ବର୍ଷରୁ ଉର୍ଦ୍ଧ୍ୱ ଧରି ଆନ୍ଧ୍ର ପୁଲିସର କିପରି ଜୁଲମ ସହୁଥିବା ତାହା ବିଧାୟକଙ୍କ ସମ୍ମୁଖରେ ବଖାଣିଥିଲେ।

ପରେ ଗ୍ରାମବାସୀଙ୍କ ସମସ୍ତ ସମସ୍ୟା ଶୁଣି ସେ ମାଲକାନଗିରି ଏସପିଙ୍କ ସହ ଏନେଇ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ଗସ୍ତରେ ସମୟରେ ବିଧାୟକ ଶ୍ରୀ ଖିଲଙ୍କ ସମେତ ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଫ୍ରେଣ୍ଡଲି ଯୋଗ କ୍ଲବ ତରଫରୁ ବନ୍ଧୁମିଳନ

**ପାରାଦୀପ,୪/୭ (ସଂଚାର ବ୍ୟୁରୋ):** ଫ୍ରେଣ୍ଡଲି ଯୋଗ କ୍ଲବ,ପାରାଦୀପ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କପିଳମୁନି ଆଶ୍ରମ, ମଧୁବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ବିଭୂତି ଭୂଷଣ ସାହୁ(ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଏବଂ ସେମାନଙ୍କର ପରିବାରବର୍ଗ ଯୋଗ ଦେଇଥିଲେ। ଏହା ଏକ ଭାଇଚାରାର ସମ୍ପର୍କ ସୃଷ୍ଟି କରିବା ସହ ସମସ୍ତେ ସମସ୍ତଙ୍କ ପରିବାର ସହିତ ମିଶିବାର ସୁଯୋଗ ସୃଷ୍ଟି କରିଥିଲା । ଏହି ଅବସରରେ କପିଳମୁନି ଆଶ୍ରମର ତତ୍ତ୍ୱାବଧାରକ ଦୁଇଜଣ ସାଧୁ ସନ୍ଥ ନାରାୟଣ ମିଶ୍ର ଏବଂ ସନ୍ଥ ମାନସ ମିଶ୍ରଙ୍କୁ ଯୋଗ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।




# ନିୟମିତ ଭାବେ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚୁନି ଗ୍ୟାସ୍

## ବାଧାପ୍ରାପ୍ତ ହେଉଛି ଶିଶୁଙ୍କ ରନ୍ଧା ଖାଦ୍ୟ ପ୍ରସ୍ତୁତି

## ଦଳାଇ ଏଚ୍‌ପି ଗ୍ୟାସ୍ ଏଜେନ୍ସୀ ନାଁରେ ପୁଣି ସଙ୍ଗିନ ଅଭିଯୋଗ

## ଫୋନ ଉଠାଉ ନାହାନ୍ତି ଏଜେନ୍ସୀ କର୍ମଚାରୀ




**ଆନନ୍ଦପୁର,୪/୭ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ରନ୍ଧନ ଗ୍ୟାସ ଯୋଗାଣକୁ ନେଇ ପୁଣି ଉଠିଛି ପ୍ରଶ୍ନ। ଏଚପି ଦଳାଇ ଗ୍ୟାସ ଏଜେନ୍ସୀ ବିରୋଧରେ ଅଭିଯୋଗ ହୋଇଛି ଯେ, ସିଡିପିଓଙ୍କ ଲିଖିତ ଅନୁରୋଧ ସତ୍ତ୍ୱେ ମଧ୍ୟ ଅନେକ ଅଙ୍ଗନବାଡ଼ି କେନ୍ଦ୍ରକୁ ସମୟରେ ଗ୍ୟାସ ପହଞ୍ଚାଯାଉ ନାହିଁ। ଫଳରେ ଛୋଟ ଛୋଟ ପିଲାଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତି ବାଧାପ୍ରାପ୍ତ ହେଉଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗନବାଡ଼ି କେନ୍ଦ୍ରରେ ଜାଳେଣି କାଠ ବଦଳରେ ଏଲପିଜି ଗ୍ୟାସରେ ରୋଷେଇ କରି ଶିଶୁମାନଙ୍କୁ ଗରମ ଓ ପୌଷ୍ଟିକ ଖାଦ୍ୟ ପରିବେଷଣ କରିବାକୁ ବ୍ୟବସ୍ଥା ରହିଛି। ଏଥିପାଇଁ ଗ୍ୟାସ ଏଜେନ୍ସୀମାନଙ୍କୁ କେନ୍ଦ୍ରରେ ନିୟମିତ ଗ୍ୟାସ ପହଞ୍ଚାଇବାକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଅଭିଯୋଗ ହେଉଛି, ଆନନ୍ଦପୁର ଉପଖଣ୍ଡର ଏଚ୍‌ପି ଦଳାଇ ଗ୍ୟାସ ଏଜେନ୍ସୀ ଅନେକ ଅଙ୍ଗନବାଡ଼ି କେନ୍ଦ୍ରକୁ ସମୟରେ ଗ୍ୟାସ ଯୋଗାଉ ନାହିଁ। ଗ୍ୟାସ ସରିଯିବା ପରେ କର୍ମୀମାନେ ଫୋନ କରିଥିଲେ ମଧ୍ୟ କର୍ମଚାରୀମାନେ ଫୋନ ଉଠାଉ ନଥିବା ଅଭିଯୋଗ କରିଛନ୍ତି। ଫଳରେ ଅନେକ କେନ୍ଦ୍ରରେ ରୋଷେଇ ବନ୍ଦ ହେବା ସହ ଶିଶୁମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ବ୍ୟାହତ ହେଉଛି।

ଅଙ୍ଗନବାଡ଼ି କେନ୍ଦ୍ରରେ ଗ୍ୟାସ ଯୋଗାଣରେ ଅବହେଳା ଯୋଗୁଁ ଶିଶୁମାନଙ୍କ ପୌଷ୍ଟିକ ଖାଦ୍ୟ ବ୍ୟବସ୍ଥା ପ୍ରଭାବିତ ହେଉଥିବାରୁ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଏଜେନ୍ସୀ ବିରୋଧରେ ଯଥାଯୋଗ୍ୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ିଆ ଚଳଚ୍ଚିତ୍ରର ଶ୍ରେଷ୍ଠ ଗୀତିକାର ଦୁର୍ଗାମାଧବ ପଣ୍ଡାଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା




**ସୁନ୍ଦରଗଡ଼,୪/୭ (ସଂଚାର ବ୍ୟୁରୋ):** ଶନିବାର ଦିନ ସୁନ୍ଦରଗଡ଼ ବିଜୁ ଜନତା ଦଳ ତରଫରୁ ସୁନ୍ଦରଗଡ଼ର ବିଶିଷ୍ଟ କବି ତଥା ପ୍ରସିଦ୍ଧ ଗୀତିକାର ଦୁର୍ଗା ମାଧବ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯେ କି ଏଇ କିଛିଦିନ ଆଗରୁ ୨୦୨୪ ବର୍ଷର ଓଡ଼ିଆ ଚଳଚ୍ଚିତ୍ର "କର୍ମ"ରେ ତାଙ୍କ ଦ୍ୱାରା ରଚିତ ଶ୍ରେଷ୍ଠ ଗୀତ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କଠାରୁ ୨୦୨୪ ବର୍ଷପାଇଁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଗୀତିକାର ସମ୍ମାନ ଓ ପୁରସ୍କାର ପାଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଶ୍ରୀ ପଣ୍ଡାଙ୍କ ସାହିତ୍ୟିକ ଓ ସଙ୍ଗୀତ କ୍ଷେତ୍ରର ଅବଦାନର ଉଚ୍ଚ ପ୍ରଶଂସା କରିବା ସହ ଏହି ସମ୍ମାନ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ।

# ସୋଆ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ



**ଭୁବନେଶ୍ୱର,୪/୭ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଏନ୍ଏସ୍ଏସ୍ ଶାଖା ଓ ରୋଟାରୀ କ୍ଲବ, ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଭୁବନେଶ୍ୱର ଉପକଣ୍ଠ ଛତାବର ସ୍ଥିତ ସୋଆର କୃଷି ଓ ପଶୁପାଳନ ଫାର୍ମ ପରିସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଫେସର ନନ୍ଦ କହିଥିଲେ ଯେ ପରିବେଶକୁ ସୁରକ୍ଷିତ କରିବା ଲକ୍ଷ୍ୟ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ଦ୍ୱାରା ପରିବେଶ ସନ୍ତୁଳିତ ହୋଇପାରିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଯୋଗ ଦେଇ କହିଥିଲେ ଯେ ସୋଆର ସବୁ କ୍ୟାମ୍ପସ୍‌ରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି। ଶନିବାର ଛତାବର ଫାର୍ମରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗୁଆ, ତାଳ, ନଡ଼ିଆ, କଦମ୍ବ, ଚମ୍ପା, ବଉଳ, କୃଷ୍ଣଚୂଡ଼ା, ପାତାଳି, ଫାସି, ରାଧାଚୂଡ଼ା, ରକ୍ତଚନ୍ଦନ ଓ ଅଶୋକ ଭଳି ବିଭିନ୍ନ ପ୍ରକାରର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିବା ପ୍ରଫେସର ରାଉତ ସୂଚନା ଦେଇଥିଲେ।

**ସାମ୍ବାଦିକ ଭବନ ନିର୍ମାଣ ଦାବି ନେଇ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ନିମାପଡା ସାମ୍ବାଦିକ ସଂଘ**

# ନିମାପଡ଼ାର ବିକାଶରେ ସାମ୍ବାଦିକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ



**ନିମାପଡା,୪/୭ (ସଂଚାର ବ୍ୟୁରୋ):** ନିମାପଡା ବିକାଶର ଶିଖର ଛୁଇଁବା ପାଇଁ ସରକାରଙ୍କ ତରଫରୁ ବ୍ୟାପକ ଯୋଜନା,ପ୍ରକଳ୍ପ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ବିପୁଳ ଅନୁଦାନ ମଞ୍ଜୁର ସହ ସର୍ଭେ,ସମୀକ୍ଷା ଏବଂ ଅଟକଳ ପ୍ରୟାସ ଜାରି ରହିଛି। ବିକଶିତ, ସମୃଦ୍ଧ ଓ ଉତ୍କର୍ଷ ନିମାପଡା ନିମନ୍ତେ ଜାରି ରହିଥିବା ପ୍ରୟାସରେ ସାମ୍ବାଦିକ ମାନେ ଭାଗିଦାରୀ ହେବା ସହ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ନିମାପଡା ସାମ୍ବାଦିକ ସଂଘ ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଓ ଆଲୋଚନା ଚକ୍ରରେ ଶ୍ରୀମତୀ ପରିଡ଼ା ସାମ୍ବାଦିକ ସଂଘ ନାମରେ ଖୁବ୍ ଶୀଘ୍ର ସରକାରଙ୍କ ତରଫରୁ ଜମି ଯୋଗାଇ ଦିଆଯାଇ ସାମ୍ବାଦିକ ଭବନ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କୁଚକ୍ରୀ ମାନଙ୍କର ପରାମର୍ଶରେ ପ୍ରବଞ୍ଚିତ ଓ ପ୍ରଲୋଭିତ ନ ହୋଇ ସାମ୍ବାଦିକ ମାନେ ଜନସାଧାରଣଙ୍କ ସହ ରହି ସତ୍ୟ ଓ ତଥ୍ୟ ଭିତ୍ତିକ ଖବର ପ୍ରକାଶ କରନ୍ତୁ ବୋଲି ପରାମର୍ଶ ଦେବା ସହ ସେମାନଙ୍କ ଦୁଃଖ ସୁଖରେ ରହିବେ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଥିଲେ।

# ବନ ମହୋତ୍ସବ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ




**ହିଞ୍ଜିଳିକାଟୁ,୪/୭ (ସଂଚାର ବ୍ୟୁରୋ):** ଜୁଲାଇ ପ୍ରଥମ ସପ୍ତାହକୁ ସମଗ୍ର ଭାରତ ବନ ମହୋତ୍ସବ ସପ୍ତାହ ଭାବେ ପାଳନ କରିଆସୁଛି। ଏହି ପରିପ୍ରେକ୍ଷୀରେ ଆଜି ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବି.ନୂଆଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ପାଳିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିବା ବେଳେ ରୋପଣ କରାଯାଇଥିବା ଚାରା ଗୁଡ଼ିକର ଯତ୍ନ ନେବା ସହ ସବୁଜ ପରିବେଶ ଗଠନରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଶପଥ ନିଆଯାଇଥିଲା। ପ୍ରତ୍ୟେକ ଲୋକ ଓ ଛାତ୍ରଛାତ୍ରୀ ଗୋଟିଏ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା ପାଇଁ ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ ଆହ୍ୱାନ ଦେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କ୍ୟାମ୍ପ ପାଇଁ ପ୍ରସ୍ତୁତି



**ବୋରିଗୁମ୍ମା, ୪/୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସମ୍ମିଳନୀ କକ୍ଷଠାରେ ଶନିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ୨୦୨୬-୨୭ ପାଇଁ ଆୟୋଜିତ ହେବାକୁ ଥିବା କ୍ୟାମ୍ପକୁ ସଫଳ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ବ୍ଲକର ସମସ୍ତ ସୁପରଭାଇଜର, ବ୍ଲକ ରିସୋର୍ସ ଟିଚର, ଶିକ୍ଷାବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ସମସ୍ତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ । ଏହି ବୈଠକରେ ଆସନ୍ତା ୮ ଜୁଲାଇ ୨୦୨୬ରୁ ବିସିଂହ ପୁର ଗ୍ରାମ ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା କ୍ଲଷ୍ଟରସ୍ତରୀୟ ବିବିଏସଏ କ୍ୟାମ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି ।

ଏହି କ୍ୟାମ୍ପରେ ବୋରିଗୁମ୍ମା ବ୍ଲକ ଅଧିନିସ୍ତ ସମସ୍ତ ୩୧ ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯୋଗ୍ୟ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସାମିଲ କରିବା, ପୂର୍ବ ପଞ୍ଜୀକରଣ,ସଚେତନତା ସୃଷ୍ଟି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କ୍ୟାମ୍ପକୁ ସଫଳ କରିବା ଉପରେ ଆଲୋଚନା କରାଯାଇଛି। ବିଡିଓ ଶ୍ରୀ ପଟନାୟକ ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି ଯୋଗ୍ୟ ହିତାଧ୍ୟାକାରୀଙ୍କୁ କ୍ୟାମ୍ପରେ ଉପସ୍ଥିତ କରାଇବା ସହ ସରକାରଙ୍କ ଭିନ୍ନକ୍ଷମ କଲ୍ୟାଣମୂଳକ ଯୋଜନାର ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

# ପୋଷଣ ଅଭିଯାନ:ଓଜନ ଉତ୍ସବ ୨୦୨୬-୨୭ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା,୪/୭ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ପୋଷଣ ଅଭିଯାନ, "ଓଜନ ଉତ୍ସବ-୨୦୨୬-୨୭" ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ବୈଠକରେ ସଂଯୋଜନା କରିଥିଲେ । ଏଥି ସହ ଶ୍ରୀମତୀ ପ୍ରହରାଜ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି ସୁପରଭାଇଜର, ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ ମାନଙ୍କ ସହ ଚଳିତ ଜୁଲାଇ ୧ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୦ ରୁ ୦୬ ବର୍ଷର ଶିଶୁ ମାନଙ୍କ ଓଜନ ଉତ୍ସବର ବିସ୍ତୃତ କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ଓଜନ ଉତ୍ସବ ଚଳିତ ଜୁଲାଇ ମାସ ୧ ରୁ ୨୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଆୟୋଜନ କରାଯିବ। ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପିତାମାତା, ଶିଶୁର ଯତ୍ନ ନେଉଥିବା ବ୍ୟକ୍ତି ବିଶେଷ ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ରରେ ନିଜ ଶିଶୁର ଓଜନ ଏବଂ ଉଚ୍ଚତା ମାପ କରାଇବେ ।

**ପୋଡ଼ମପେଟା ସମୁଦ୍ର କୂଳ କ୍ଷୟ ଘଟଣା**

# ସ୍ଥିତି ଅନୁଧ୍ୟାନ କଲେ ବିଶେଷଜ୍ଞ ଟିମ୍



**ଛତ୍ରପୁର,୪/୭ (ସଂଚାର ବ୍ୟୁରୋ):** ପୋଡ଼ମପେଟା ଉପକୂଳରେ ବଢୁଥିବା ସମୁଦ୍ର କୂଳ କ୍ଷୟକୁ ନେଇ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜଳ ସମ୍ପଦ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ବ୍ରହ୍ମପୁର ଡିଭିଜନ) ନିରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ପାତ୍ର ଏବଂ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାହାକଙ୍କ ସମେତ ଏକ ବୈଷୟିକ ଟିମ୍ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତିର ଅନୁଧ୍ୟାନ କରିଥିଲେ।

ପରିଦର୍ଶନ ସମୟରେ ଡ୍ରୋନ୍ ସହାୟତାରେ ସମୁଦ୍ର କୂଳ କ୍ଷୟ, ସମୁଦ୍ରର ଅଗ୍ରଗତି ଏବଂ ବିପଦପୂର୍ଣ୍ଣ ଅଞ୍ଚଳର ବର୍ତ୍ତମାନ ସ୍ଥିତିର ଚିତ୍ର ଓ ବୈଷୟିକ ତଥ୍ୟ ସଂଗ୍ରହ କରାଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ସମସ୍ୟା ଓ ସେମାନଙ୍କ ଦାବି ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ।

ସୂତ୍ରରୁ ପ୍ରକାଶ ଯେ, ପରିଦର୍ଶନ ପରେ ପ୍ରସ୍ତୁତ ହେବାକୁ ଥିବା ବୈଷୟିକ ରିପୋର୍ଟ ଜିଲ୍ଲାପାଳଙ୍କୁ ଦାଖଲ କରାଯିବ। ଉକ୍ତ ରିପୋର୍ଟକୁ ଆଧାର କରି ଉପକୂଳ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

ଅନ୍ୟପକ୍ଷରେ, ପ୍ରଶାସନ ପକ୍ଷରୁ ବିପଦପୂର୍ଣ୍ଣ ସମୁଦ୍ର କୂଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲେ ମଧ୍ୟ ସୁରକ୍ଷା ଅଭାବରୁ ଅନେକ ଲୋକ ଏହି କଟକଣାକୁ ଅବହେଳା କରୁଥିବା ଦେଖାଯାଇଛି। ସେଲ୍ଫି ଉଠାଇବା ଏବଂ ସୋସିଆଲ୍ ମିଡିଆ ପାଇଁ ରିଲ୍ସ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ବହୁ ସଂଖ୍ୟକ ଲୋକ ବିପଦପୂର୍ଣ୍ଣ ସ୍ଥାନକୁ ପହଞ୍ଚୁଥିବାରୁ ସମ୍ଭାବ୍ୟ ଅଘଟଣକୁ ନେଇ ଚିନ୍ତା ବଢ଼ିଛି।

# ବିପଦସଙ୍କୁଳ ଅବସ୍ଥାରେ ବୁଢ଼ାରାକାଡ଼ି ପୁରାତନ ପୋଲ

**ଫୁଲବାଣୀ, ୪/୭ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବୁଢ଼ାରାକାଡି ଠାରେ ଥିବା ପୁରାତନ ପୋଲଟି ଦୀର୍ଘ ଦିନ ହେବ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯାହାଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସ୍ଥାନୀୟ ଜନସାଧାରଣ ସଦାସର୍ବଦା ଭୟ ଓ ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଯଦିଓ ଏହି ସ୍ଥାନରେ ଏକ ନୂତନ ପୋଲର ନିର୍ମାଣ କାର୍ଯ୍ୟ ଜାରି ରହିଛି, ମାତ୍ର ଏହାର ଗତି ଧିମା ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇଯାଇଥିବାରୁ ଏହି ବିପଦସଙ୍କୁଳ ପୁରାତନ ପୋଲର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ପୋଲର ଅବସ୍ଥା ଶୋଚନୀୟ ହୋଇ ପଡିଛି। ଯଦି ତୁରନ୍ତ ଏହି ପୁରାତନ ପୋଲର ଅସ୍ଥାୟୀ ମରାମତି କରାନଯାଏ, ତେବେ ଆଗାମୀ ଦିନରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ବିଶେଷ କରି ଅରାପାଜୁ, ବୁଢ଼ାରାକାଡି ଏବଂ ରାକାଡିପଦର ଆଦି ଗ୍ରାମର ହଜାର ହଜାର ଜନସାଧାରଣ ଯାତାୟାତ

**ତୁରନ୍ତ ମରାମତି ଦାବି**

କ୍ଷେତ୍ରରେ ଚରମ ଅସୁବିଧାର ସମ୍ମୁଖୀନ ହେବେ। ସାଧାରଣ ଜୀବନଯାତ୍ରା ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ମଧ୍ୟ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ତେଣୁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନୂତନ ପୋଲ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ବିପଦସଙ୍କୁଳ ପୁରାତନ ପୋଲର ତୁରନ୍ତ ଅସ୍ଥାୟୀ ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।



**'ପିସି ମୁକ୍ତ' ନାରା ଫେଲ୍**

# କାକଟପୁରରେ ସରକାରୀ ପାଣ୍ଠିରୁ ଖୋଲାଖୋଲି ଲୁଟ୍

**ଭିଜିଲାନ୍ସ ତଦନ୍ତ ଦାବି**



**କାକଟପୁର/ଅସ୍ତରଙ୍ଗ, ୪/୭ (ସଂଚାର ବ୍ୟୁରୋ):** ରାଜ୍ୟରେ ଡବଲ ଇଂଜିନ ସରକାର ଆସିବା ପରେ "ପିସି ମୁକ୍ତ ଓଡିଶା"ର ବଡ ବଡ ଘୋଷଣା ହେଉଛି। କିନ୍ତୁ ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଏହି ଘୋଷଣା କେବଳ କାଗଜ କଲମରେ ସୀମିତ ରହିଥିବା ପ୍ରମାଣିତ ହୋଇଛି। ବ୍ଲକ କାର୍ଯ୍ୟାଳୟ ତଳେ ସରକାରୀ ଯୋଜନାର ଟଙ୍କାକୁ ଖୋଲାଖୋଲି ଭାବେ ଲୁଟ କରାଯାଉଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି।

କାକଟପୁର ବ୍ଲକ କାଦୁଆନୂଆଗାଁ ପଞ୍ଚାୟତ ଅଧୀନ ଉପୁଳା ଗ୍ରାମର ମହାବୀର ମନ୍ଦିର ନିକଟରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ତିନି ଲକ୍ଷ ଛତିଶ ହଜାର ଟଙ୍କା ଏବଂ ବିଧାୟକ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କା ମିଶାଇ ମୋଟ ଆଠ ଲକ୍ଷ ଏକ ହଜାର ଟଙ୍କାର କାର୍ଯ୍ୟାଦେଶ ମିଳିଥିଲା। ସମ୍ପୃକ୍ତ କାମ ଶେଷ ହେବା ପରେ କାମ କରିଥିବା ବ୍ୟକ୍ତିମାନଙ୍କୁ ମାତ୍ର ସାତ ଲକ୍ଷ ପାଞ୍ଚ ହଜାର ଟଙ୍କା ଦିଆଯାଇଛି। ଅର୍ଥାତ ବାର ପ୍ରତିଶତ ଟଙ୍କା ପିସି ନାଁରେ କାଟି ନିଆଯାଇଛି। ଏନେଇ ଅଭିଯୋଗକାରୀ କୈଳାଶ ଲେଙ୍କା କହିଛନ୍ତି, "ଆମେ ମନ୍ଦିର ଘର କାମ କଲୁ। ଯନ୍ତ୍ରୀ ଆମକୁ କମ ଟଙ୍କା ଦେଲେ। ବାର ପ୍ରତିଶତ ନିଜ ମର୍ଜିରେ କାଟିଦେଲେ। ଏହାର ତୁରନ୍ତ ଭିଜିଲାନ୍ସ ତଦନ୍ତ ସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ତଦନ୍ତ ହେବା ଦରକାର।"

କାଦୁଆନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମ ସେଠୀ କହିଛନ୍ତି, "ସରକାର ପିସି ମୁକ୍ତ ଓଡିଶା କହୁଛନ୍ତି। କିନ୍ତୁ କାକଟପୁର ବ୍ଲକରେ ପୁରୁଣା କାମ ହେଉ କି ନୂଆ କାମ, ସବୁ କାମରେ ପିସି କାରବାର ଚାଲିଛି। ତୁରନ୍ତ ଯାଞ୍ଚ ହେବା ଦରକାର।"

ଏ ସମ୍ପର୍କରେ କାକଟପୁର ବ୍ଲକରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, "ମୁଁ କିଛି ଜାଣିନାହିଁ। କେହି ଲିଖିତ ଅଭିଯୋଗ ଦେଇନାହାନ୍ତି। କାର୍ଯ୍ୟାଦେଶ ଯନ୍ତ୍ରୀଙ୍କ ନାଁରେ ଅଛି।" ତେବେ ବିଡ଼ିଓ ନାରାୟଣ ଦୀକ୍ଷିତି ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବିଶେଷ ସୂତ୍ରରୁ ଜଣାପଡିଛି ଯେ ଏହି କାର୍ଯ୍ୟାଦେଶ ଯନ୍ତ୍ରୀ ରାକେଶ ରାଉତଙ୍କ ନାଁରେ ଥିବା ବେଳେ ବିଲ ପ୍ରସ୍ତୁତ କରିଛନ୍ତି ଯନ୍ତ୍ରୀ ଭାଗ୍ୟଧର ଧଳ। କାମ କରିଥିବା ବ୍ୟକ୍ତିମାନେ ଶ୍ରୀ ଧଳଙ୍କୁ ଭେଟି ଟଙ୍କା କାହିଁକି କଟାଗଲା ଏବଂ ବାକି ଟଙ୍କା ଫେରାଇବାକୁ ଦାବି କରିଥିଲେ। ଯାହାର ଭିଡିଓ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେଉଛି।



ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନ ଶୃଙ୍ଖଳା ଓ ନକ୍ସଲ ଦମନ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରୁଛନ୍ତି।

# ଖୋଲିଲା ମାଛକୁଣ୍ଡ ଜଳଭଣ୍ଡାରର ପ୍ରଥମ ଗେଟ୍

**ଲମତାପୁଟ,୪।୭(ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଆଜି ଚଳିତ ବର୍ଷ ପ୍ରଥମ ଥର ପାଇଁ ଡି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇଛି। ଏହା ମାଧ୍ୟମରେ ଅତିରିକ୍ତ ବର୍ଷାଜଳକୁ ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ନିଷ୍କାସନ କରାଯାଉଛି। ମିଳିଥିବା ସୂଚନାନୁଯାୟୀ, ମାଛକୁଣ୍ଡ ଜଳଭଣ୍ଡାରର ସର୍ବାଧିକ ଜଳଧାରଣ କ୍ଷମତା ୨୫୯୦ ଫୁଟ୍ ରହିଥିବା ବେଳେ ବର୍ତ୍ତମାନ ଜଳସ୍ତର ୨୫୮୭ ଫୁଟ୍‌ରେ ପହଞ୍ଚିଛି। ଜଳସ୍ତର ଆହୁରି ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଜଳଭଣ୍ଡାର କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଗେଟ୍ ଖୋଲି ନିୟନ୍ତ୍ରିତ ଭାବେ ପାଣି ନିଷ୍କାସନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗେଟ୍ ଖୋଲାଯିବା ପରେ ଅତିରିକ୍ତ ଜଳ ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ପ୍ରବାହିତ ହେଉଛି। ନଦୀର ତଳମୁଣ୍ଡ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସତର୍କ



ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଜଳଭଣ୍ଡାରର ଜଳସ୍ତର ଉପରେ କର୍ତ୍ତୃପକ୍ଷ ନିରନ୍ତର ନଜର ରଖିଥିବା ବେଳେ ଆବଶ୍ୟକ ପଡ଼ିଲେ ପରବର୍ତ୍ତୀ ସମୟରେ ଅନ୍ୟ ଗେଟ୍‌ଗୁଡ଼ିକ ମଧ୍ୟ ଖୋଲାଯିବ ବୋଲି କୁହାଯାଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲା ପରିବାର

**ରିଷିଡ଼ା,୪।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଗ୍ରାମର ହରି ବାରିକଙ୍କ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଏପରି ସ୍ଥିତିରେ ଗତ କିଛି ଦିନ ହେଲା ଲଗାଣ ବର୍ଷା ସହ ପ୍ରବଳ ଝଡ଼ ତୋଫାନ ହେଉଥିବା ବେଳେ ଏଥିରେ ଗତକାଲି ରାତିରେ ହରିଙ୍କ ଘରର କାନ୍ଥ ଭାଙ୍ଗିଯାଇଛି। ରାତିରେ ସେମାନେ



ଆବାସ ଯୋଜନାରେ ଘର ଦେବାକୁ ବିଡିଓଙ୍କ ପ୍ରତିଶ୍ରୁତି

ଶୋଇଥିବା ସମୟରେ ଅଚାନକ କାନ୍ଥ ଭୁଶୁଡ଼ିବା ସହ ଉପର ଚାଳଛପର ମଧ୍ୟ ଭୁଶୁଡ଼ିପଡ଼ିଛି। କିନ୍ତୁ ସୌଭାଗ୍ୟବଶତଃ ହରିଙ୍କ ପରିବାରର କୌଣସି କ୍ଷତି ହୋଇନାହିଁ। ଏ ସମ୍ପର୍କରେ ବିଡିଓ ସୁଚରିତା ମୁଗ୍ରୀଙ୍କୁ ପଚାରିବାରୁ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହରିଙ୍କ ପରିବାରକୁ ସାମିଲ କରି ଘର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# କାନ୍ଥ ଭୁଶୁଡ଼ି ଜଣେ ମୃତ, ୧ ଗୁରୁତର



**କେନ୍ଦୁଝର, ୪।୭ (ସଂଚାର ବ୍ୟୁରୋ):** କେନ୍ଦୁଝର ଟାଉନ ଥାନା ସରାସ ଗାଁରେ କାନ୍ଥ ଭୁଶୁଡ଼ି ଜଣେ ବ୍ୟକ୍ତିର ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗର ବାବର୍ ଶେଖ୍। ଏ ଘଟଣାରେ ଗୁରୁତର ଥିବା ମିଟୁ ଶେଖଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘରର ଉପର ମହଲାରେ କାମ ଚାଲିଥିବାବେଳେ ଦୁଇଜଣଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡିଥିଲା। ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି। ଘର ନିର୍ମାଣ କାମ ଚାଲିଥିବା ବେଳେ ହଠାତ୍ ଏକ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦୁଇଜଣ ଶ୍ରମିକ ଏହା ତଳେ ଚାପି ହୋଇଯାଇଥିଲେ। ଗୁରୁତର ଆହତ ମିଟୁ ଶେଖଙ୍କୁ ସ୍ଥାନୀୟ ଲୋକ ଓ ଅନ୍ୟ ଶ୍ରମିକମାନେ ଉଦ୍ଧାର କରି ତୁରନ୍ତ ହସ୍ପିଟାଲକୁ ପଠାଇଥିଲେ। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

# ଗଛକୁ ଧକ୍କାଦେଲା ବସ୍, ୨ ଗୁରୁତର

**ଆନନ୍ଦପୁର, ୪।୭ (ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ଧକ୍କାଦେଲା ଯାତ୍ରୀବାହୀ ବସ। ଦୁର୍ଘଟଣାରେ ୨ ଜଣ ଗୁରୁତର ଥିବା ଜଣାପଡ଼ିଛି। ଝାରସୁଗୁଡାରୁ ଭଦ୍ରକ ଯାଉଥିବା ଶୈଳେନ୍ଦ୍ରୀ ନାମକ ବସ ଭୋର ସମୟରେ ଭାରସାମ୍ୟ ହରାଇ ଘସିପୁରା ଲକ୍ଷ୍ମୀବଜାରରେ ଥିବା ଅରବିନ୍ଦ ପେଟ୍ରୋଲ ପମ୍ପ ନିକଟରେ ଏକ ବଡ଼ ଗଛକୁ ଧକ୍କା ଦେଇଛି। ଦୁର୍ଘଟଣାରେ ବସ୍‌ର ସାମ୍ନା ପଟ ଭାଙ୍ଗି ଯାଇଥିବା ବେଳେ ବସ୍‌ର ହେଲ୍ପରଙ୍କ ସମେତ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି। ଗୁରୁତରଙ୍କୁ ନିକଟସ୍ଥ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

● ସୌମ୍ୟରଞ୍ଜନ ହତ୍ୟା ଘଟଣା

# ମାସେ ଭିତରେ ଚାର୍ଜସିଟ୍

**କଟକ,୪।୭(ସଂଚାର ବ୍ୟୁରୋ):** ସୌମ୍ୟ ରଞ୍ଜନ ହତ୍ୟା ଘଟଣାରେ ମାସେ ଭିତରେ ଚାର୍ଜସିଟ ଦାଖଲ ହେବବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି। ଏହି ଘଟଣାରେ ୨୦ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଆଉ ୫ ରୁ ୬ ଜଣ ଫେରାର ଅଛନ୍ତି। ହତ୍ୟାକାଣ୍ଡ ମାମଲାରେ ୯୦ ଦିନରେ ଚାର୍ଜସିଟ ଦିଆଯାଇଥାଏ। ଚାର୍ଜସିଟ ଦେବା ପୂର୍ବରୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା କରାଯିବ। ଯଦି ଗିରଫ ନହଲେ ତା'ହେଲେ କୋର୍ଟରେ ଏକ ପ୍ରିଲିମିନାରୀ ଚାର୍ଜସିଟ ଦିଆଯିବ। ଲାଏ ଡିଟେକ୍ସନ ଟେଷ୍ଟ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓମ୍ ସୌମ୍ୟରଞ୍ଜନ ଘଟଣାର ବଡ ପ୍ରତ୍ୟକ୍ଷଦର୍ଶୀ ହୋଇ ଥିବାରୁ ତା' କଥାର ସତ୍ୟତା ଜାଣିବା ପାଇଁ ଲାଏ ଡିଟେକସନ ଟେଷ୍ଟ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସହିତ ବୟାନର ମେଳ ନହେଲେ ଏପରି ଟେଷ୍ଟ କରାଯାଏ। ସାଧାରଣତଃ ଅଭିଯୋଗକାରୀଙ୍କ ଲାଏ ଡିଟେକସନ ଟେଷ୍ଟ କରାଯାଏ ନାହିଁ। ଯଦି ସେମାନେ ମିଛ କହୁଥିବା ଜଣାପଡେ ତେବେ ଲାଏ ଡିଟେକସନ ଟେଷ୍ଟ କରାଯାଏ। ଏଠି ଦୁଇ ଯୁବତୀ ସେପରି କରୁଥିବା କିଛି ଜଣାପଡିନାହିଁ ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି।

● ବାଣୀବିହାର ନିକଟରେ ଅଘଟଣ

# ଡ୍ରେନରେ ଭାସିଯାଇ ଯୁବକ ନିଖୋଜ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ବର୍ଷା ହେଲେ ସ୍ମାର୍ଟ ସିଟି ଭୁବନେଶ୍ୱରକୁ ଘୋଟିଆସୁଛି କାଳ। ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମା ହୋଇଯାଉଛି। ଏପରି ସ୍ଥିତିରେ ସହରର ମୁକୁଳା ଡ୍ରେନ କଥା ନ କହିବା ଭଲ। ପ୍ରତିବର୍ଷ ବର୍ଷାଦିନରେ ଅଘଟଣ ଘଟୁଥିଲେ ବି ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଚେତା ପଶୁନାହିଁ। ଏପରି ଅବ୍ୟବସ୍ଥାର ଏକ ବିକଳ ଚିତ୍ର ଆଜି ପୁଣିଥରେ ସାମ୍ନାକୁ ଆସିଛି। ରାଜଧାନୀର ଛାତି କୁହାଯାଉଥିବା ବାଣୀବିହାର ଛକରେ ଘଟିଛି ଅଘଟଣ। ରାଜଧାନୀ ଭୁବନେଶ୍ୱରର ବାଣୀବିହାର ଅଞ୍ଚଳରେ ଥିବା ଏକ ଡ୍ରେନ ନିକଟରେ ଆଜି ଜଣେ ଯୁବକ ପ୍ରବଳ ପାଣି ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଜଣଙ୍କ ହେଉଛନ୍ତି କେନ୍ଦୁଝର ଘଟଗାଁ ଅଞ୍ଚଳର ଅନୀଲ ଓ ସେ ପଥରବନ୍ଧ ବସ୍ତିରେ ରହନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଡ୍ରେନରେ ପାଣିର ସ୍ରୋତ ଅଧିକ ଥିବାରୁ ଉଦ୍ଧାର କାର୍ଯ୍ୟରେ ଅସୁବିଧା ହେଉଥିଲେ ମଧ୍ୟ ନିଖୋଜ ଯୁବକଙ୍କ ସନ୍ଧାନ ପାଇଁ ଅଭିଯାନ ଜୋରଦାର ଭାବେ ଚାଲିଛି। ଏପରିକି ଉଦ୍ଧାର କାର୍ଯ୍ୟରେ ଜେସିବିକୁ ମଧ୍ୟ ମୁତୟନ କରାଯାଇଛି। ତେବେ ଯୁବକ ଜଣଙ୍କ କିପରି ଡ୍ରେନ ଭିତରକୁ ଗଲେ, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପୁଲିସ ଏହି ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି।

ରଥ ବ୍ରେକରେ ଲାଗୁଛି ୬ଟି ବଳା

# ଓଲଟ ଶୁଆରେ ଚାଲିଛି ରଙ୍ଗବୋଳା

**ପୁରୀ,୪।୭(ସଂଚାର ବ୍ୟୁରୋ):** ଆଗାମୀ ରଥଯାତ୍ରାକୁ ଆଉ ଦୁଇ ସପ୍ତାହରୁ ବି କମ୍ ସମୟ ବାକି ଥିବା ବେଳେ ପୁରୀରେ ରଥ ନିର୍ମାଣ ପ୍ରକ୍ରିୟା ପ୍ରାୟତଃ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ରଥ ବ୍ରେକରେ ଲାଗୁଛି ୬ଟି ବଳା। ନଟ୍‌ବୋଲ୍ଟ ଦ୍ୱାରା ବ୍ରେକ୍ କାଠରେ ଲଗାଯାଉଛି। ଆୟତ ଘନାକାର କାଠର ଦୁଇ ପାର୍ଶ୍ୱରେ ୨ଟି ବଳା ଲାଗୁଛି। ଭୋଇ ସେବକମାନଙ୍କ ସକାଶେ ବ୍ରେକ୍ କାଠ ନେବା ଆଣିବା କରିବାରେ ଏହା ସହାୟକ ହେବ। ଆଉ ୪ଟି ବଳାରେ ଚେନ୍ ଓ ଦଉଡ଼ି ଭିଡ଼ା ହୋଇ ବ୍ୟବହାର ହେବ। ରଥ ଟଣା ସମୟରେ ସମ୍ମୁଖ ଭାଗରେ ଓ ଦକ୍ଷିଣ ମୋଡ଼ ସମୟରେ ଆବଶ୍ୟକ ସ୍ଥଳେ ପଛ ଭାଗରେ ବ୍ରେକ୍ ଲାଗୁଥିବା କୁହନ୍ତି ତାଳଧ୍ୱଜ ରଥ ମୁଖ୍ୟ ବିଶ୍ୱକର୍ମାଙ୍କ ପୁଅ ବଳରାମ ମହାପାତ୍ର।



ରଥରେ ୪ଟି ଲେଖାଏଁ ଦୁଆରଘଡ଼ା ଉଠିବା ପରେ ତାହାକୁ ମଜବୁତ୍ କରିବାକୁ ଦୁଆର ବାଣିଆ କାମ ହେଉଛି। ରଥରେ କଣପଟା ଆଦି ପଡୁଛି। ବିଶ୍ୱକର୍ମା ଓ ଭୋଇ ସେବକମାନେ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। କାର୍ଯ୍ୟାଳୟରେ ଦର୍ଜି ସେବକ, ରୂପକାର ଆଦି ସେବକ ରଥ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ପଛ ପାର୍ଶ୍ୱ ଟେଣ୍ଟରେ ଚିତ୍ରକର ସେବକଙ୍କ ଦ୍ୱାରା ତିନି ରଥର ୬ ଓଲଟ ଶୁଆ ସୁନ୍ଦର ରୂପ ନେଉଛନ୍ତି। ଗବେଷକ ଡ. ନରେଶ ଦାଶ କୁହନ୍ତି, ରଥ କଳସ ଉଭୟ ପାର୍ଶ୍ୱରେ ବିପରୀତ ଦିଗକୁ ମୁହଁ କରି ୨ଟି ଓଲଟ ଶୁଆ ରହିଥାନ୍ତି। ଏହାର ତତ୍ତ୍ୱ ହେଉଛି ସେମାନେ ଈଶ୍ୱରଙ୍କଠାରେ ଧ୍ୟାନ ନ ରଖି ସଂସାରମୁହାଁ ହେବାରେ ବନ୍ଧନରେ ପଡ଼ିଛନ୍ତି। ତାଳଧ୍ୱଜର ଦୁଇ ଶୁଆ ହେଉଛନ୍ତି ଶ୍ରଦ୍ଧା ଓ ବିଶ୍ୱାସ, ନନ୍ଦିଘୋଷର ଦୁଇ ଶୁଆ ହେଉଛନ୍ତି ଜୀବ ଓ ପରମ ଓ ଦେବଦଳନର ଦୁଇ ଶୁଆଙ୍କ ନାମ ସୁପର୍ଣ୍ଣା ଓ ଦ୍ୱାସୁପର୍ଣ୍ଣା। ଏମାନେ ଏକମୁଖ ତଥା ଈଶ୍ୱରାଭିମୁଖୀ ହେଲେ ହିଁ ଭବସାଗର ମାୟାରୁ ମୁକ୍ତି ପାଇବେ। ସଂସାରରେ ଭଗବତ୍ ଚିନ୍ତାର ଉଦ୍ରେକ ପାଇଁ ଠାକୁରଙ୍କ ଏସବୁ ପରମ୍ପରା ବୋଲି କହନ୍ତି ଡ. ଦାଶ।

● ୨୩ ବର୍ଷ ପରେ ମିଳିଲା ନ୍ୟାୟ

# ଦମ୍ପତିଙ୍କୁ ନଗ୍ନ କରି ବୁଲାଇବା ମାମଲାରେ ୧୪ ମହିଳା ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର, ୪।୭ (ସଂଚାର ବ୍ୟୁରୋ):** ୨୩ ବର୍ଷର କସରତ ପରେ ନ୍ୟାୟ ମିଳିଛି। ଝାରସୁଗୁଡ଼ା ଜିଲ୍ଲାରେ ଜଣେ ଦମ୍ପତିଙ୍କୁ ସର୍ବସମ୍ମୁଖରେ ନଗ୍ନ କରି ବୁଲାଇବା ଘଟଣାରେ ଅଦାଲତ ସମସ୍ତ ୧୪ ଜଣ ମହିଳା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।




ଝାରସୁଗୁଡ଼ା ସିନିୟର ସିଭିଲ୍ ଜଜ୍ (ୱିମେନ୍ସ କୋର୍ଟ) ପ୍ରତ୍ୟୁଷା କିରଣ ଏହି ଐତିହାସିକ ରାୟ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ୧୪ ଜଣ ମହିଳାଙ୍କୁ ଜେଲ୍ ଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ଏହି ଲଜ୍ଜାଜନକ ଘଟଣା ୨୦୦୩ ମସିହା ମାର୍ଚ୍ଚ ୨୮ ତାରିଖରେ ଲାଇକେରା ଥାନା ଅଞ୍ଚଳରେ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଦମ୍ପତିଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଥିଲେ। ପୀଡ଼ିତ ଦମ୍ପତିଙ୍କୁ ପ୍ରଥମେ ମାଡ଼ ମରାଯାଇଥିଲା। ତା'ପରେ ସର୍ବସମ୍ମୁଖରେ ନଗ୍ନ କରାଯାଇ, ଜୋତା ମାଳ ପିନ୍ଧାଇ ଓ ମୁହଁରେ କଳା ବୋଳି ଦିନ ଦିପହରରେ ପୂରା ଗାଁରେ ବୁଲାଯାଇଥିଲା। ଏହି ମାମଲାରେ ପୁଲିସର ତଦନ୍ତ ସଠିକ ସମୟରେ ସରିଥିଲେ ମଧ୍ୟ କୋର୍ଟ ପ୍ରକ୍ରିୟାରେ ବିଳମ୍ବ ଦେଖିବାକୁ ମିଳିଥିଲା। ୨୦୦୩ ଜୁଲାଇ ୧୭ ରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା। କିନ୍ତୁ ଅଦାଲତରେ ଚାର୍ଜ ଫ୍ରେମ୍ ହେବା ପାଇଁ ଦୀର୍ଘ ୨୨ ବର୍ଷ ସମୟ ଲାଗିଥିଲା, ଯାହାକି ୧୫ ନଭେମ୍ବର ୨୦୨୫ରେ ହୋଇଥିଲା। ଗତ ୭ ମାସ ହେବ ଏହି ମାମଲାର ଟ୍ରାଏଲ୍ କୋର୍ଟରେ ଚାଲିଥିଲା। ଏହି ବିଜୟକୁ ସ୍ୱାଗତ କରିଛନ୍ତି ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରା କହିଛନ୍ତି, ଦୁଇ ଦଶନ୍ଧିରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆମର ଅପରାଧିକ ନ୍ୟାୟ ବ୍ୟବସ୍ଥା ପୀଡ଼ିତଙ୍କୁ ନ୍ୟାୟ ଦେବାରେ ସଫଳ ହୋଇଛି।

● ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଜଗନ୍ନାଥଙ୍କ ସଫଳତା

# ଡିଆର୍‌ଡିଓର ମିସାଇଲ୍ ଓ କୌଶଳଗତ ପ୍ରଣାଳୀ ବିଭାଗ ମହାନିର୍ଦ୍ଦେଶକ

**ଜଗତସିଂହପୁର,୩।୭(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଅନ୍ତର୍ଗତ ଅରଖକୁଦ ଗ୍ରାମର ବିଶିଷ୍ଟ ବୈଜ୍ଞାନିକ ଡ. ଜଗନ୍ନାଥ ନାୟକ ଦେଶର ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆଉ ଏକ ଗୌରବମୟ ସଫଳତା ଅର୍ଜନ କରିଛନ୍ତି। ତାଙ୍କୁ ଗତ ୧ରୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ)ର ମିସାଇଲ ଓ କୌଶଳଗତ ପ୍ରଣାଳୀ ବିଭାଗର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଡ. ନାୟକଙ୍କ ଏହି ଉଲ୍ଲେଖନୀୟ ସଫଳତା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବା ବେଳେ ତାଙ୍କ ଜନ୍ମମାଟି ଜଗତସିଂହପୁର ଓ ନାଉଗାଁ ଅଞ୍ଚଳରେ ଆନନ୍ଦ ଖେଳିଯାଇଛି। ପୂର୍ବରୁ ସେ ହାଇଦ୍ରାବାଦସ୍ଥିତ ଉଚ୍ଚ ଶକ୍ତି ପ୍ରଣାଳୀ ଓ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ପ୍ରତିରକ୍ଷା ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ତାଙ୍କର ଦୀର୍ଘ ୩ ଦଶନ୍ଧିରୁ ଅଧିକ ଅନୁଭବ ରହିଛି। ତାଙ୍କ ନେତୃତ୍ୱରେ ଦେଶର ପ୍ରଥମ ନିର୍ଦ୍ଦେଶିତ ଶକ୍ତି ଅସ୍ତ୍ର ପ୍ରଣାଳୀର ବିକାଶ, ସଫଳ ପରୀକ୍ଷଣ ଓ ପ୍ରଯୁକ୍ତି ହସ୍ତାନ୍ତର କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଇମାରତ ଗବେଷଣା କେନ୍ଦ୍ରରେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ସେ ସ୍ୱଦେଶୀ ଫାଇବର ଅପ୍ଟିକ୍ ଜାଇରୋସ୍କୋପ ପ୍ରଯୁକ୍ତିର ବିକାଶରେ



ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏବେ ଏହି ପ୍ରଯୁକ୍ତି ଭାରତୀୟ ମିସାଇଲ, ଡ୍ରୋନ୍, ଯୁଦ୍ଧ ବିମାନ ଓ ମୁଖ୍ୟ ଯୁଦ୍ଧ ଟ୍ୟାଙ୍କରେ ସଫଳତାର ସହ ବ୍ୟବହୃତ ହେଉଛି। ଡ. ନାୟକ ନାଉଗାଁ ବ୍ଲକର ରୋହିଆ ଉଚ୍ଚ ବିଦ୍ୟାଳୟରୁ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁରରୁ ଯୁକ୍ତ ଦୁଇ ବିଜ୍ଞାନ ଓ ରେଭେନ୍ସା ମହାବିଦ୍ୟାଳୟ, କଟକରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ ସେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରୁ ବୈଦ୍ୟୁତିକ ଯୋଗାଯୋଗ କୌଶଳରେ ସ୍ନାତକୋତ୍ତର ଓ ଡକ୍ଟରେଟ୍ ଉପାଧି ଲାଭ କରିଥିଲେ। ନିଜର ଅସାଧାରଣ ଗବେଷଣା, ନେତୃତ୍ୱ ଓ ପ୍ରଯୁକ୍ତିଗତ ଅବଦାନ ପାଇଁ ଡ. ନାୟକ ଅନେକ ସମ୍ମାନଜନକ ଜାତୀୟ ପୁରସ୍କାର ପାଇଛନ୍ତି।

# ଥାନା କ୍ୱାର୍ଟର୍ସରେ ଝୁଲିପଡ଼ିଲେ ଆଇଆଇସି

ପାରିବାରିକ କାରଣରୁ ଆତ୍ମହତ୍ୟା କରିଥିବା ସନ୍ଦେହ

**କଟକ,୪।୭(ସଂଚାର ବ୍ୟୁରୋ):** କଟକ ଚାଉଳିଆଗଞ୍ଜ ଥାନା କ୍ୱାର୍ଟର୍ସରୁ ଆଇଆଇସି ବିଯୁଟି ମହାନ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୁଲିସ ଘଟଣାର ତଦନ୍ତ କରୁଛି।

ଆଜି ସକାଳେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଗତକାଲି ରାତିରେ ସେ ଥାନା କ୍ୱାର୍ଟର୍ସରେ ରହିଥିବା ବେଳେ ସକାଳେ କବାଟ ଖୋଲି ନ ଥିଲେ। ବହୁ ବାର ଫୋନ୍ କରାଯିବା ସତ୍ତ୍ୱେ ସେ ଉଠାଇ ନ ଥିଲେ। ଫଳରେ ଥାନାର କର୍ମଚାରୀମାନେ ସନ୍ଦେହ ପ୍ରକାଶ କରିଥିଲେ। ଏହାପରେ ଥାନାରୁ କିଛି କର୍ମଚାରୀ ଯାଇ ତାଙ୍କ କ୍ୱାର୍ଟର୍ସର ଦ୍ୱାର ବାଡ଼େଇଥିଲେ। ତଥାପି କିଛି ପ୍ରତିକ୍ରିୟା ମିଳି ନ ଥିଲା। ଫଳରେ ବରିଷ୍ଠ ପୁଲିସ ଅଧିକାରୀମାନେ ଏହାକୁ ଗୁରୁତର ସହ ନେଇଥିଲେ। ସେମାନଙ୍କ ନିର୍ଦ୍ଦେଶରେ କ୍ୱାର୍ଟର୍ସର କବାଟ ଭଙ୍ଗାଯାଇଥିଲା ଓ ଆଇଆଇସି ବିଯୁଟି ମହାନ୍ତିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



କୁହାଯାଉଛି ଯେ ପାରିବାରିକ ବିବାଦ ଯୋଗୁଁ ସେ ଏମିତି ଏକ ପଦକ୍ଷେପ ନେଇଛନ୍ତି। ତେବେ ଏନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଆଇଆଇସି ବିଯୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣାରେ କଟକ-ଭୁବନେଶ୍ୱର ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ କହିଛନ୍ତି ଯେ ସବୁ ଆତ୍ମହତ୍ୟା ପଛରେ କିଛି କାରଣ ଥାଏ। ବିନା କାରଣରେ ହୁଏନି। ତାଙ୍କର କୌଣସି ବ୍ୟକ୍ତିଗତ କାରଣ ଥାଇପାରେ। ସେନେଇ ଅନୁଧ୍ୟାନ କରିବୁ।

ସେ କହିଛନ୍ତି ଯେ କାଲି ରାତିରେ ସେ ଘରକୁ ଯାଇ ନ ଥିଲେ। ଥାନା କ୍ୱାର୍ଟର୍ସରେ ଥିଲେ। ତାଙ୍କ ଅର୍ଡଲି ଖାଇବା ନେଇ ଯିବା ପରେ ସେ କଲ୍ ଉଠାଇ ନ ଥିଲେ। ତେଣୁ କାଲି ରାତିରେ ସେ ଖାଇ ନ ଥିଲେ। ପୁଲିସ କମିଶନର ଆହୁରି କହିଛନ୍ତି ଯେ ସେ ଶାରୀରିକ ଓ ମାନସିକ ଭାବେ ବହୁତ ଦୃଢ଼ ଥିଲେ। କେବେ କୌଣସି ସମସ୍ୟା ନେଇ ଆମକୁ କିଛି ବି କହିନାହାନ୍ତି। କମିଶନରେଟ୍ ପୁଲିସରେ ସେ ଭଲ କାମ କରୁଥିଲେ। ତାଙ୍କର ପବ୍ଲିକ ଡିଲିଂ ବେଶ୍ ଭଲ ଥିଲା। ତଦନ୍ତ ପରେ ତାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ଜଣାପଡ଼ିବ। ସେହିପରି ଆଇଆଇସିଙ୍କ ମୃତ୍ୟୁ ପାଇଁ କେହି ଦାୟୀ ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଜଣେ ଭଲ ଅଫିସରଙ୍କ ଏଭଳି ମନସ୍ତାତ୍ତ୍ୱିକ ସ୍ଥିତି କାହିଁକି, ତାହା କହିବା କଷ୍ଟଦାୟକ। ବିଭାଗୀୟ ତଦନ୍ତ ପରେ ଜୀବନ ହାରିବାର ପ୍ରକୃତ କାରଣ ଜଣାପଡ଼ିବ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

# ରାଜଧାନୀରେ ତ୍ରିକୋଣୀୟ ପ୍ରେମକୁ ନେଇ ବୁଲିଲା ଖଣ୍ଡା, ୧୦ ଗିରଫ

**ଭୁବନେଶ୍ୱର,୪।୭(ସଂଚାର ବ୍ୟୁରୋ):** କୁମ୍ଭୀର ସହ ଯିଏ ମିଶିବ, ତାକୁ ଗୋଡ଼ାଇ ଗୋଡ଼ାଇ ହାଣିବୁ। ଜୀବନରେ ଶେଷ କରିଦେବୁ। ଏଭଳି କିଛି ଢଙ୍ଗରେ ଧମକାଇଲେ ଆଉ ଯିଏ ସାମ୍ନାରେ ପଡ଼ିଲା ତାକୁ ଖଣ୍ଡାରେ ଚୋଟ ମାରି ଚାଲିଲେ। ଅଟୋରିକ୍ସା, କାର, ବାଇକ୍ ସହ ଦୋକାନ ଭଙ୍ଗାରୁଜା କରି ଆତଙ୍କ ମଚାଇଲେ। ଚନ୍ଦ୍ରଶେଖରପୁର ବୁଦ୍ଧ ବିହାରରେ ପ୍ରେମବ୍ୟାପାରକୁ ନେଇ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଗୋଷ୍ଠୀ ସଂଘର୍ଷ ଗତକାଲି ଉଗ୍ର ରୂପ ନେଇଥିଲା। ଗୋଟିଏ ଗୋଷ୍ଠୀର ଯୁବକମାନେ ପ୍ରତିଶୋଧ ନେବାକୁ ବୁଦ୍ଧ ବିହାର ଆବାସରେ ପୁଣି ତୁମୂଳକାଣ୍ଡ ଭିଆଇଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ବୁଦ୍ଧ ବିହାର ଆଲର୍ଟିସ୍ ଆସୋସିଏସନ ସମ୍ପାଦକ ଗୌରାଙ୍ଗ



ଚରଣ ଦାସଙ୍କ ବଡ଼ ପୁଅ ଶୁଭମ୍ ସ୍ୱରାଜ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହାଛଡ଼ା ସାମାନ୍ୟ ଆହତ ହୋଇଥିବା ଅନ୍ୟ ୨ ଜଣଙ୍କ ପରିଚୟ ମିଳିପାରିନାହିଁ। ଘଟଣାରେ ମୋଟ ୧୪ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ପୁଲିସ୍ ଏବେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୁଖ୍ୟ ଅଭିଯୁକ୍ତ ସମେତ ମୋଟ ୧୦ ଜଣଙ୍କୁ ଗିରଫ କରିଛି। କିନ୍ତୁ କୁମ୍ଭୀର ଓ ତା'ର ଦୁଇ ସହଯୋଗୀ ଫେରାର ହୋଇଯାଇଛନ୍ତି।

ଗତକାଲି ରାତି ପ୍ରାୟ ସାଢ଼େ ୮ଟା ବେଳେ ବୁଦ୍ଧ ବିହାର ଆବାସକୁ ପଶିଆସିଲା ୫/୬ଟି ବାଇକ୍ ଓ ସ୍କୁଟି। ମୁଖାପିନ୍ଧା ୧୫ରୁ ଅଧିକ ଯୁବକ ହାତରେ ଖଣ୍ଡା ଓ ଭୁଜାଲି ଧରିଥିଲେ। କୁମ୍ଭୀର କୁଆଡ଼େ ଗଲା ବୋଲି ସେମାନେ ଜୋର୍‌ରେ ଚିତ୍କାର କରି ପଚାରିଥିଲେ। ସେତେବେଳକୁ ଶୁଭମ୍ ଓ ଅନ୍ୟମାନେ ନିକଟସ୍ଥ ଏକ ଦୋକାନରେ ଖଟି କରୁଥିଲେ। ଅପର ଗୋଷ୍ଠୀର ମାରଣାସ୍ତ୍ରରେ ସଜ୍ଜିତ ଏତେ ସଂଖ୍ୟକ ଯୁବକଙ୍କୁ ଦେଖି ସଭିଏଁ ଯିଏ ଯୁଆଡ଼େ ପାରିଲେ ଧାଇଁବାକୁ ଲାଗିଲେ। ତେବେ ଶୁଭମ୍ ଦୌଡି ପଳାଇଯିବା ବେଳେ ତଳେ ପଡ଼ିଯାଇଥିଲେ। ଆକ୍ରମଣକାରୀମାନେ ସଂଘବଦ୍ଧ ଭାବେ ତାଙ୍କ ଉପରକୁ ଝାମ୍ପି ପଡ଼ିଲେ। ସେହିପରି ସନ୍ଧ୍ୟାରେ ଈଶାନେଶ୍ୱର ବସ୍ତିରେ କେତେକ ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି। ମୁଖାପିନ୍ଧା ଯୁବକମାନେ ଉକ୍ତ ବସ୍ତିର ଚନ୍ଦନ ନାୟକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଶୁଭମ୍, ଚନ୍ଦନ ଓ ଅନ୍ୟ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବୁଦ୍ଧ ବିହାର ଗୋଷ୍ଠୀ ସଂଘର୍ଷ ସହ ଚନ୍ଦନଙ୍କୁ ଆକ୍ରମଣର କିଛି ସାମଞ୍ଜସ୍ୟ ଅଛି କି ନାହିଁ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଛି।

ଗତ ଗୁରୁବାର ଅପରାହ୍ଣରେ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ର କରି ବୁଦ୍ଧ ବିହାର ରାସ୍ତାରେ ଦୁଇ ଗୋଷ୍ଠୀର ୨୦ରୁ ଅଧିକ ଯୁବକ ମୁହାଁମୁହିଁ ହୋଇଥିଲେ। ରାସ୍ତାରେ ଖଣ୍ଡା, ଭୁଜାଲି ବୁଲାଇବା ସହ ସେମାନେ ଟେକାପଥର ଫିଙ୍ଗାଫିଙ୍ଗି ବି ହୋଇଥିଲେ। କୌଣସି ପକ୍ଷରୁ ବି ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦିଆଯାଇ ନ ଥିଲା। ପୁଲିସ ଗତକାଲି ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ଆପୋଷ ବୁଝାମଣା କରିଥିଲା। ଅବଶ୍ୟ ଆକ୍ରମଣ ପରେ ପୁଲିସ ତତ୍ପର ହୋଇଛି। ଆକ୍ରମଣ ବେଳର ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି। ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ତେବେ କୁମ୍ଭୀର କିଏ ଓ ତାକୁ କାହିଁକି ଟାର୍ଗେଟ କରାଯାଉଛି ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ଜଣାପଡ଼ିନାହିଁ। କିନ୍ତୁ ଏସବୁ ଜାଣିବା ସକାଶେ ପୁଲିସ ତନାଘନା ଚଳାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଏନର୍ଜୀ ଡ୍ରିଙ୍କ କମ୍ପାନୀ ଉପରେ ଏଫଏସଏସଏଆଇର ଆକ୍ସନ

# ବିଭ୍ରାନ୍ତିକର ଦାବି ପାଇଁ ଜାରି ନୋଟିସ

**ନୂଆଦିଲ୍ଲୀ,୪।୭:** ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ଖାଦ୍ୟ ଏବଂ ପାନୀୟ ଇଣ୍ଡଷ୍ଟ୍ରୀ ବିରୋଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯାହାଫଳରେ ମାର୍କେଟରେ ଉତ୍ତେଜନା ସୃଷ୍ଟି ହୋଇଛି। ଏଫଏସଏସଏଆଇ ଗତ କିଛି ଦିନରେ ମୋଟ ୧୪ କମ୍ପାନୀକୁ ନୋଟିସ୍ ଜାରି କରିଥିଲା। ଏଥିରେ ଏଭଳି ୮ କମ୍ପାନୀ ଥିଲା, ଯାହାକି ନିଜର ଫୁଡ୍ ପ୍ରଡକ୍ଟ ନାମରେ ବିଜ୍ଞାପନରେ ଭ୍ରମାତ୍ମକ ଦାବି କରୁଥିଲା। ସେଭଳି ୬ଟି ବଡ ବ୍ରାଣ୍ଡ ଥିଲା, ଯାହାକି ଏନର୍ଜି ଡ୍ରିଙ୍କର ନାଁରେ ଗ୍ରାହକଙ୍କୁ ଭୁଲ ସୂଚନା ଦେଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ସେହି କଥାର ସଙ୍କେତ ଯେ, ରେଗୁଲେଟର ଏବେ ଫୁଡ୍ ସେଫଟି ଓ ବିଜ୍ଞାପନରେ ପାରଦର୍ଶିତାକୁ ନେଇ କୌଣସି ପ୍ରକାର ବୁଝାମଣା କରିବା ମୁଡ୍‌ରେ ନାହିଁ। ଏହି କାର୍ଯ୍ୟାନୁଷ୍ଠାନ ପରେ ଭାରତରେ ପପୁଲାର ଏନର୍ଜି ଡ୍ରିଙ୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଆସନ୍ତୁ ଆମେ ଆପଣଙ୍କୁ କହିବା ଭାରତ ଓ ଗ୍ଲୋବାଲ ମାର୍କେଟରେ ଏନର୍ଜିଂ ଡ୍ରିଙ୍କର




କାରବାର କେତେର ରହିଛି ? ଏହା ସହ ଜାଣିବା ଏଫଏସଏସଏଆଇର ସେହି ନିୟମ କ'ଣ, ଯାହା ଫୁଡ୍ କମ୍ପାନୀକୁ ମାନିବା ଜରୁରୀ। ଭାରତରେ ଏନର୍ଜି ଡ୍ରିଙ୍କର ବଜାର ଗତ ଏକ ଦଶକ ହେବ ଦୃତ ଗତିରେ ବଢ଼ିବାରେ ଲାଗିଛି। ଆଜିର ବ୍ୟସ୍ତମୟ ଦୁନିଆରେ ଯେଉଁଠି ଲୋକ କମ୍ ସମୟରେ ଅଧିକ ଉତ୍ପାଦକତା ଚାହାଁନ୍ତି, ସେଠାରେ ଏନର୍ଜି ଡ୍ରିଙ୍କ 'କ୍ୱିକ୍ ଫିକ୍ସ' ରୂପରେ ଦେଖାଯାଏ। ମଲ୍ଟି ନ୍ୟାସନାଲ କମ୍ପାନୀରୁ ନେଇ ଦେଶୀ ବ୍ରାଣ୍ଡ ପର୍ଯ୍ୟନ୍ତ ସବୁଠି ଏହାର ଡିମାଣ୍ଡର ଲାଭ ଉଠାଇବାର ପ୍ରତିଯୋଗିତା ରହିଛି। ତେବେ ଏହି କାରବାର କେବଳ ଏନର୍ଜି ଉପରେ ନାହିଁ, ବଂର ଆକର୍ଷଣୀୟ ପ୍ୟାକେଜିଂ ଓ ଆକ୍ରାମକ ମାର୍କେଟିଂର ସାହାରାରେ ଠିଆ ହୋଇଛି। ସାରା ଦୁନିଆରେ ଏନର୍ଜି ଡ୍ରିଙ୍କର କାରବାର ବହୁତ ବଡ ଓ ଦୃତ ଗତିରେ ବଢ଼ିବାରେ ଲାଗିଛି। ଗ୍ରାଣ୍ଡ ଭ୍ୟୁ ରିସର୍ଚ୍ଚ ଅନୁସାରେ, ଏହି ଇଣ୍ଡଷ୍ଟ୍ରୀର ଭାଲ୍ୟୁ ବର୍ତ୍ତମାନ ପ୍ରାୟ ୮୫ ରୁ ୯୨ ବିଲିୟନ ଡଲାର ଅର୍ଥାତ ପ୍ରାୟ ୮.୧ ରୁ ୮.୮ ଲକ୍ଷ କୋଟି ଟଙ୍କା ରହିଛି। ଅନୁମାନ କରାଯାଉଛି ଯେ, ୨୦୩୩ ପର୍ଯ୍ୟନ୍ତ ଏହା ବଢ଼ି ୧୫୮ ବିଲିୟନ ଡଲାର, ଅର୍ଥାତ ପ୍ରାୟ୍ ୧୫.୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଯାଇଛି। ଯଦି ଭାରତରେ ଏନର୍ଜି ଡ୍ରିଙ୍କ ମାର୍କେଟ ବିଷୟରେ କହିବା ତେବେ ମର୍ଡର୍ଣ୍ଣ ଇଣ୍ଟେଲିଜେନ୍ସର ଏକ ରିପୋର୍ଟ ଅନୁଯାୟୀ, ଦେଶରେ ଏନର୍ଜୀ ଡ୍ରିଙ୍କ ମାର୍କେଟ ବର୍ତ୍ତମାନ ପ୍ରାୟ ୦.୭୫ ରୁ ୧.୫ ବିଲିୟନ ଡଲାର ଅର୍ଥାତ ପ୍ରାୟ ୭.୧୬୪ କୋଟିରୁ ୧୪,୩୨୮ କୋଟି ଟଙ୍କାର ରହିଛି। ଭାରତୀୟ ଟଙ୍କାରେ, ଏହି କାରବାର ପ୍ରାୟ ୦.୦୭ ରୁ ୦.୧୪ ଲକ୍ଷ କୋଟି ଟଙ୍କାର ମୂଲ୍ୟର। ଏହି ଅଭିବୃଦ୍ଧି ମୁଖ୍ୟତଃ ସହରଗୁଡ଼ିକରେ ବର୍ଦ୍ଧିତ ଯୁବ ଜନସଂଖ୍ୟା, ଫିଟନେସ୍ ଏବଂ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ବୃଦ୍ଧି ଏବଂ ପ୍ରମୁଖ ସହର ଗୁଡ଼ିକରେ ଦ୍ରୁତ ଗତିରେ ବିସ୍ତାରିତ ଗିଗ୍ ଏବଂ ମୋବାଇଲ୍ କର୍ମଶକ୍ତି ଦ୍ୱାରା ପରିଚାଳିତ। ୨୦ ଦିନରେ ୧୪ କମ୍ପାନୀଙ୍କ ଉପରେ ଆକ୍ସନ ଫୁଡ୍ ରେଗୁଲେଟର ନିୟମ ଖୁବ୍ ବହୁତ କଠୋର। ଫଳସ୍ୱରୂପ, ଗତ ୨୦ ଦିନ ମଧ୍ୟରେ ୧୪ ଟି ବଡ଼ ଏବଂ ଜଣାଶୁଣା କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୬ଟି ଏନର୍ଜୀ ଡ୍ରିଙ୍କସ୍ କମ୍ପାନୀକୁ ନୋଟିସ ଜାରି କରି, ଖାଦ୍ୟ ନିୟାମକ କହିଛନ୍ତି ଯେ ଅନେକ ପ୍ରଡକ୍ଟର ଫଙ୍କସନାଲ ଓ ଥେରାପ୍ୟୁଟିକ୍ ଦାବି ଠିକ୍ ନୁହେଁ। ଏହା ସହ ମଧ କୁହାଯାଉଛି ଯେ, 'ଶରୀର ଓ ମସ୍ତିଷ୍କକୁ ସଜେତ ରଖିଥାଏ, ଫୋକସ୍ ବଢ଼ାଇବା, ଏନର୍ଜୀ ଲେବଲ ବଢ଼ାଇବା, ସାମାନ୍ୟ ଦୁର୍ବଳତାରେ ସାହାଯ୍ୟ କରିବା ଭଳି ଦାବି ଫୁଡ୍ ପ୍ରଡକ୍ଟ ପାଇଁ ଗ୍ରହଣ ଯୋଗ୍ୟ ନୁହେଁ। ଏହା ନିୟମ ବିରୋଧି। ଏହା ପୂର୍ବରୁ, ୧୪ ଜୁନ୍ ୨୦୨୬ରେ, ଏଫଏସଏସଏଆଇ ଇମାମି ହେଲଦି ଆଣ୍ଡ ଟେଷ୍ଟି, ଦି ହେଲଦି ଫ୍ୟାକ୍ଟ୍ରି, ଟୁଭି, ହେଲଦି ମାଷ୍ଟର, ହେଲଦି ଚଏସ୍, ପ୍ଲାନ୍ ବି ଏବଂ ନୁହର୍ବସ୍ ଭଳି ବ୍ରାଣ୍ଡ ଥିଲା। ତାଙ୍କ ଉପରେ ଅଭିଯୋଗ ରହିଛି ଏହାର ବ୍ରାଣ୍ଡ ନେମ୍ ଓ ଦାବି ଗ୍ରାହକଙ୍କୁ ଭୁଲ ବାଟ୍ ଦେଖାଉଛନ୍ତି। ଯେପରିକି 'ଜିରୋ ମଇଦା' କହି ବିକ୍ରି କରୁଥିବା ବ୍ରେଡ୍‌ରେ ଗ୍ଲୁଟେନ୍ ମିଳିବା କିମ୍ବା 'ହେଲଦି' ଟ୍ୟାଗ୍ ଲଗାଇ ଏଭଳି ସ୍ନାକ୍ସ ବିକ୍ରି କରିବାର ଅଭିଯୋଗ ରହିଛି। ଯାହାକି ଧାର୍ଯ୍ୟ ହେଲଥ୍ ଷ୍ଟାଣ୍ଡାର୍ଡରେ ଫିଟ୍ ହୋଇନଥିଲା।

## ଓଡ଼ିଶାରେ ଟ୍ରାଇର ନେଟୱାର୍କ ପରୀକ୍ଷଣରେ ୧୮୬ ଏମ୍‌ବିପିଏସ୍ ଡାଉନଲୋଡ୍ ସ୍ପିଡ୍ ସହିତ ଜିଓ ଶୀର୍ଷରେ

ଭୁବନେଶ୍ୱର,୪।୭: ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡ଼ିଟି) ଫଳାଫଳ ଅନୁଯାୟୀ ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ପୁଣି ଥରେ ଏହାର ନେଟୱାର୍କ ପ୍ରାଧାନ୍ୟ ପ୍ରମାଣିତ କରିଛି। ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ହୋଇଥିବା ଏହି ପରୀକ୍ଷଣରେ ଜିଓ ପ୍ରାୟ ୯୮ ପ୍ରତିଶତର ସର୍ବାଧିକ ନେଟୱାର୍କ ଉପଲବ୍ଧତା ଏବଂ ସର୍ବାଧିକ ୧୮୬.୦୭ ଏମବିପିଏସ ହାରାହାରି ଡାଟା ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ଦୁଇଗୁଣରୁ ଅଧିକ ରହିଛି। ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡ଼ିଟି) ର ଅଂଶ ସ୍ୱରୂପ, ଟ୍ରାଇ ଏହି ତିନୋଟି ଜିଲ୍ଲାରେ ୨୩ ଏପ୍ରିଲରୁ ୨୫ ଏପ୍ରିଲ ୨୦୨୬ ଯାଏଁ ମୋଟ ୪୪୬ କିଲୋମିଟର ସହର ଡ୍ରାଇଭରେ ନେଟୱାର୍କ ପରୀକ୍ଷା କରିଥିଲା। ଟ୍ରାଇ ଜନବହୁଳ ଅଞ୍ଚଳରେ ଉପଭୋକ୍ତା ଅଭିଜ୍ଞତାକୁ ପ୍ରତିଫଳିତ କରିବା ପାଇଁ ଗଞ୍ଜାମ ରେଳ ଷ୍ଟେସନ, ଗୋପାଳପୁର ବେଳାଭୂମି, ଗୁଣୁପୁର ବସ୍ ଷ୍ଟାଣ୍ଡ, ପାରଳାଖେମୁଣ୍ଡି ବସ୍ ଷ୍ଟାଣ୍ଡ ଏବଂ ମାର୍କେଟ୍ ଷ୍ଟ୍ରିଟ୍, ମୋହନା ବଜାର, ରାୟଗଡା ବଜାର ଏବଂ ଆର ଉଦୟଗିରି ବଜାର ସମେତ ତିନୋଟି ଜିଲ୍ଲାର ଆଠଟି ବ୍ୟସ୍ତବହୁଳ ହଟସ୍ପଟ୍ରେ ବାସ୍ତବ ପରିସ୍ଥିତିର ମୂଲ୍ୟାଙ୍କନ କରିଥିଲା। ଟ୍ରାଇ ତଥ୍ୟ ଅନୁସାରେ, ଏହି ପରୀକ୍ଷଣରେ ରିଲାଏନ୍ସ ଜିଓ ସର୍ବାଧିକ ୧୮୬.୦୭ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିବା ବେଳେ ଏହା ପଛକୁ ଏୟାରଟେଲ୍ ୮୧.୭୪ ଏମବିପିଏସ, ଭୋଡାଫୋନ ଆଇଡ଼ିଆ ୧୭.୯୧ ଏମବିପିଏସ ଏବଂ ବିଏସଏନଏଲ ୬.୭୧ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିଲା। ସେହିଭଳି ହାରାହାରି ଅପଲୋଡ୍ ସ୍ପିଡରେ ଜିଓ ୧୩.୪୬ ଏମବିପିଏସର ଦୃଢ଼ ସ୍ପିଡ଼ ବଜାୟ ରଖିଥିଲା। ଆଉ ଏକ ପ୍ରମୁଖ ନେଟୱାର୍କ କାର୍ଯ୍ୟଦକ୍ଷତା ସୂଚକରେ ଅନ୍ୟ ସମସ୍ତ ସେବା ପ୍ରଦାନକାରୀଙ୍କୁ ପଛରେ ପକାଇ ଜିଓ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରାୟ ୯୮ ପ୍ରତିଶତ ନେଟୱାର୍କ ଉପଲବ୍ଧତା ରେକର୍ଡ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ଆଇଡ଼ିଟି ଫଳାଫଳ ଅନୁଯାୟୀ, ପରୀକ୍ଷଣ ସମୟରେ ସଂଗୃହିତ ମୋଟ ନମୁନା ଉପରେ ଆଧାରରେ ଜିଓ ପ୍ରାୟ ୯୮ ପ୍ରତିଶତ ସେବା ଉପଲବ୍ଧତା ରେକର୍ଡ କରିଥିବା ବେଳେ ଏହା ପଛକୁ ବିଏସଏନଏଲ ୮୬.୪୪ ପ୍ରତିଶତ, ଏୟାରଟେଲ ୮୧.୩୯ ପ୍ରତିଶତ ଏବଂ ଭୋଡାଫୋନ ଆଇଡ଼ିଆ ୨୩.୩ ପ୍ରତିଶତ ସେବା ଉପଲବ୍ଧତା ରେକର୍ଡ କରିଛି। ଗୁରୁତ୍ୱପୂର୍ଣ୍ଣ ଭାବରେ ଟ୍ରାଇ ଦ୍ୱାରା କରାଯାଇଥିବା ଏହି ପରୀକ୍ଷଣରେ ଜିଓ ୨ ପ୍ରତିଶତରୁ କମ୍ କଲ୍ ଡ୍ରପ୍ ଏବଂ ସର୍ବନିମ୍ନ କଲ୍ ସାଇଲେନ୍ସ ଇନଷ୍ଟାନ୍ସ ମଧ ରେକର୍ଡ କରିଛି।

## ଇ୨୦ ପେଟ୍ରୋଲ ପ୍ରସ୍ତାବକୁ କାହିଁକି ପ୍ରତ୍ୟାଖ୍ୟାନ କଲା ଭୁଟାନ ?

ନୂଆଦିଲ୍ଲୀ,୪।୭: ଭାରତରେ ଇ୨୦ ପେଟ୍ରୋଲକୁ ନେଇ ଜାରି ବିବାଦ ଓ ବିରୋଧ ମଧ୍ୟରେ ଭୁଟାନ ଭାରତର ଅଏଲ ମାର୍କେଟିଂ କମ୍ପାନୀ ଗୁଡ଼ିକର (ଓଏମ୍‌ସିଏସ୍)ର ସେହି ପ୍ରସ୍ତାବକୁ ଏଡେଇ ଦେଇଛି, ଯେଉଁଥିରେ ତାକୁ ଇ୨୦ ଇନ୍ଧନର ଯୋଗାଣ ନେଇ ପ୍ରସ୍ତାବ ଦିଆ ଯାଇଥିଲା। ଭୁଟାନର ପ୍ରମୁଖ ଖବରକାଗଜ 'ଦ ଭୁଟାନିଜ୍'ର ରିପୋର୍ଟରେ ଏହି ବିଷୟରେ କୁହାଯାଇଛି। ରିପୋର୍ଟ ମୁତାବିକ ଭୁଟାନ ଭାରତକୁ କହିଛି ଯେ, ଯେପର୍ଯ୍ୟନ୍ତ ଭାରତୀୟ ବଜାରରେ ସାଧାରଣ ପେଟ୍ରୋଲ ଉପଲବ୍ଧ ଅଛି , ସେପର୍ଯ୍ୟନ୍ତ ଯୋଗାଣ ଜାରି ରଖାଯାଉ , ହେଲେ ଭୁଟାନ ଇଥାନଲ୍ –ବ୍ଲେଣ୍ଡେଡ ପେଟ୍ରୋଲକୁ ନେଇ ଏତେ ନିରାଶ ମନୋବୃତ୍ତି କାହିଁକି ଆପଣାଇଛି ? ଉଲ୍ଲେଖନୀୟ ଯେ,ଏହାର ସବୁଠୁ ବଡ଼ କାରଣ ଭୁଟାନର ପୁରୁଣା ଓ ଦୁର୍ବଳ ଫୁଏଲ ଷ୍ଟୋରେଜ୍ ଭିତ୍ତିଭୂମି। ଦେଶର ଅଧିକାଂଶ ଫୁଏଲ ଟାଙ୍କି ମାଟି ତଳେ ନିର୍ମିତ ହୋଇଛି ଏବଂ ଏଥିରେ ପାଣି ନିର୍ଗତ ହେବାର ଆଶଙ୍କା ରହିଛି। ଏହି ସ୍ଥିତିରେ




ଇ୨୦ ପେଟ୍ରୋଲର ଖରାପ ହେବା ଓ ଗାଡ଼ି ଗୁଡ଼ିକର କ୍ଷତି ହେବା ବିପଦ ବଢ଼ି ଯାଏ। ଏହା ବ୍ୟତୀତ ଭୁଟାନର ପାହାଡ଼ିଆ ଓ ଦୁର୍ଗମ ଭୂଭାଗ ମଧ ଏକ ବଡ଼ ଚ୍ୟାଲେଞ୍ଜ, ଯେଉଁଠି ଯାନ ଗୁଡ଼ିକୁ ନିରନ୍ତର ଅଧିକ ପାୱାର ଓ ଭରସାଯୋଗ୍ୟ ପ୍ରଦର୍ଶନର ଆବଶ୍ୟକ ରହିଛି। ଅଧିକାରୀଙ୍କ ଆଶଙ୍କା ଯେ, ଇ୨୦ ପେଟ୍ରୋଲ ଏହି ପରିସ୍ଥିତିରେ ଆଶାନୁରୂପ ପ୍ରଦର୍ଶନ ଦେଇ ପାରିବ ନାହିଁ। ଭାରତରେ ଇ୨୦ ପେଟ୍ରୋଲ ଅର୍ଥାତ୍ ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ପେଟ୍ରୋଲର ମିଶ୍ରଣକୁ ନେଇ ପୂର୍ବରୁ ହିଁ ବିବାଦ ଜାରି ରହିଛି। ବଶେଷକରି ୨୦୨୩ ପୂର୍ବରୁ ନିର୍ମିତ ପେଟ୍ରୋଲ ଗାଡ଼ିର ମାଲିକ ମାଇଲେଜ ହ୍ରାସ ହେବା , ମେଣ୍ଟେନାନ୍ସ ଖର୍ଚ୍ଚ ବଢ଼ିବା ଓ ଇଞ୍ଜିନ ଉପରେ ଅତିରିକ୍ତ ଚାପ ପଡ଼ିବାର ଅଭିଯୋଗ କରୁଛନ୍ତି। ହେଲେ ସରକାରଙ୍କ କହିବାନୁସାରେ , ଇ୨୦ରେ ମାଇଲେଜ୍ ସାଧାରଣ ହ୍ରାସ ଘଟେ , କିନ୍ତୁ ଏହା ବଦଳରେ ଇଞ୍ଜିନର ପରଫର୍ମାନ୍ସ ଓ ଆକ୍ସିଲରେସନ ଖୁବ ଭଲ ହୋଇଥାଏ। ଆମ ଦେଶର , ଇ୨୦ ପଲିସର ସିଧା ସଳଖ ପ୍ରଭାବ ଭୁଟାନ ଉପରେ ପଡ଼ିଥାଏ , କାରଣ ସେ ନିଜର ପୂରା ଇନ୍ଧନ ଭାରତରୁ ହିଁ ଆମଦାନୀ କରିଥାଏ। ଭୁଟାନ ବର୍ତ୍ତମାନ ଭାରତରୁ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଏକ୍ସପୋର୍ଟ ଗ୍ରେଡ୍ ପେଟ୍ରୋଲ ଓ ଡିଜେଲ କ୍ରୟ କରୁଛି। ଯାହାର ଦାମ୍ ଭାରତୀୟ ପେଟ୍ରୋଲ ପମ୍ପ ଗୁଡ଼ିକରେ ବିକ୍ରୟ ଇନ୍ଧନ ଠାରୁ ଅଧିକ। କିନ୍ତୁ ଏବେ ଭୁଟାନର ଟ୍ରେଡ୍ ଡିପାର୍ଟମେଣ୍ଟ ଆଇଓସିଏଲ୍ , ବିପିସିଏଲ୍ ଓ ଏଚ୍‌ପିସିଏଲ୍ ଭଳି ଭାରତୀୟ କମ୍ପାନୀ ଗୁଡ଼ିକର ଇ୨୦ ଯୋଗାଣ ପ୍ରସ୍ତାବକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରି ଦେଇଛି। ଭୂଟାନୀ ଅଧିକାରୀଙ୍କ ମୁତାବିତ , ପୁରୁଣା ଅଣ୍ଡରଗ୍ରାଉଣ୍ଡ ଟାଙ୍କି ଗୁଡ଼ିକରେ ପାଣି ଲିକେଜ୍ ସାଧାରଣ କଥା। ଏହି ସ୍ଥିତିରେ ଇ-୨୦ ପେଟ୍ରୋଲକୁ ସୁରକ୍ଷିତ ରଖିବା ମୁସ୍କିଲ ହେବ। ବୈଜ୍ଞାନିକ ସ୍ତରରେ ଦେଖିଲେ ଇଥାନଲରେ ହାଇଡ୍ରକ୍ସିଲ ଗ୍ରୁପ୍ ରହିଥାଏ,ଯେଉଁଥି ପାଇଁ ଏହା ଅତ୍ୟଧିକ ହାଇଗ୍ରୋସ୍କୋପିକ୍ ହୋଇଥାଏ, ଅର୍ଥାତ୍ ଏହା ସହଜରେ ବାତାବରଣ ଆଟରୁ ଆର୍ଦ୍ରତା ଶୋଷଣ କରିଥାଏ। ଏଣୁ ସାଧାରଣ ପେଟ୍ରୋଲ ତୁଳନାରେ ଇ-୨୦ରେ ପାଣି ମିଶି ଯିବାର ବିପଦ ଅଧିକ ରହିଥାଏ। ଯଦି ଏପରି ଇନ୍ଧନରେ ପାଣି ମିଶି ଯାଏ ତ ଏହାକୁ ସହଜରେ ଅଲଗା କରାଯାଇ ପାରିବ ନାହିଁ। ଏଥିରେ ଇନ୍ଧନର ଗୁଣବତ୍ତା ଖରାପ ହୁଏ ଏବଂ ଷ୍ଟିଲ୍ ଟ୍ୟାଙ୍କ ଏବଂ ପାଇପଲାଇନରେ କଳଙ୍କି ଲାଗିବା ପ୍ରକ୍ରିୟା ଦ୍ରୁତ ହୋଇଯାଏ।

## ଇ୨୦ ନୀତି ବୈଜ୍ଞାନିକ ଅଧ୍ୟୟନ: କେନ୍ଦ୍ର ସରକାର

ନୂଆଦିଲ୍ଲୀ,୪।୭: ଇ୨୦ ପେଟ୍ରୋଲକୁ ନେଇ ଦେଶରେ ଏତେ ତମ୍ବିତୋଫାନ ପରେ ସରକାର ଏବେ ସିଧାସଳଖ ମୈଦାନକୁ ଓହ୍ଲାଇଛନ୍ତି। ସୋସିଆଲ ମିଡିଆରେ ଇ୨୦କୁ ନେଇ ଯେଉଁସବୁ ପ୍ରଚାର ହେଉଛି, ତାକୁ ଖଣ୍ଡନ କରିବା ସହ ୧୦ଟି ପଏଣ୍ଟରେ ସ୍ପଷ୍ଟୀକରଣ ଜାରି କରିଛି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ। ସରକାରଙ୍କ କହିବା କଥା ହେଲା ଇ୨୦ ନୀତି ବୈଜ୍ଞାନିକ ଅଧ୍ୟୟନ, ଆନ୍ତର୍ଜାତିକ ଅଭିଜ୍ଞତା ଓ କଠୋର ନିୟାମକ ବ୍ୟବସ୍ଥା ଉପରେ ଆଧାରିତ। ତେଣୁ ଏଥିରେ ସମସ୍ୟା ନାହିଁ। ସରକାର କଣ ସବୁ କହିଛନ୍ତି ପଢ଼ନ୍ତୁ ରିପୋର୍ଟ। ଇ-୨୦ ପେଟ୍ରୋଲ ନେଇ ସୋସିଆଲ ମିଡିଆରେ ପ୍ରଚାର ହେଉଥିବା ଭ୍ରମାତ୍ମକ ସୂଚନାକୁ ଖଣ୍ଡନ କରି ୧୦ଟି ପଏଣ୍ଟରେ ସ୍ପଷ୍ଟୀକରଣ ଜାରି କରିଛି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ। ସରକାରଙ୍କ କହିବା ଅନୁସାରେ, ଇ୨୦ କାର୍ଯ୍ୟକ୍ରମ ବୈଜ୍ଞାନିକ ଗବେଷଣା, ଆନ୍ତର୍ଜାତିକ ଅନୁଭବ ଓ ନିୟାମକ ସୁରକ୍ଷା ବ୍ୟବସ୍ଥା ଉପରେ ଆଧାରିତ। ଇ୨୦ ପାଇଁ ଏଥାନଲ ଉତ୍ପାଦନରେ ଗୋଟିଏ ଲିଟର ଏଥାନଲ ପାଇଁ ୧୦ ହଜାର ଲିଟର ପାଣି ଖର୍ଚ୍ଚ ହେଉଥିବା ଦାବିକୁ ସରକାର ସମ୍ପୂର୍ଣ୍ଣ ଭୁଲ ବୋଲି କହିଛନ୍ତି। ସରକାରଙ୍କ କହିବା ଅନୁସାରେ, ଦେଶର ଖାଦ୍ୟ ସୁରକ୍ଷା ଆବଶ୍ୟକତା ପୂରଣ ପରେ ଯେଉଁ ଅତିରିକ୍ତ ଚାଉଳ ରହୁଛି, ତାହାକୁ ଏଥାନଲ ଉତ୍ପାଦନରେ ବ୍ୟବହାର କରାଯାଉଛି। ଏଥାନଲ କାରଖାନାରେ



ପ୍ରତି ଲିଟର ଏଥାନଲ ପାଇଁ ମାତ୍ର ୩ରୁ ୫ ଲିଟର ପ୍ରକ୍ରିୟାକୃତ ପାଣି ବ୍ୟବହାର ହେଉଛି ଏବଂ ଅଧିକାଂଶ କାରଖାନାରେ **Zero Liquid Discharge** ଟେକ୍ନୋଲୋଜୀ ମାଧ୍ୟମରେ ପାଣି ପୁନଃ ବ୍ୟବହାର କରାଯାଉଛି। ବର୍ତ୍ତମାନ ଇ୨୦ ପାଇଁ ଯୋଗାଯାଉଥିବା ଇଥାନଲର ୪୦ ପ୍ରତିଶତରୁ ଅଧିକ ମକାରୁ ଉତ୍ପାଦିତ ହେଉଛି। ଧାନ ତୁଳନାରେ ମକା ଚାଷରେ ବହୁତ କମ୍ ଜଳର ଆବଶ୍ୟକତା ପଡ଼େ। ଏଥିପାଇଁ ସରକାର ମକାର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇ ଏହାର ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଇ୨୦ ଏକ ପରୀକ୍ଷାମୂଳକ ଇନ୍ଧନ ବୋଲି ହେଉଥିବା ଦାବିକୁ ମଧ୍ୟ ସରକାର ଖଣ୍ଡନ କରିବା ସହ ଆମେରିକା, ବ୍ରାଜିଲ, କାନାଡା, ଥାଇଲାଣ୍ଡ, ଜାପାନ ସମେତ ଅନେକ ୟୁରୋପୀୟ ଦେଶରେ ବହୁ ବର୍ଷ ଧରି ଭିନ୍ନ ଭିନ୍ନ ମାତ୍ରାରେ ଏଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ହେଉଛି ବୋଲି ଉଦାହରଣ ଦେଇଛନ୍ତି। ସେହିପରି ଗାଡ଼ିର ପରଫର୍ମାନ୍ସକୁ ନେଇ ହେଉଥିବା ଆଶଙ୍କା ଉପରେ ସରକାର କହିଛନ୍ତି, **ARAI** ନେତୃତ୍ୱରେ କରାଯାଇଥିବା ପରୀକ୍ଷାରେ ପ୍ରାୟ ୪୦ ହଜାର କିଲୋମିଟର ପ୍ୟାସେଞ୍ଜର କାର୍ ଏବଂ ୨୦ ହଜାର କିଲୋମିଟର ଦୁଇଚକିଆ ଗାଡ଼ି ଚଳାଇ ପରୀକ୍ଷା କରାଯାଇଥିଲା। ଏଥିରେ ଡ୍ରାଇଭାବିଲିଟି କିମ୍ବା ଫ୍ୟୁଏଲ ଏଫିସିଏନ୍ସି ଉପରେ କୌଣସି ବଡ଼ ପ୍ରଭାବ ପଡ଼ିନଥିବା ବେଳେ ମାଇଲେଜରେ କେବଳ ସାମାନ୍ୟ ପରିବର୍ତ୍ତନ ଦେଖାଯାଇଥିଲା।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୭୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୫୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୭୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୮୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୭୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୨.୧୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଚିର ନିଦ୍ରାରେ ନେତା, ଚେତନାରେ ଅମର

## ଦୁଇ ବର୍ଷ ପରେ ମଧ୍ୟ ଅମ୍ଲାନ 'ସୁରବାବୁ'



**କାକଟପୁର/ଅସ୍ତରଙ୍ଗ,୪।୭ (ସଂଚାର ବ୍ୟୁରୋ):** ସମୟ ସବୁ କ୍ଷତକୁ ଶୁଖାଇଦିଏ ବୋଲି କୁହନ୍ତି, କିନ୍ତୁ କିଛି କ୍ଷତ ସମୟର ପ୍ରଲେପ ମାନେ ନାହିଁ। ପୁରୀ ଜିଲ୍ଲା କାକଟପୁର ମାଟିର ସେହି ବରପୁତ୍ର, ସାତଥରର ବିଧାୟକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକଙ୍କ ବିନା ଆଜି ଦୁଇଟି ବର୍ଷ ବିତିଗଲାଣି। ୨୦୨୪ ଜୁଲାଇ ୫ ତାରିଖ - ସକାଳ ୬ଟା। ଭୁବନେଶ୍ୱରସ୍ଥିତ ବାସଭବନରେ ଯେତେବେଳେ ୯୩ ବର୍ଷୀୟ ସେହି ଯୋଦ୍ଧା ଶେଷ ନିଶ୍ୱାସ ତ୍ୟାଗ କଲେ, ପୁରୀ ଜିଲ୍ଲାର ରାଜନୈତିକ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଖସି ପଡିଥିଲା। ହେଲେ ନକ୍ଷତ୍ର ଖସିଲେ ବି ତା'ର ଆଲୋକ ରହିଯାଏ - ଆଜି ସୁରେନ୍ଦ୍ର ନାୟକଙ୍କ ସ୍ମୃତି ସେହି ଅମ୍ଲାନ ଆଲୋକ।

ଅସ୍ତରଙ୍ଗ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ସେ ରାଜନୀତିର 'ଅକ୍ଷର 'ଶିଖିଥିଲେ। କିନ୍ତୁ ତାଙ୍କ ପାଠଶାଳା ଥିଲା ଗାଁ ଗହଳି, ତାଙ୍କ ପାଠ୍ୟକ୍ରମ ଥିଲା ଲୋକଙ୍କ ଦୁଃଖ-ସୁଖ। ୧୯୭୧ରେ ଉତ୍କଳ କଂଗ୍ରେସ ଟିକେଟରେ ପ୍ରଥମ ବିଜୟରୁ ୨୦୦୪ରେ ବିଜେଡିରୁ ସପ୍ତମ ବିଜୟ ଯାଏଁ - ମଝିରେ ଜନତା ପାର୍ଟି, ଜନତା ଦଳର ପତାକା ଉଡିଛି, ହେଲେ ଲୋକଙ୍କ ହୃଦୟରେ ତାଙ୍କ ପାଇଁ ସ୍ଥାନଟି ଅଟଳ ଥିଲା। ସେ ନିଜେ କହୁଥିଲେ - "ଦଳ ମୋ ପାଇଁ ଗାଡି, ଲୋକ ମୋ ପାଇଁ ଭଗବାନ।"

୧୯୭୭ରେ ମାତ୍ର ୪୬ ବର୍ଷ ବୟସରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି। ସେତେବେଳେ ସେ ଥିଲେ ରାଜ୍ୟର ସର୍ବକନିଷ୍ଠ ଉପବାଚସ୍ପତିମାନଙ୍କ ମଧ୍ୟରେ ଅନ୍ୟତମ। ପରେ ପଞ୍ଚାୟତିରାଜ, ଗଣଶିକ୍ଷା, କୃଷି ବିଭାଗର ମନ୍ତ୍ରୀ ଓ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ସେ ଯେଉଁ ପ୍ରଶାସନିକ ଦକ୍ଷତା ଦେଖାଇଥିଲେ, ଆଜିର ଅମଲାତନ୍ତ୍ର ତାହାକୁ ଉଦାହରଣ ଭାବେ ନେଇଥାଏ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସେ ଥିଲେ 'ଛାଇ'। ବିଜୁ ବାବୁ ବିଶ୍ୱାସ କରୁଥିଲେ - "କାକଟପୁରରେ ସୁର ଅଛି ମାନେ ମୁଁ ନିଶ୍ଚିନ୍ତ।"

୧୯୮୩ ମସିହା। ଅସ୍ତରଙ୍ଗ ବ୍ଲକ ଛୁରୀଆନା ଅଞ୍ଚଳର ପିଲାମାନେ ହାଇସ୍କୁଲ ପାଇଁ ୧୫-୨୦ କିଲୋମିଟର ଚାଲିଚାଲି ଯାଉଥିଲେ। ସୁରେନ୍ଦ୍ର ନାୟକ ଦେଖିଲେ, ବୁଝିଲେ ଆଉ ଗଢିଦେଲେ 'ସୁରେନ୍ଦ୍ରନାଥ ବିଦ୍ୟାପୀଠ'। ଆଜି ୪୩ ବର୍ଷ ପରେ ସେହି ବିଦ୍ୟାଳୟରୁ ବାହାରିଥିବା ଛାତ୍ରଛାତ୍ରୀ ଦେଶ-ବିଦେଶରେ ନାଁ କରିଛନ୍ତି। କେବଳ ସ୍କୁଲ ନୁହେଁ, ଗାଁକୁ ଗାଁ ପକ୍କା ରାସ୍ତା - ତାଙ୍କ ଅମଳର ପ୍ରତିଟି ଇଟାରେ ତାଙ୍କ ନାଁ ଲେଖା ହୋଇଛି।

୨୦୨୪ ଜୁଲାଇ ୫ତାରିଖ। ଭୁବନେଶ୍ୱର ବିଧାନସଭା, ବିଜେଡି ରାଜ୍ୟ କାର୍ଯ୍ୟାଳୟ ଦେଇ ଯେତେବେଳେ ତାଙ୍କ ପାର୍ଥିବ ଶରୀର ଅସ୍ତରଙ୍ଗରେ ପହଞ୍ଚିଲା, ସାରା ରାସ୍ତା ଲୋକାରଣ୍ୟ ହୋଇଯାଇଥିଲା। ଅସ୍ତରଙ୍ଗ ବଜାରରୁ ଅଣକଣା ଯାଏଁ ଶେଷ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ହଜାର ହଜାର ଲୋକ। ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ସାଂସଦ ପ୍ରତିନିଧି ତଥା ସମାଜସେବୀ ଦିବାକର ଛାଟୋଇ, ତତ୍କାଳୀନ ଏସଡିପିଓ ପ୍ରଭାତ ମଲ୍ଲିକ, ବିଧାୟକ ତୁଷାରକାନ୍ତି ବେହେରା, ବରିଷ୍ଠ ନେତା ସୁବ୍ରତ ଛାଟୋଇ, ଅମୀୟ ପଟ୍ଟନାୟକ - ସମସ୍ତେ ଦଳମତ ଭୁଲି ସେଦିନ ଜଣେ 'ଅଭିଭାବକ'ଙ୍କୁ ହରାଇବାର କୋହରେ ଭାଙ୍ଗି ପଡିଥିଲେ। ଜନ୍ମମାଟି ଅଣକଣା ଗ୍ରାମ ଶ୍ମଶାନରେ ଯେତେବେଳେ ବଡ଼ପୁଅ ସ୍ୱାଧୀନ କୁମାର ନାୟକ ମୁଖାଗ୍ନି ଦେଲେ, ଉପସ୍ଥିତ ଲକ୍ଷାଧିକ ଜନତାଙ୍କ ଆଖିରୁ ଲୁହ ଝରି ପଡୁଥିଲା।

ଆଜି ତାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ। କାକଟପୁର ମୁଖ୍ୟ ବଜାର ଠାରେ ଆୟୋଜିତ ସ୍ମୃତିସଭାରେ ପୁଣି ଏକାଠି ହେବେ ହଜାର ହଜାର ଶୁଭେଚ୍ଛୁ। କିନ୍ତୁ ସବୁଠାରୁ ବଡ଼ ଶ୍ରଦ୍ଧାଞ୍ଜଳି ହେବ - ଯଦି ଆମେ ତାଙ୍କ ଭଳି ନିଃସ୍ୱାର୍ଥପର ହୋଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା। ବିଦାୟ ନୁହେଁ, ଏହା ପ୍ରେରଣାର ପୁନର୍ଜନ୍ମ। ସେ ଅଛନ୍ତି କାକଟପୁରର ପ୍ରତିଟି ନିଶ୍ୱାସରେ,

## ହୁମ୍ମା ଷ୍ଟେସନ ପରିଦର୍ଶନ କଲେ ଭୃଗୁ ବକ୍ସିପାତ୍ର



**ଛତ୍ରପୁର,୪।୭ (ସଂଚାର ବ୍ୟୁରୋ):** ଆଗାମୀ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ଜନସମ୍ପର୍କ କାର୍ଯ୍ୟକ୍ରମ ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଶୁକ୍ରବାର ହୁମ୍ମା ରେଳ ଷ୍ଟେସନ ପରିଦର୍ଶନ କରି ରେଳ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ ଯାତ୍ରୀ ସୁବିଧା ଓ ରେଳ ସଂଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଏହି ଅବସରରେ ହୁମ୍ମା ରେଳ ଷ୍ଟେସନରେ ଭୁବନେଶ୍ୱର- ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ଏବଂ ଗୁଣପୁର- କଟକ ପାସେଞ୍ଜର ଟ୍ରେନ୍‌ର ରହଣି ସହ ପ୍ଲାଟଫର୍ମରେ ସେଡ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି ଉଠାଇଥିଲେ। ଦୈନିକ ଯାତ୍ରୀ, ଛାତ୍ରଛାତ୍ରୀ ଓ ଚିକିତ୍ସା ପାଇଁ ଯାତାୟାତ କରୁଥିବା ରୋଗୀଙ୍କ ସୁବିଧା ଦୃଷ୍ଟିରୁ ଏହି ଦାବିଗୁଡ଼ିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି।

ପରିଦର୍ଶନ ପରେ ଭୃଗୁ ବକ୍ସିପାତ୍ର ଏହି ଦାବିଗୁଡ଼ିକୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟିକୁ ଆଣିଥିବା ଜଣାପଡ଼ିଛି। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ଜନସମ୍ପର୍କ କାର୍ଯ୍ୟକ୍ରମ ଓ ସ୍ଥାନୀୟ ସମସ୍ୟାକୁ ନେଇ ନେତାମାନଙ୍କ ସକ୍ରିୟତା ବୃଦ୍ଧି ପାଇବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

**କଳାହାଣ୍ଡି,୪।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ର ତାଲବନ୍ଦପଡ଼ା ଠାରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜୁନାଗଡ଼ ତାଲବନ୍ଦପଡ଼ାର ପୋଖରୀରେ ଯୁବକ ଜଣକ ଗାଧୋଇବାକୁ ଯାଇ ଗଭୀର ପାଣିରେ ବୁଡ଼ି ଯାଇ ମୃତ୍ୟୁ ହେଇଥିବାର ଦେଖିବାକୁ ମିଳିଛି । ଖବର ମୁତାବକ ଯୁବକ ଜଣକ ପାଖରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଆଜି ସକାଳ ୧୦ ଘଣ୍ଟା ସମୟରେ ପୋଖରୀକୁ ଯାଇଥିବା ବେଳେ ପାଖାପାଖି ଏକ ଘଣ୍ଟା ସମୟ ପର୍ଯ୍ୟନ୍ତ ତଥା ୧୧ ଟା ସମୟ ହେଇଗଲା ସୁଦ୍ଧା ସେ ଯୁବକ ଘରକୁ ଅବା ପାଣି ବାହାରକୁ ଆସି ନ ଥିବାରୁ ତାକୁ ପରିବାର ଲୋକେ ବହୁତ୍ ଖୋଜା ଖୋଜି କରିଥିଲେ । ତା ପରେ ପରିବାର ଲୋକେ ଦୀର୍ଘ ସମୟ ଧରି ଖୋଜି ନ ପାଇବାରୁ ତୁରନ୍ତ ଜୁନାଗଡ଼ ସ୍ଥିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିବାର ସୂଚନା ମିଳିଛି । ସୂଚନା ପାଇ ଅଗ୍ନିଶମ ବିଭାଗୀୟ ଟିମ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ୧ ଘଣ୍ଟା ପାଣିରେ ଖୋଜିଲା ପରେ ଯୁବକକୁ ବହୁତ୍ ଗଭୀର ପାଣି ଭିତରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ସେଠାରୁ ବିଭାଗୀୟ ଟିମ ସେହି ଯୁବକକୁ ଜୁନାଗଡ଼ ମେଡ଼ିକାଲକୁ ଆଣିଥିବାର ସୂଚନା ମିଳିଥିବାବେଳେ ମେଡିକାଲରେ କାର୍ଯ୍ୟରତ ଡକ୍ଟର ସେହି ଯୁବକକୁ ମୃତ ଘୋଷଣା କରିଥିଲେ । ମୃତ ହୋଇଥିବା ଯୁବକଟି ଜୁନାଗଡ଼ ତାଲବନ୍ଦପଡ଼ାର ବୋଲି ଜଣାପଡିଛି । ମୃତ ଯୁବକ ଋଷି ମୋହନ ଗହୀର ନିଜ ପିତା ମାତାଙ୍କ ଦେହାନ୍ତ ପରେ ନିଜ ବଡ ଭାଇ କ୍ଷେତ୍ର ମୋହନ ଗହୀର ଏବଂ ତାଙ୍କ ବଡ ମାଆଙ୍କ ପାଖରେ ରହୁଥିବାର ଜଣାପଡିଛି ।

## ଆଡ଼ମ୍ବର ନୁହେଁ, ସେବା ଓ ସବୁଜ ବାର୍ତ୍ତାରେ ଜନ୍ମଦିନ ପାଳିଲେ ଯୁବ ସାମ୍ବାଦିକ



**ନିମାପଡ଼ା,୪।୭ (ସଂଚାର ବ୍ୟୁରୋ):** ନିମାପଡ଼ାର ଯୁବ ସାମ୍ବାଦିକ ଅଜିତ୍ ରଞ୍ଜନ ସାହୁ ଚଳିତ ବର୍ଷ ମଧ୍ୟ ନିଜ ଜନ୍ମଦିନକୁ ସମାଜସେବାମୂଳକ କାର୍ଯ୍ୟ ମାଧ୍ୟମରେ ନିଆରା ଢଙ୍ଗରେ ପାଳନ କରିଛନ୍ତି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ସେ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ ପରିବର୍ତ୍ତେ ସମାଜ ପାଇଁ କିଛି ଉପଯୋଗୀ କାର୍ଯ୍ୟ କରିବାକୁ ପ୍ରାଥମିକତା ଦେଇଥିଲେ। ସକାଳେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ବୃକ୍ଷରୋପଣ କରିବା ସହ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଭଳି ମାନବସେବାମୂଳକ ପଦକ୍ଷେପକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିଥିଲେ।

ଏହି ଅବସରରେ ଯୁବ ସାମ୍ବାଦିକ ଅଶୋକ ବେହେରା, ଅରୁଣ ମହାପାତ୍ର, ଜୋସେଫ୍ ଲେଙ୍କା, ଶୁଭମ୍ ସାହୁ, ପ୍ରଭୁଦତ୍ତ ଦାଶଙ୍କ ସମେତ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଓ ଅନ୍ୟାନ୍ୟ ସହଯୋଗୀମାନେ ଉପସ୍ଥିତ ଥିଲେ। ସେମାନେ ଅଜିତ୍ ରଞ୍ଜନ ସାହୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ସମାଜସେବା ପ୍ରତି ତାଙ୍କର ଏହି ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ।

## ୧୧ ଦିନ ଧରି ଅନ୍ଧାରରେ ସିର୍ଲା ପଞ୍ଚାୟତବାସୀ

### ଘେରିଲେ ବିଦ୍ୟୁତ କାର୍ଯ୍ୟାଳୟ



**ଫୁଲବାଣୀ,୪।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଏଗାର ଦିନ ହେବ ଧରି ସିର୍ଲା ପଞ୍ଚାୟତ ଅନ୍ଧାରାରେ। ଏହାକୁ ନେଇ ପଞ୍ଚାୟତବାସୀ ଘେରିଛନ୍ତି ବିଦ୍ୟୁତ କାର୍ଯ୍ୟାଳୟ। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଆମ୍ବେଦକର ଛକ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟରେ।

ସିର୍ଲା ପଞ୍ଚାୟତ ଏଗାର ଗୋଟି ୱାର୍ଡ ଓ କୋଟଗଡ଼ ବ୍ଲକ ସର୍ତ୍ତୁଲ ପଞ୍ଚାୟତର ଦୁଇ ଗୋଟି ୱାର୍ଡ ଏପରି ତେରଗୋଟି ୱାର୍ଡ ଏଗାର ଦିନ ଧରି ହେବ ବିଦ୍ୟୁତ ନଥିବାରୁ ଅନ୍ଧାରରେ ରହିଛନ୍ତି। ଏନେଇ ଆଜି ଶନିବାର ପୂର୍ବାହ୍ନରେ ଏହି ଅଞ୍ଚଳବାସୀ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ବିଦ୍ୟୁତ ନଥିବାରୁ ପିଲା ମାନଙ୍କର ପାଠ ପଢା ବନ୍ଦ, ମୋବାଇଲ ଗୁଡ଼ିକ ସ୍ୱିଚି ଅଫ ହେବାରୁ ଜ୍ୱର ବେମାର କେହି ଯଦି ପୀଡ଼ିତ ହେଲେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରେ ମଧ୍ୟ ବିଫଳ ହୋଇଛନ୍ତି। ରାତି ସାରା ଅନ୍ଧାରରେ ରହିବା ବଡ଼ କଷ୍ଟ କର। ଦୂର ବିଦେଶରେ ରହିଥିବା ନିଜ ପରିଜନ ମାନଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହେବା ଭଳି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ଉକ୍ତ ବାବଦରେ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଫୋନରେ ଜଣାଇବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ଫୋନ ରିସିଭ କରୁନଥିବା ଅଭିଯୋଗ କରିଛନ୍ତି।

ଦୀର୍ଘ୍ୟ ୪ ଘଣ୍ଟା ଧରି କାର୍ଯ୍ୟାଳୟ ଘେରାଉ କରିବା ପରେ ଖବର ପାଇ ତୁମୁଡିବନ୍ଧ ପୋଲିସ ଓ ତହସିଲଦାର ଦୋଳ ଗୋବିନ୍ଦ ସାହୁ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହିତ ଏକ ପ୍ରତିନିଧି ଦଳ ଗଠନ କରି ତୁମୁଡିବନ୍ଧ ଥାନାକୁ ଯାଇ ସେଠାରେ ବିଭାଗୀୟ ଅଧିକାରୀ,ତହସିଲଦାର ଓ ଥାନା ଅଧିକାରୀ ଆଶୁତୋଷ ଜେନାଙ୍କ ଉପସ୍ଥିତିରେ ଆଲୋଚନା କରି ସ୍ଥାୟୀ ସମାଧାନ କରିବା ଏବଂ ତୁରନ୍ତ ବିଦ୍ୟୁତ ଦେବା ପାଇଁ ନିଷ୍ପତ୍ତି ନିଆଯିବା ପରେ ଘେରାଉ ହଟିଲା ବୋଲି ସିର୍ଲା ସରପଞ୍ଚ ନୁସୁଙ୍ଗା ମାଝୀ କହିଛନ୍ତି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଆଜବେଷ୍ଟ ଘର, ଅଳ୍ପକେ ବର୍ତ୍ତିଲେ ୩ ଜଣ



**ଲକ୍ଷ୍ମୀପୁର,୪।୭ (ସଂଚାର ବ୍ୟୁରୋ)** ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୟାପୁଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁମୁରିପଦର ଗ୍ରାମରେ ଏକ ଅଘଟଣ ଅଳ୍ପକେ ଟଳିଯାଇଛି। ପ୍ରବଳ ବର୍ଷାରେ ଏକ ଆଜବେଷ୍ଟ ଛାତ ଘର ହଠାତ୍ ଭୁଶୁଡ଼ି ପଡ଼ିଥିବା ବେଳେ ଘର ଭିତରେ ଶୋଇଥିବା ତିନିଜଣ ସଦସ୍ୟ ସୌଭାଗ୍ୟବଶତଃ ଜୀବନ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ବାସିନ୍ଦା ବଳୀ ହିକକା ତାଙ୍କ ସ୍ତ୍ରୀ ଓ ବୃଦ୍ଧା ମା'ଙ୍କ ସହ ରାତିରେ ଘରେ ଶୋଇଥିଲେ। ଲଗାଣ ବର୍ଷା ଯୋଗୁଁ ଘରର ଆଜବେଷ୍ଟ ଛାତ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ତେବେ ଭାଗ୍ୟକୁ ସେମାନେ ଅଳ୍ପକେ ବର୍ତ୍ତିଯାଇଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଘରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାରୁ ପରିବାର ବର୍ତ୍ତମାନ ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରୟ ନେଇ ଚିନ୍ତାରେ ରହିଛନ୍ତି। ବଳୀ ହିକକା ଜଣେ ଦିନମଜୁରିଆ ହୋଇଥିବାରୁ ନିଜସ୍ୱ ଉଦ୍ୟମରେ ନୂଆ ଘର ନିର୍ମାଣ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ପୀଡ଼ିତ ପରିବାରକୁ ସରକାରୀ ଆବାସ ଯୋଜନାରେ ସାମିଲ କରିବା ସହ ଜରୁରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏନେଇ ତୟାପୁଟ ପଞ୍ଚାୟତର ନିର୍ବାହୀ ଅଧିକାରୀ ଜୟରାମ ସାଙ୍କିଆ କହିଛନ୍ତି ଯେ, ଘଟଣାର ଶୀଘ୍ର ଅନୁଧ୍ୟାନ କରାଯାଇ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପଠାଯିବ ଏବଂ ନିୟମ ଅନୁଯାୟୀ ପୀଡ଼ିତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ।

## ତଙ୍ଖୋ ବାଲିଘାଟରେ ପୁଣି ମାଫିଆ ରାଜ୍

### ଘାଟରୁ ପୁଣି ଉଠିଲା ବାଲି

### ସୁରକ୍ଷା ଦେଉଛନ୍ତି ଶାସକ ଦଳର ଆତ୍ମଘୋଷିତ କର୍ମୀ



**ଆନନ୍ଦପୁର, ୪।୭ (ସଂଚାର ବ୍ୟୁରୋ):** ତଙ୍ଖୋ ବାଲି ଘାଟରେ ପୁଣି ସକ୍ରିୟ ବାଲି ମାଫିଆ! ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ରାତି ସାରା ଚାଲିଛି ବାଲି ଉତ୍ତୋଳନ। କିଛି ଶାସକ ଦଳର ଆତ୍ମଘୋଷିତ କର୍ମୀ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ମଧ୍ୟ ଉଠିଛି। ପୂର୍ବରୁ ଖବର ପ୍ରସାରଣ ପରେ ଯାଞ୍ଚ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କ'ଣ ହେଲା, ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏପଟେ ଓଭର ଲୋଡ୍ ବାଲି ଗାଡ଼ି ଚଳାଚଳ ପାଇଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ଛାତ୍ରଛାତ୍ରୀ ଓ ଜରୁରୀକାଳୀନ ସେବାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏଥି ପ୍ରତି ଖଣି ବିଭାଗର ନିଘା ନାହିଁ। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତର ବୈତରଣୀ ନଦୀସ୍ଥିତ ତଙ୍ଖୋ ବାଲି ଘାଟରେ ପୁଣି ଥରେ ବେଆଇନ ବାଲି ଉତ୍ତୋଳନ ଆରମ୍ଭ ହୋଇଥିବା ଅଭିଯୋଗ ଉଠିଛି।

ଅଭିଯୋଗ ଅନୁଯାୟୀ, ସରକାରୀ ଅନୁମତି ସୀମା ବାହାରେ ଏବଂ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାଲି ଉତ୍ତୋଳନ କରାଯାଉଛି। ରାତିର ଅନ୍ଧାରରେ ହାଇୱା ଯୋଗେ ବାଲି ପରିବହନ କରାଯାଉଥିବାରୁ ସରକାରୀ ରାଜସ୍ୱର ବ୍ୟାପକ କ୍ଷତି ହେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ପୂର୍ବରୁ ଏହି ଘଟଣାକୁ ନେଇ ଖବର ପ୍ରସାରଣ ପରେ ଖଣି ବିଭାଗର ଅଧିକାରୀମାନେ ଘାଟ ପରିଦର୍ଶନ କରି ଯାଞ୍ଚ କରିଥିଲେ। ଏହାପରେ କିଛି ଦିନ ବାଲି ଉତ୍ତୋଳନ ବନ୍ଦ ରହିଥିଲା। କିନ୍ତୁ ବର୍ତ୍ତମାନ ପୁଣି ସେହି ପୁରୁଣା ଢଙ୍ଗରେ ବେଆଇନ ବାଲି ଉତ୍ତୋଳନ ଚାଲିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଚର୍ଚ୍ଚା ବଢ଼ିଥିବା ବେଳେ, କିଛି ଶାସକ ଦଳର ଆତ୍ମଘୋଷିତ କର୍ମୀ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ମଧ୍ୟ ଉଠିଛି।

ଏବେ ପ୍ରଶ୍ନ ଉଠୁଛି, ପୂର୍ବ ଯାଞ୍ଚ ପରେ କାହା ବିରୋଧରେ କେଉଁ କାର୍ଯ୍ୟାନୁଷ୍ଠାନ ନିଆଗଲା? ପୁଣି କିପରି ବେଆଇନ ବାଲି ଉତ୍ତୋଳନ ଆରମ୍ଭ ହେଲା? ଏହା ପଛରେ କାହାର ଆଶୀର୍ବାଦ ରହିଛି? ବେଆଇନ ବାଲି କାରବାର ଉପରେ ଜିଲ୍ଲା ପ୍ରଶାସନ କେବେ କଠୋର ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା।

### ବିନା ସୂଚନା ଫଳକରେ ଚାଲିଛି ସରକାରୀ କାମ

## ୧୩-ସି କେନାଲ ଷ୍ଟର୍ମ ୱାଟର ଡ୍ରେନ୍ ନିର୍ମାଣକୁ ନେଇ ବଢୁଛି ଅସନ୍ତୋଷ



**ବାଲିକୁଦା, ୪।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ କୃଷ୍ଣଦାସପୁର ପଞ୍ଚାୟତ ଅଧୀନରେ ନିର୍ମାଣାଧୀନ ୧୩-ସି କେନାଲ ଷ୍ଟର୍ମ ୱାଟର ଡ୍ରେନ୍ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟଟି ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ହେଉନାହିଁ ଏବଂ ନିର୍ମାଣର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଏହି କେନାଲ କୃଷ୍ଣଦାସପୁର ପଞ୍ଚାୟତକୁ ମୁଳୁଗାଁ ପଞ୍ଚାୟତ ସହ ସଂଯୋଗ କରୁଥିବାରୁ ଏହା ଅଞ୍ଚଳବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ବୋଲି ଧରାଯାଉଛି। କିନ୍ତୁ କାର୍ଯ୍ୟସ୍ଥଳରେ ପ୍ରକଳ୍ପର ମୂଲ୍ୟ, ଅନୁମୋଦନ, ଠିକାଦାରଙ୍କ ନାମ, କାର୍ଯ୍ୟ ଅବଧି ଓ ସମ୍ପୃକ୍ତ ବିଭାଗର ବିବରଣୀ ସମ୍ବଳିତ ସୂଚନା ଫଳକ ଲଗାଯାଇନଥିବାରୁ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କ ଉପସ୍ଥିତି ପ୍ରାୟ ଦେଖିବାକୁ ମିଳୁନାହିଁ। ଫଳରେ ଠିକାଦାର ମନମୁଖୀ ଭାବେ କାମ କରୁଥିବା ଅଭିଯୋଗ ହେଉଛି। ନିର୍ମାଣରେ ବ୍ୟବହୃତ ସାମଗ୍ରୀର ଗୁଣବତ୍ତା ଓ କାର୍ଯ୍ୟ ପ୍ରଣାଳୀକୁ ନେଇ ମଧ୍ୟ ସ୍ଥାନୀୟ ବାସିନ୍ଦା ସନ୍ଦେହ ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କ ଦାବି ହେଉଛି, ସମ୍ପୃକ୍ତ ବିଭାଗ ଘଟଣାର ତୁରନ୍ତ ତଦନ୍ତ କରି କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରନ୍ତୁ। ସେହିପରି ନିର୍ମାଣସ୍ଥଳରେ ନିୟମ ଅନୁଯାୟୀ ସୂଚନା ଫଳକ ସ୍ଥାପନ ସହ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପନ୍ନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ଲଘୁଚାପ ପ୍ରଭାବରୁ ଲଗାଣ ବର୍ଷା, ଚାଷୀ କ୍ଷେତମୁହାଁ

**ହିଞ୍ଜିଳିକାଟୁ,୪।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଗ୍ରାମରେ ଲଘୁଚାପ ପ୍ରଭାବରେ ଶୁକ୍ରବାର ଦିନ ତୁହାକୁ ତୁହା ବର୍ଷା ଲାଗି ରହିଥିଲା | ଗୋଟିଏ ପଟେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇଥିଲା | କିନ୍ତୁ ଅପରପକ୍ଷରେ ଏହି ବର୍ଷା ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଶୁକ୍ରବାର ଦିନ ୨ଟାରୁ ଶନିବାର ସକାଳ ଯାଏ ବର୍ଷା ଲାଗିରହିଥିଲା |ବର୍ଷା ହେବା ପୂର୍ବରୁ କୃଷକ ଚାଷ ଜମିରେ ଧାନ ତଳି ପକାଇଥିଲେ | ବର୍ଷା ନଥିବାରୁ ବିହନ ଜମିରେ ପଡ଼ି ତଳି ଉଠିବାରେ ବିଳମ୍ବ ହେଉଥିଲା। ଅନେକ ସ୍ଥାନରେ ତଳି ଘରାରେ ଧାନ ଗଛ ହଳଦିଆ ପଡ଼ି ଯାଇଥିଲା। ଏବେ ଲଗାଣ ବର୍ଷା କାରଣରୁ ଚାଷ ଜମିକୁ ପର୍ଯ୍ୟାପ୍ତ ପରିମାଣର ପାଣି ମିଳିଥିବା ଅନେକ ଚାଷୀ କହିଛନ୍ତି। ଏଭଳି ବର୍ଷା ଲାଗି ରହିଲେ ଚାଷ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିବ ନେଇ ହିଞ୍ଜିଳି ବ୍ଲକର ଜଣେ ଚାଷୀ କହିଛନ୍ତି | ଅପରପକ୍ଷରେ ଏହି ସମୟରେ ଅନେକ ବିବାହ, ବ୍ରତ, ଗୃହ ପ୍ରବେଶ ଉତ୍ସବ ବେଳେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଭୋଜି କାର୍ଯ୍ୟ ବିଶେଷ ପ୍ରଭାବିତ ହେଉଛି। ଠିକଣା ସମୟରେ ବର୍ଷା ଯୋଗୁଁ ଅତିଥିମାନେ ପହଞ୍ଚିବା ମୁସ୍କିଲ ହେଉଛି।

## 'ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ' କର୍ମଶାଳା ଅନୁଷ୍ଠିତ




**ନୀଳଗିରି,୪।୭ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ନୀଳଗିରି ଏନେସି ୫ୱାର୍ଡ ବରିସାହି କଲ୍ୟାଣ ମଣ୍ଡପ ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଅନ୍ତର୍ଗତ ଏକ ବର୍ଣ୍ଣାଢ୍ୟ 'ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ' ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର କାର୍ଯ୍ୟଧାରାକୁ ସମୟୋପଯୋଗୀ ଓ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ନୀଳଗିରିରେ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ କହିଥିଲେ ଯେ, ଆଧୁନିକ ଯୁଗରେ ସଂଗଠନକୁ ଅଧିକ ଦ୍ରୁତ ଓ ସ୍ୱଚ୍ଛ କରିବା ପାଇଁ ଡିଜିଟାଲ୍ ମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଉପସଭାପତି ତଥା ରାଜ୍ୟ ସଂଯୋଜକ ଡ଼ଃ ଯତୀନ କୁମାର ମହାନ୍ତି ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଡିଜିଟାଲ୍ ପ୍ଲାଟଫର୍ମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି କର୍ମଶାଳା ମାଧ୍ୟମରେ ସଂଗଠନର ତୃଣମୂଳ ସ୍ତରରୁ ନେତୃତ୍ୱ ପର୍ଯ୍ୟନ୍ତ ସମସ୍ତ କର୍ମୀଙ୍କୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ କରିବା ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଇଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଉପଜିଲ୍ଲାପାଳ



**ମାଲକାନଗିରି, ୪।୭ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରି ସେଠାକାର ସ୍ଥିତି ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ସେ ବାଲି ସାଗର ଅଞ୍ଚଳ, ଆହାର କେନ୍ଦ୍ର, ବସ୍ ଷ୍ଟାଣ୍ଡ ଏବଂ ସହରାଞ୍ଚଳ ଆଶ୍ରୟ ସ୍ଥଳୀର ଅନୁଧ୍ୟାନ କରିବା ସହ ସ୍ଥାନୀୟ ଜନସାଧାରଣ ଓ ସରକାରୀ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

ସର୍ବପ୍ରଥମେ ଉପ ଜିଲ୍ଲାପାଳ ବାଲି ସାଗର ଅଞ୍ଚଳ ପରିଦର୍ଶନ କରି ସେଠାରେ ଚାଲିଥିବା ଡ୍ରେନେଜ୍ ଓ ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଯେପରି କୌଣସି ଜଳବନ୍ଦୀ ସମସ୍ୟା ନଉପୁଜେ, ସେଥିପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପୌରପାଳିକାର ଯନ୍ତ୍ରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହାପରେ ସେ ସହରରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରି ସେଠାରେ ଦିଆଯାଉଥିବା ଖାଦ୍ୟର ମାନ ଏବଂ ରୋଷେଇ ଶାଳର ସ୍ୱଚ୍ଛତା ଯାଞ୍ଚ କରିଥିଲେ। କେନ୍ଦ୍ରକୁ ଆସୁଥିବା ହିତାଧିକାରୀମାନଙ୍କ ସହ ସେ ସିଧାସଳଖ କଥା ହୋଇ ସେମାନଙ୍କ ପ୍ରତିକ୍ରିୟା ନେଇଥିଲେ। ଗରିବ ଲୋକଙ୍କୁ ଉତ୍ତମ ଓ ସ୍ୱଚ୍ଛ ପରିବେଶରେ ୫ ଟଙ୍କାରେ ସୁଷମ ଖାଦ୍ୟ ଯୋଗାଇଦେବା ପ୍ରଶାସନର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି।ବସ୍ ଷ୍ଟାଣ୍ଡ ଗସ୍ତ ସମୟରେ ଉପ ଜିଲ୍ଲାପାଳ ସେଠାରେ ଥିବା ଜନସାଧାରଣଙ୍କ ସୁବିଧା ସୁଯୋଗର ତଦାରଖ କରିଥିଲେ।

## 'ଅଭିଯୋଗ ବାକ୍ସ'କୁ ନେଇ ପଞ୍ଚାୟତକୁ ବଦନାମ କରିବା ଷଡଯନ୍ତ୍ର




**କାକଟପୁର/ଅସ୍ତରଙ୍ଗ, ୪।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଅଭିଯୋଗ ବାକ୍ସ'କୁ ନେଇ କିଛି ମୁଷ୍ଟିମେୟ ବ୍ୟକ୍ତି ତଥା ପରାଜିତ ଗୋଷ୍ଠୀ ରାଜନୈତିକ ଆକ୍ରୋଶରେ ପଞ୍ଚାୟତକୁ ବଦନାମ କରିବାକୁ ଷଡଯନ୍ତ୍ର କରୁଛନ୍ତି। ସେମାନଙ୍କ ପ୍ରଶ୍ନ - "ବାକ୍ସରେ ତାଲା କାହିଁକି ନାହିଁ?" ଏହାର ସିଧା ଉତ୍ତର ଦେଇଛନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ।

"ଅଭିଯୋଗ ବାକ୍ସରେ ତାଲା ପଡିବ କେବେ ଜାଣନ୍ତି? ଯେବେ ସେଥିରେ ଗୋଟିଏ ଅଭିଯୋଗ ପଡିବ। ନିୟମ ଅନୁଯାୟୀ, ଯାହାର କିଛି ଅଭିଯୋଗ ଅଛି ସେ ଲିଖିତ ଭାବେ ଜଣାନ୍ତୁ। ଆମେ ତୁରନ୍ତ ସେହି ଅଭିଯୋଗ ଉପରେ ତାଲା ପକାଇ ତଦନ୍ତ ଆରମ୍ଭ କରିବୁ। ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଚିଠି ଆସିନାହିଁ। ବାକ୍ସ ଖାଲି। ତେବେ ଖାଲି ବାକ୍ସରେ ଆମେ କାହା ପାଇଁ ତାଲା ପକାଇବୁ? ଆପଣଙ୍କ ମିଛ ଅଡିଓ ପାଇଁ?"

ଅଧିକାରୀ ଆହୁରି ସ୍ପଷ୍ଟ କରିଛନ୍ତି - "ସମ୍ପୂର୍ଣ୍ଣ କାର୍ଯ୍ୟାଳୟ ୨୪x୭ ସିସିଟିଭି ନଜରରେ। ବାକ୍ସ ଉପରେ ମଧ୍ୟ କ୍ୟାମେରା। ଯଦି କେହି ଅଭିଯୋଗ ଦିଅନ୍ତି, ତାହା ରେକର୍ଡ ହେବ। ଆମେ ଲୁଚାଇବୁ ନାହିଁ। କିନ୍ତୁ ବିରୋଧୀଙ୍କ ସମସ୍ୟା ହେଉଛି - ସେମାନଙ୍କ ପାଖରେ ଅଭିଯୋଗ ନାହିଁ, ଅଛି କେବଳ ଆକ୍ରୋଶ।"

ସରପଞ୍ଚ ରୋଜିନା ଜେନାଙ୍କ ନେତୃତ୍ୱରେ ମାଣ୍ଡୁକି ପଞ୍ଚାୟତ ଆଜି ବ୍ଲକର ପ୍ରଥମ 'ସିସିଟିଭି ପଞ୍ଚାୟତ'। ପ୍ରଧାନମନ୍ତ୍ରୀ ଆବାସରେ ୯୫%ରୁ ଅଧିକ ଯୋଗ୍ୟ ହିତାଧିକାରୀ ଚୟନ ତାହା ପୁଣି ବିନା ଦଲାଲିରେ। ୧୨ରୁ ଅଧିକ ନୂଆ ଡ୍ରେନ, ପ୍ରତି ଗାଁ କୁ ଗାଁ ଅଧିକ ସୋଲାର ଲାଇଟ୍, ପକ୍କା ରାସ୍ତା - ଏସବୁ ପୂର୍ବରୁ କେବେ ହୋଇନଥିଲା। ମିଶନ ଶକ୍ତି ମହିଳାମାନେ ଆଜି ମାସକୁ ୮-୧୦ ହଜାର ରୋଜଗାର କରୁଛନ୍ତି। ଯେଉଁଠି ଲୋକେ କାଦୁଅ ରେ ଚାଲୁଥିଲେ ସେଠି ନୂଆ ରାସ୍ତା।

ନିର୍ବାଚନରେ ଜନତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ମୁଷ୍ଟିମେୟ ଗୋଷ୍ଠୀ ଏବେ ସରକାରୀ କର୍ମଚାରୀଙ୍କ ଅଡିଓ କାଟି-ଛାଣ୍ଟି ଭାଇରାଲ କରୁଛନ୍ତି। ଉଦ୍ଦେଶ୍ୟ - ପଞ୍ଚାୟତକୁ ବଦନାମ କର, ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶଂସନୀୟ କାର୍ଯ୍ୟକୁ ମଳିନ କର। କିନ୍ତୁ ସେମାନେ ଭୁଲି ଯାଉଛନ୍ତି - ସିସିଟିଭି ଯୁଗରେ ମିଛ ଅଧିକ ଦିନ ତିଷ୍ଠେ ନାହିଁ।

# ୩୦ ଜୁଲାଇରେ ରିଲିଜ ହେବ 'ଜନ ନାୟଗନ'



ଥଲାପତି ବିଜୟଙ୍କ ମୋଷ୍ଟ ଆଓ୍ବେଟେଡ୍ ଫିଲ୍ମ 'ଜନ ନାୟଗନ'ର ଫ୍ୟାନ୍ସଙ୍କୁ ବହୁ ଦିନରୁ ଅପେକ୍ଷା ରହିଛି । ପ୍ରଥମେ ଫିଲ୍ମର ରିଲିଜ ଡେଟ୍ ଘୁଞ୍ଚିଥିଲା, ପରେ ଏହାସହ ଯୋଡ଼ି ହୋଇଥିବା ବିବାଦ ଏହାର ରାସ୍ତାକୁ ଆହୁରି ଜଟିଳ କରିଦେଇଥିଲା । ପରେ ଦର୍ଶକଙ୍କ ନଜର ଏହାର ରିଲିଜକୁ ନେଇ ରହିଥିଲା । ଏବେ ଏହାର ରିଲିଜ ଡେଟକୁ ନେଇ ସବୁଠାରୁ ବଡ଼ ଅପଡେଟ ସାମ୍ନାକୁ ଆସିଛି । ସୂଚନା ମୁତାବକ ଫିଲ୍ମକୁ CBFCରୁ ସାର୍ଟିଫିକେଟ ମିଳି ଯାଇଛି । ଖାଲି ଏତିକି ନୁହେଁ କୁହାଯାଉଛି କି ଏହାର ରିଲିଜ ଲାଗି ୨୩ ଜୁଲାଇ କିମ୍ବା ୩୦ଜୁଲାଇର ତାରିଖ ଉପରେ ଚର୍ଚ୍ଚା ଲାଗି ରହିଛି । ମାତ୍ର ମେକର୍ସ ଏବେ ପର୍ଯ୍ୟନ୍ତ ଏହାର ଅଫିସିଆଲ କନଫର୍ମ କରି ନାହାନ୍ତି । ଥଲାପତି ବିଜୟଙ୍କ 'ଜନ ନାୟଗନ' ପ୍ରଥମେ ପୋଙ୍ଗଲ ୨୦୨୬ ଅବସରରେ ରିଲିଜ ହେବାରେ ଥିଲା। କିନ୍ତୁ ପରେ ଏହାର ରିଲିଜରେ ପରିବର୍ତ୍ତନ କରାଯାଇଥିଲା । ଏହା ମଧ୍ୟରେ ଫିଲ୍ମର କିଛି ଭାଗ ଅନଲାଇନ୍ ଲିକ୍ ହେବା ଖବର ବି ମେକର୍ସଙ୍କ ଅଡୁଆ ବଢ଼ାଇ ଦେଇଥିଲା । ଏହା ବ୍ୟତୀତ ସେନ୍ସର ବୋର୍ଡ଼ରୁ ସାର୍ଟିଫିକେଟ ମିଳିବାରେ ବିଳମ୍ବର ଚର୍ଚ୍ଚାକୁ ନେଇ ଫିଲ୍ମର ରିଲିଜ ତାରିଖ ଅଟକି ରହିଥିଲା । ମାତ୍ର ଏବେ ଖବର ଅଛି କି ଏହାର ସାର୍ଟିଫିକେଟ ପ୍ରୋସେସ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଫିଲ୍ମ ଖୁବଶୀଘ୍ର ବଡ଼ ପରଦାରେ ରିଲିଜ ହୋଇପାରେ । ଥଲାପତି ବିଜୟଙ୍କ 'ଜନ ନାୟଗନ' ଏବେ ଫିଲ୍ମ ହଲରେ ରିଲିଜ ହେବାର ବହୁ ପାଖାପାଖି ଲାଗୁଛି । ଅପଡେଟ୍ ଖବର ଅନୁସାରେ ସେନ୍ସର ବୋର୍ଡ଼ ଫିଲ୍ମକୁ 'A' ସାର୍ଟିଫିକେଟ ଦେଇଛନ୍ତି । ମାତ୍ର ମେକର୍ସଙ୍କ ତରଫରୁ ଏବେ କନଫର୍ମର ଅପେକ୍ଷା କରାଯାଇଛି । ଇଣ୍ଡଷ୍ଟ୍ରିର କଥା କହିଲେ ଆସନ୍ତା ସପ୍ତାହ ଡିଷ୍ଟ୍ରିବ୍ୟୁଟର୍ସଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର ଆଶା ରହିଛି । କୁହାଯାଉଛି କି ଏହି ବୈଠକରେ ଫିଲ୍ମର ରିଲିଜ ଷ୍ଟ୍ରାଟେଜି ଏବଂ ରିଲିଜ ଡେଟ୍ ଫାଇନାଲ କରିବା ଉପରେ କଥା ହେବ। 'ଜନ ନାୟଗନ'ର ରିଲିଜ ଲାଗି ୨୩ ଜୁଲାଇ ଏବଂ ୩୦ ଜୁଲାଇ ଉପରେ କଥା ଚାଲୁ ରହିଛି । କିନ୍ତୁ ଏବେ ପର୍ଯ୍ୟନ୍ତ ମେକର୍ସଙ୍କ ତରଫରୁ ଫିଲ୍ମକୁ ସାର୍ଟିଫିକେଟ ଏବଂ ରିଲିଜ ଡେଟ୍ ଉପରେ କୌଣସି ଘୋଷଣା କରାଯାଇନାହିଁ । କୁହାଯାଉଛି କି ଡିଷ୍ଟ୍ରିବ୍ୟୁର୍ଟସଙ୍କ ବୈଠକ ପରେ ଖୁବଶୀଘ୍ର 'ଜନ ନାୟଗନ'ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରେ ।

# ଗୋଟିଏ ଚିତ୍ରରେ 'ଗାୟତ୍ରୀ ମନ୍ତ୍ର' ଓ 'କଲ୍ମା'



ବଲିଉଡର ଦମ୍ପତି ସୋନାକ୍ଷୀ ସିହ୍ନା ଏବଂ ଜାହିର ଇକବାଲଙ୍କର ସମ୍ପର୍କ ଏବଂ ପରସ୍ପର ପ୍ରତି ଥିବା ସମ୍ମାନ ପାଇଁ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ସମ୍ପ୍ରତି, ସୋନାକ୍ଷୀ ସୋସିଆଲ ମିଡିଆରେ ତାଙ୍କ ଘରର ଏକ ସୁନ୍ଦର ଓ ହୃଦୟସ୍ପର୍ଶୀ ଝଲକ ସେୟାର କରିଛନ୍ତି। ସୋନାକ୍ଷୀଙ୍କ ଘରର ମୁଖ୍ୟ କାନ୍ଥରେ ସଜାଯାଇଥିବା ଚିତ୍ରରେ ପବିତ୍ର 'ଗାୟତ୍ରୀ ମନ୍ତ୍ର' (ହିନ୍ଦୁ ଧର୍ମର ପ୍ରତୀକ) ଏବଂ 'କଲ୍ମା' (ଇସଲାମିକ ଧର୍ମର ପ୍ରତୀକ)କୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ଏହି ଚିତ୍ରକଳା ପଛରେ ଗଭୀର ଭାବପ୍ରବଣ ଏବଂ ରୋଚକ କାହାଣୀକୁ ସେୟାର କରି ସୋନାକ୍ଷୀ କହିଛନ୍ତି, ଯେ ଏହି ଧାରଣା ମୋର ବିବାହ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅବସରରୁ ଆସିଥିଲା। ଯେତେବେଳେ ପଣ୍ଡିତ ବିବାହ ମଣ୍ଡପରେ ପବିତ୍ର 'ଗାୟତ୍ରୀ ମନ୍ତ୍ର' ଜପ କରୁଥିବା ବେଳେ ନିକଟରୁ ଆଜାନ (ଇସଲାମିକ ପ୍ରାର୍ଥନା ପାଇଁ ଡାକ)ର ପବିତ୍ର ଶବ୍ଦ ପ୍ରତିଧ୍ୱନିତ ହେଉଥିଲା। ମୋର ବିଶ୍ୱାସ ଏହି ଦୁଇଟି ପ୍ରାର୍ଥନାର ମିଳିତ ସକାରାତ୍ମକ ଶକ୍ତି ବୈବାହିକ ଜୀବନ ଏବଂ ଘରକୁ ଖୁସିରେ ଭରି ଦେଇଛି।' ସୋନାକ୍ଷୀଙ୍କ ଘନିଷ୍ଠ ବନ୍ଧୁ ଶୁଭିକା ଶର୍ମା ଦମ୍ପତିଙ୍କୁ ବିବାହ ଉପହାର ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ, ସେ ସହଜରେ ବୁଝିପାରିଥିଲେ ଯେ ଦମ୍ପତିଙ୍କ ହୃଦୟର ପ୍ରକୃତ ନିକଟତର କ'ଣ। ଶୁଭିକା ଏକ ଅନନ୍ୟ କଳାକୃତି ଉପହାର ଦେବାକୁ ଚାହୁଁଥିଲେ ଯାହା ସେମାନଙ୍କ ବିବିଧ ଧାର୍ମିକ ବିଶ୍ୱାସ ଏବଂ ପ୍ରେମର ସୁନ୍ଦର ସମନ୍ୱୟ ହେବ। ଯାହା ସର୍ବଦା ଅମର ରହିବ। ଏହି ସୁନ୍ଦର ଧାରଣାକୁ ଜୀବନ୍ତ କରିବାର କାର୍ଯ୍ୟ ଲୋକପ୍ରିୟ କଳାକାର ଆଦିଲା ବେଦୀଙ୍କୁ ଦିଆଯାଇଥିଲା। ଆଦିଲ। ପ୍ରଥମେ ଦମ୍ପତିଙ୍କ ଘରକୁ ଯାଇ ସେମାନଙ୍କ ଚିନ୍ତାଧାରା ଏବଂ ଭାବନାକୁ ଗଭୀର ଭାବରେ ବୁଝିଥିଲେ।

# ଏକାଠି ନଜର ଆସିଲେ କ୍ରିତି-କବୀର



ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ । ତାଙ୍କ ପ୍ରେମ ଜୀବନକୁ ନେଇ ପ୍ରାୟତଃ ଖବରରେ ରହିଥାଆନ୍ତି। ସେ କବୀର ବାହିଆଙ୍କୁ ଡେଟ୍ କରୁଥିବା ଖବର ଏବେ ସାମ୍ନାକୁ ଆସିଛି। ନିକଟରେ ଉଭୟଙ୍କ ମଧ୍ୟରେ ବ୍ରେକଅପ୍ ହୋଇଥିବା ଗୁଜବ ଶୁଣିବାକୁ ମିଳିଥିଲା। ଏହା ମଧ୍ୟରେ, ଗତକାଲି ସନ୍ଧ୍ୟାରେ ଅଭିନେତ୍ରୀଙ୍କୁ ତାଙ୍କ ରୁମର୍ଡ ପ୍ରେମିକ କବୀର ବାହିଆଙ୍କ ସହ ଡିନର ଡେଟ୍ରେ ଦେଖିବାକୁ ମିଳିଥିଲା। ସେମାନେ ସମାନ ସ୍ଥାନରେ ପହଞ୍ଚିଥିଲେ ମଧ୍ୟ ଅଲଗା ଅଲଗା ରେଷ୍ଟୁରାଣ୍ଟକୁ ଯାଇଥିଲେ। ସୋସିଆଲ୍ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ, କବୀର ପ୍ରଥମେ ପହଞ୍ଚିଥିବା ଦେଖାଯାଇଛି। ସେ ଏକ ବଡ଼ ଧଳା ଟି-ସାର୍ଟ, ହାଲୁକା ନୀଳ ଡେନିମ୍ ଜିନ୍ସ ଏବଂ ସ୍ନିକର୍ସ ପିନ୍ଧିଥିଲେ। କିଛି ସମୟ ପରେ, କ୍ରିତି ଏକ ଷ୍ଟାଇଲିସ୍ ଅଲ୍ ବ୍ଲାକ୍ ଲୁକରେ ନଜର ଆସିଥିଲେ। ଭିତରକୁ ଯିବା ପୂର୍ବରୁ, ଅଭିନେତ୍ରୀ ହସି, ପାପାରାଜିଙ୍କୁ ପୋଜ ଦେଇଥିଲେ। ପରେ, ଦୁହେଁ ସମାନ କାରରେ ଯାଉଥିବା ଦେଖାଯାଇଥିଲେ। ଏହା ଉଲ୍ଲେଖନୀୟ ଯେ କ୍ରିତି ଏବଂ କବୀର ସମ୍ପର୍କକୁ ନେଇ କଳ୍ପନା ଜଳ୍ପନାର ବିଷୟ ପାଲଟିଛନ୍ତି। ହେଲେ ଉଭୟ ସାର୍ବଜନୀନ ଭାବରେ ପରସ୍ପରକୁ ଡେଟ୍ କରୁଥିବା କଥା ସ୍ୱୀକାର କରିନାହାଁନ୍ତି। କିନ୍ତୁ ସେମାନଙ୍କୁ ପ୍ରାୟତଃ ଛୁଟି, ପାରିବାରିକ କାର୍ଯ୍ୟକ୍ରମ ଏବଂ ପାର୍ଟିରେ ଏକାଠି ଦେଖାଯାଇଛନ୍ତି। ଏହି ଯୋଡ଼ି କ୍ରିତିଙ୍କ ଭଉଣୀ ନୂପୁର ସାନନ୍ ଏବଂ ଗାୟିକା ଷ୍ଟେବିନ୍ ବେନ୍ ସହିତ ଛୁଟି କାଟିବାର ନଜର ଆସିଥିଲେ। ନିକଟରେ ସେମାନଙ୍କ ମଧ୍ୟରେ ବ୍ରେକଅପ୍ ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା। ଅନ୍ୟ ଜଣେ ମହିଳାଙ୍କ ସହିତ କବୀର ବାହିଆଙ୍କ ଏକ ଫଟୋ ଭାଇରାଲ ହେବା ପରେ କଳ୍ପନାଜଳ୍ପନା ତୀବ୍ର ହୋଇଥିଲା।

# କାମ ନାହିଁ କିନ୍ତୁ ଆୟ କୋଟି କୋଟି



ରେଖା ବଲିଉଡର ସବୁଠାରୁ ସୁନ୍ଦର ଏବଂ ସଫଳ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ଗୋଟିଏ ସମୟ ଥିଲା ଯେତେବେଳେ ତାଙ୍କ ଫିଲ୍ମଗୁଡ଼ିକ ବକ୍ସ ଅଫିସ୍ ରେକର୍ଡ ଭାଙ୍ଗି ଦେଇଥିଲା। ହେଲେ ଏବେ ସେ ରୁପେଲି ପରଦାରୁ ଦୂରରେ ଅଛନ୍ତି। ତଥାପି ସେ ତାଙ୍କ ଲୁକ୍କୁ ନେଇ ସବୁବେଳେ ଲାଇମ ଲାଇଟ୍ ରେ ଥାଆନ୍ତି। ରେଖା ଜଣେ ଏଭରଗ୍ରୀନ ଅଭିନେତ୍ରୀ। ଯିଏ ସବୁବେଳେ ଯୁବା ଏବଂ ସୁନ୍ଦର ଦେଖାଯାଆନ୍ତି। ଚଳଚ୍ଚିତ୍ରରୁ ଦୂରରେ ରହିବା ସତ୍ତ୍ୱେ, ସେ ଏକ ଲଗଜରୀ ଲାଇଫଷ୍ଟାଇଲ ବଞ୍ଚନ୍ତି। ଲକ୍ଷ ଲକ୍ଷ ଲୋକ ରେଖାଙ୍କ ଆୟର ଉତ୍ସ ବିଷୟରେ ଭାବୁଛନ୍ତି, କାରଣ ସେ ଫିଲ୍ମ ନା ବିଜ୍ଞାପନ କିମ୍ବା ଟେଲିଭିଜନ ଶୋ'ରେ ବହୁତ କମ୍ ଦେଖାଯାଆନ୍ତି। ତେଣୁ, ତାଙ୍କର ଆୟର ପ୍ରକୃତ ଉତ୍ସ କ'ଣ? ରିପୋର୍ଟ ଅନୁସାରେ, ରେଖା ଏବଂ ତାଙ୍କ ପରିବାର ମୁମ୍ବାଇ ଏବଂ ଦକ୍ଷିଣ ଭାରତରେ ସମ୍ପତ୍ତିର ମାଲିକ। ସେ ଏହି ସମ୍ପତ୍ତିଗୁଡ଼ିକ ମଧ୍ୟରୁ କିଛି ଭଡା ନିଅନ୍ତି ଏବଂ ଭଡା ଆଦାୟ କରନ୍ତି। ଯାହା ରିଅଲ୍ ଇଷ୍ଟେଟ୍କୁ ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଯେତେବେଳେ ସେ ଏକ ଫିଲ୍ମ ସାଇନ୍ କରନ୍ତି, ଭଲ ଓ ମୋଟା ଅଙ୍କର ଫିସ୍ ଅର୍ଜନ କରନ୍ତି। ତାଙ୍କୁ ଶେଷ ଥର ପାଇଁ ୨୦୧୮ ଫିଲ୍ମ 'ୟମଲା ପାଗଲା ଦିୱାନାଃ ଫିର୍ ସେ' ରେ ଅତିଥି ଭୂମିକାରେ ଦେଖାଯାଇଥିଲେ। ଏହା ସହ ସେ ବ୍ରାଣ୍ଡ ବିଜ୍ଞାପନ ସୁଟିଂ କରନ୍ତି ନାହିଁ, ସେ ଏଣ୍ଡୋର୍ସମେଣ୍ଟ ପାଇଁ ଟଙ୍କା ନିଅନ୍ତି। ବିଲବୋର୍ଡରେ ତାଙ୍କର ଫଟୋଗ୍ରାଫ୍ ପ୍ରଦର୍ଶନ କରିବା କିମ୍ବା ଷ୍ଟିଲ୍ ସୁଟ କରନ୍ତି । ରେଖା କହିଛନ୍ତି ଯେ ସେ ଏପରି ଜଣେ ମଣିଷ, ଯିଏ ତାଙ୍କ ଆର୍ଥିକ ସ୍ଥିତି ଉପରେ କଡ଼ା ନଜର ରଖନ୍ତି। ସେ ତାଙ୍କ କ୍ୟାରିଅରର ପିକ୍ ଟାଇମିଂରେ ବ୍ୟାଙ୍କରେ ଟଙ୍କା ସଞ୍ଚୟ କରିବା ଆରମ୍ଭ କରିଥିଲେ। ସେ ପାରମ୍ପରିକ, ମଧ୍ୟବିତ୍ତ ମୂଲ୍ୟବୋଧରେ ବିଶ୍ୱାସ କରନ୍ତି ଏବଂ ଅଧିକ ଖର୍ଚ୍ଚ କରନ୍ତି ନାହିଁ; ଫଳସ୍ୱରୂପ, ଆପଣ ତାଙ୍କୁ ଡିଜାଇନର ପୋଷାକ ଦେଖାଇବା, ମହଙ୍ଗା କାରରେ ଯାତ୍ରା କରିବା କିମ୍ବା ଚମତ୍କାର ବିଦେଶ ଗସ୍ତ କରିବା ପ୍ରାୟତଃ ଦେଖିବେ ନାହିଁ। ଆୱାର୍ଡ ଶୋ ଭଳି କାର୍ଯ୍ୟକ୍ରମରେ ତାଙ୍କର ଉପସ୍ଥିତି ସାଧାରଣତଃ ଦରମାପ୍ରାପ୍ତ କାର୍ଯ୍ୟ। ରେଖାଙ୍କର ଜଣେ ବିଶ୍ୱସ୍ତ, ଦୀର୍ଘକାଳୀନ କର୍ମଚାରୀ ଅଛନ୍ତି। ତାଙ୍କ ଡ୍ରାଇଭର ଏବଂ ଚୌକିଦାର ତାଙ୍କ ସହିତ ଦଶନ୍ଧି ଧରି ଅଛନ୍ତି, ଏବଂ ତାଙ୍କ ସେକ୍ରେଟେରୀ ଫରଜାନା, ସବୁବେଳେ ତାଙ୍କ ପାଖରେ ରୁହନ୍ତି।

# 'ମାତୃଭୂମି'କୁ ମିଳିଲାନି ମଞ୍ଜୁରୀ



'ମାତୃଭୂମି'ର ମଞ୍ଜୁରି ପ୍ରମାଣପତ୍ର ଉପରେ ରୋକ୍। ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ (ସିବିଏଫ୍ସି) ଏହା ସ୍ପଷ୍ଟ କରିଛି । ସଲମାନ ଖାନ୍ଙ୍କ ଅଭିନୀତ ଏହି ଫିଲ୍ମ ୨୦୨୦ରେ ଭାରତ ଓ ଚୀନ୍ ସେନା ମଧ୍ୟରେ ଗଲୱାନ ଘାଟିରେ ହୋଇଥିବା ସାମରିକ ସଂଘର୍ଷ ଉପରେ ପର୍ଯ୍ୟବସିତ । ପୂର୍ବରୁ ଫିଲ୍ମର ଟାଇଟଲ ଥିଲା 'ବ୍ୟାଟଲ ଅଫ୍ ଗଲୱାନ'। ଗତ ଏପ୍ରିଲ ୧୭ରେ ଇଦ ଅବସରରେ ଫିଲ୍ମ ରିଲିଜ୍ ଲାଗି ଯୋଜନା ହୋଇଥିଲା । କିନ୍ତୁ ପରେ ତାରିଖ ଘୁଞ୍ଚାଇ ଅଗଷ୍ଟ କରାଗଲା । ଏବେ ସେନ୍ସର ବୋର୍ଡର ଏହି ନିଷ୍ପତ୍ତି ପରେ ଅଗଷ୍ଟରେ ଫିଲ୍ମ ରିଲିଜ୍କୁ ନେଇ ଆଶଙ୍କା ଦେଖାଦେଇଛି । ସ୍ୱାଧୀନତା ଦିବସ ଅବସରରେ ଫିଲ୍ମ ରିଲିଜ୍ କରିବାକୁ ନିର୍ମାତା ଆଶା ବାନ୍ଧିଥିଲେ । କିନ୍ତୁ ନୂଆ ମଞ୍ଜୁରି ପ୍ରମାଣପତ୍ର ନ ମିଳିବାରୁ ଏହା ସମ୍ଭବ ମନେହେଉନି ।ସଲମାନ ଖାନ୍ ଫିଲ୍ମସ ବ୍ୟାନର୍ ଅଧୀନରେ ନିର୍ମାଣ ହୋଇଛି 'ମାତୃଭୂମି'। ନିର୍ଦ୍ଦେଶନା ଦେଇଛନ୍ତି ଅପୂର୍ବ ଲଖିୟା । ମ୍ୟୁଜିକ୍ ଦେଇଛନ୍ତି ହିମେଶ ରେଶମିୟା । ସଲ୍ଲୁଙ୍କ ସହ ନାୟିକା ଭୂମିକାରେ ଅଛନ୍ତି ଚିତ୍ରାଙ୍ଗଦା ସିଂହ । ଗତ ବର୍ଷ ଡିସେମ୍ବର ୨୭ ସଲ୍ଲୁଙ୍କ ଜନ୍ମଦିନ ଅବସରରେ ଫିଲ୍ମର ଟିଜର୍ ଆସିଥିଲା । ଏହା ପରେ ଫିଲ୍ମର ଟାଇଟଲକୁ ନେଇ ଚୀନ୍ର ସୋସିଆଲ ମିଡିଆ ପ୍ଲାଟ୍ଫର୍ମ ୱିବୋରେ ଖୁବ୍ ବିରୋଧ କରାଯାଇଥିଲା। ଚୀନ୍ର ୟୁଜର ନିର୍ମାତାଙ୍କ ବିରୋଧରେ ଗଲୱାନ ଘାଟି ଘଟଣାକୁ ଭୁଲ ଢଙ୍ଗରେ ପ୍ରଦର୍ଶନ କରିଥିବା ଅଭିଯୋଗ କରିଥିଲେ । ବିବାଦ ପରେ ନିର୍ମାତା ଫିଲ୍ମର ନାଁ 'ବ୍ୟାଟଲ ଅଫ୍ ଗଲୱାନ'କୁ ବଦଳାଇ 'ମାତୃଭୂମି' କଲେ । ଏଥିସହ ଫିଲ୍ମର ପଟ୍ଟକଥା ଓ ଦୃଶ୍ୟରେ ମଧ୍ୟ କିଛି ପରିବର୍ତ୍ତନ କରାଗଲା । ଫିଲ୍ମରେ ସଲମାନ ୧୬ ବିହାର ରେଜିମେଣ୍ଟର କମାଣ୍ଡିଂ ଅଫିସର କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ଭୂମିକା ନିର୍ବାହ କରିଛନ୍ତି। କର୍ଣ୍ଣେଲ ସନ୍ତୋଷ ବାବୁ ଗଲୱାନ ଘାଟିରେ ଚୀନ୍ ସୈନ୍ୟଙ୍କ ସହ ସଂଘଟିତ ସଂଘର୍ଷ ସମୟରେ ଭାରତୀୟ ସୈନ୍ୟ ଗ୍ରୁପ୍ର ନେତୃତ୍ୱ ନେଇଥିଲେ । ଏଥିରେ ସେ ସହିଦ ହୋଇଥିଲେ ।

# ବିଜୁଳି ନାଁରେ ଇନ୍ଦ୍ରାବତୀରୁ ଶୋଷିନେଲେ ପାଣି

## ସଙ୍କଟରେ ଖରିଫ ଜଳସେଚନ





କଳାହାଣ୍ଡି,୪।୭(ସଂଚାର ବ୍ୟୁରୋ): ଜିଲ୍ଲାର ଚାଷୀଙ୍କ ଭାଗ୍ୟ ବିଧାତା କୁହାଯାଉଥିବା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ନେଇ ଏବେ ସାମ୍ନାକୁ ଆସିଛି ଏକ ସାଂଘାତିକ ସତ । ବିଜୁଳି ଉତ୍ପାଦନ ନାଁରେ ଇନ୍ଦ୍ରାବତୀରୁ ପାଣି ଶୋଷି ନିଆଯାଉଥିବା ଅଭିଯୋଗ ଆସିଛି । ଚାଷୀଙ୍କ ପାଇଁ ପାଣି ବନ୍ଦ ଥିବା ବେଳେ ଓଏଚ୍‌ପିସି କର୍ତ୍ତୃପକ୍ଷ କେଉଁ ସ୍ୱାର୍ଥରେ ଏଭଳି କାମ କଲେ, ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କଳାହାଣ୍ଡି ଜିଲ୍ଲାର ପ୍ରାୟ ୧.୨୩ ଲକ୍ଷ ହେକ୍ଟର ଜମିର ଚାଷୀଙ୍କ ଆଶା ଏବେ ଆଶଙ୍କାରେ । କାରଣ ଚଳିତ ବର୍ଷ ଏଲ୍‌ନିନୋ ପ୍ରଭାବରେ କମ୍ ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଏଭଳି ସ୍ଥିତିରେ କୃଷିକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ବିଦ୍ୟୁତ ଉତ୍ପାଦନ ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳରାଶିକୁ ଉଜାଡ଼ି ଦିଆଯାଉଥିବା ଅଭିଯୋଗ ହୋଇଛି । ରବି ଚାଷ ପାଇଁ ଜଳସେଚନ ବନ୍ଦ ହେବା ପରେ ଗତ ମେ' ୨୦ରେ ଇନ୍ଦ୍ରାବତୀର ଜଳସ୍ତର ୬୩୧.୨୫ ମିଟର ଥିଲା । ସେହି ଦିନଠାରୁ ଅଦ୍ୟାବଧି ଚାଷ ପାଇଁ ପାଣି ବନ୍ଦ ଅଛି। ହେଲେ ପ୍ରତିଦିନ ୨୪୦ ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ ଜାରି ରଖିଛି ଓଏଚ୍‌ପିସି । ଫଳରେ ମାତ୍ର କେଇଟା ଦିନ ଭିତରେ ଜଳସ୍ତର ପ୍ରାୟ ତିନି ମିଟର ତଳକୁ ଖସି ଆସି ୬୨୮.୫୭ ମିଟରରେ ପହଞ୍ଚିଛି । ଯାହା ମୋଟ୍ ଜଳଧାରଣ କ୍ଷମତାର ମାତ୍ର ୨୪.୩୯ ପ୍ରତିଶତ ! ବିଗତ ୪୦ ଦିନ ଧରି ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କେବଳ ବିଜୁଳି ଉତ୍ପାଦନ ନାଁରେ ପାଣି ନେବାକୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ବିରୋଧ କରାଯାଉଛି । ଏହା ଦ୍ୱାରା ହାତୀନଦୀରେ କୃତ୍ରିମ ବନ୍ୟା ସୃଷ୍ଟି ହେଲାଣି । କ୍ରମାଗତ ଭାବେ ଖବର ପ୍ରକାଶ ପାଇବା ପରେ ମଧ୍ୟ ଓଏଚ୍‌ପିସି କର୍ତ୍ତୃପକ୍ଷ କଳାହାଣ୍ଡି ଚାଷୀଙ୍କ ଭବିଷ୍ୟତକୁ ଗୌଣ ମନେ କରୁଥିବା ଅଭିଯୋଗ ହେଉଛି ।

# ବିପୁଳ ପରିମାଣର ସୁନା ଓ ରୁପା ଅଳଙ୍କାର ଜବତ, ୪ ଗିରଫ

ଭଞ୍ଜନଗର,୪।୭(ସଂଚାର ବ୍ୟୁରୋ): ଗଂଜାମ ଜିଲ୍ଲା ଭଞ୍ଜନଗର ଥାନା ପୋଲିସ । ସେମାନଙ୍କ ଠାରୁ ୬୬ ଗ୍ରାମ ଚୋରି ସୁନା ଅଳଙ୍କାର ସମେତ ଅଢ଼େଇ କିଲୋରୁ ଊର୍ଦ୍ଧ୍ୱ ରୂପା ଅଳଙ୍କାର ଜବତ କରାଯାଇଛି । ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଥାନା ଅଞ୍ଚଳରୁ ଘଟଣା ଘଟାଇବା ପରେ ପୋଲିସ ଆଖିରେ ଧୂଳିଦେଇ ଖସି ଯାଉଥିଲେ ଏହିଗ୍ୟାଙ୍ଗ । ଏମାନଙ୍କୁ ଧରିବା ପାଇଁ ଗଂଜାମ ଏସପିଙ୍କ ନିର୍ଦ୍ଦେଶ ପ୍ରକାରେ ଭଂଜନଗର ଥାନାଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଶେଷରେ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଥିଲା ପୋଲିସ । ଜବତହୋଇଥିବା ଚୋରି ସୁନା ଓ ରୂପା ଅଳଙ୍କାରର ମୂଲ୍ୟ ପ୍ରାୟ ୧୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି ।



# ବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମୀକ୍ଷା

କନ୍ଧମାଳ,୪।୭(ସଂଚାର ବ୍ୟୁରୋ): ପିଏମ ଶ୍ରୀ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଜେଶ କୁମାର ସ୍ୱାଇଁଙ୍କ



ଅଧ୍ୟକ୍ଷତାରେ ଜିଲ୍ଲାର ବିଦ୍ୟାଳୟ ମାନଙ୍କ ରେ ଗୁଣାତ୍ମକ ଶିକ୍ଷା ଦାନ କରି ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଗଢି ତୋଳିବାକୁ ଛଅଟି ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ରେ ଶୈକ୍ଷିକ ବାତାବରଣ ସୃଷ୍ଟି, ଛାତ୍ର ବୃତ୍ତି ଆବେଦନ, ଇକୋକ୍ଲବ୍, ଖାଦ୍ୟ, ପୋଷାକ, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା, ସମୟ ନିର୍ଘଣ୍ଟ, ବିଜ୍ଞାନ ଓ ପଞ୍ଚସଖା ଶିକ୍ଷା ସେତୁ ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ, ସମୟାନୁବର୍ତ୍ତିତା, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ପି ଏମ ଶ୍ରୀ କାର୍ଯ୍ୟକ୍ରମ, ଶିକ୍ଷକ ଉପସ୍ଥାନ, ଓଡ଼ିଆ ଭାଷାରେ ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ, ଗୁଣାତ୍ମକ ଶିକ୍ଷା, ନୈତିକ ଶିକ୍ଷା, ଖାନ ଏକାଡେମୀ ଓ ଅନ୍ୟାନ୍ୟ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟକୁ ଆସୁଥିବା ଅନୁଦାନ ସଠିକ ଭାବେ ସମୟ ମଧ୍ୟରେ ଖର୍ଚ୍ଚ କରି ବିନିଯୋଗ ପ୍ରମାଣପତ୍ର ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମାନସ ରଞ୍ଜନ ଦାସ, ବିଜ୍ଞାନ ନିରୀକ୍ଷକ ଶ୍ରୀ ସିମାଞ୍ଚଳ ସ୍ୱାଇଁ, ବିଜ୍ଞାନ ସଂଯୋଜକ ଶ୍ରୀ ରାଜ କୁମାର ସାହୁ ଓ ପି ଏସ ଏସ ସାଂଯୋଜକ ଶ୍ରୀ ରାଜେଶ ଦନ୍ତା ଉପସ୍ଥିତ ହେବା ସହ ସମସ୍ତ ବିଷୟ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷାରେ ଯୁକ୍ତ ଦୁଇ ବିଜ୍ଞାନ ପାଠ ସମ୍ପର୍କରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ଅଶୋକ ପରିଡା ଓଡ଼ିଆ ପୁସ୍ତକ ରାଜ୍ୟ ସରକାର ଙ୍କ ଦ୍ୱାରା ଅନୁମୋଦନ କରାଯାଇ ପ୍ରତି ଜିଲ୍ଲା କୁ ପଠାଯାଇଥିବା ସୂଚନା ଦେଇଥିଲେ।ଇଂରାଜୀ ଭାଷାକୁ ଭୟ କରି ବହୁତ ଛାତ୍ର ଛାତ୍ରୀ ଯୁକ୍ତ ଦୁଇ ବିଜ୍ଞାନ ପଢିବାରୁ ବଞ୍ଚିତ ହେଉଥିଲେ।

# ଛତୁ ଖାଇ ୫ ଅସୁସ୍ଥ, ମେଡିକାଲରେ ଭର୍ତ୍ତି



କଲ୍ୟାଣସିଂହପୁର,୪।୭(ସଂଚାର ବ୍ୟୁରୋ): କଲ୍ୟାଣସିଂହପୁର ବ୍ଲକ ସୀମାନ୍ତ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର ପଞ୍ଚାୟତ ଫୁକେର ଗାଁରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୫ଜଣ ଅସୁସ୍ଥ ହୋଇପଡ଼ିଥିବା ଘଟଣା ସାମ୍ନାକୁ ଆସିଛି। ସମସ୍ତଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଅସୁସ୍ଥମାନେ ହେଲେ ନୀଳ ମାଝୀ(୪୦) ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମାଝୀ(୩୫) ଏବଂ ସେମାନଙ୍କ ୩ ସନ୍ତାନ ହାୟସୀ ମାଝୀ(୧୦), ଶିବୁ ମାଝୀ(୮) ଓ ଶିବ ମାଝୀ(୬)। ମିଳିଥିବା ସୂଚନା ମୁତାବକ, ପରିବାର ସଦସ୍ୟମାନେ ପାଳ ଛତୁ ସଂଗ୍ରହ କରି ଘରେ ଆଣି ରୋଷେଇ କରି ସନ୍ଧ୍ୟାରେ ଖାଇଥିଲେ। ଛତୁ ଖାଇବାର କିଛି ସମୟ ପରେ ସମସ୍ତଙ୍କର ବାନ୍ତି ହେବା ସହ ପେଟ ବ୍ୟଥା ଓ ମୁଣ୍ଡ ବୁଲାଇଥିଲା। ପରିବାର ଲୋକ ଏକ ଅଟୋରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି।

# ହାଇସ୍କୁଲରେ ବନ ମହୋତ୍ସବ

ଝାରସୁଗୁଡା,୪।୭(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ପୌରପରିଷଦ ଅଧିନସ୍ଥ ସରକାରୀ ହାଇସ୍କୁଲ ପଞ୍ଚପଡ଼ାରେ ଶନିବାର ବନମହୋତ୍ସବ ଓ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ରାଲି ପରେ ପ୍ରଧାନଶିକ୍ଷୟତ୍ରୀ ପୂର୍ଣ୍ଣମିତା ନାଏକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ଗୀତା ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଆଶା କର୍ମୀ ମୀନା ପଟେଲ, ସ୍କୁଲ ଆଲୁମିନି ସଦସ୍ୟ, ଅଭିଭାବକ, ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅତିଥି, ସଦସ୍ୟ ସଦସ୍ୟା, ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ଆମ୍ବ, ପିଜୁଳି, ସଜନା, ଅଁଳା, ଅର୍ଜୁନ, ଓଉ, ଡାଳିମ୍ବ, ଆତ, ପଣସ, ଲେମ୍ବୁ ଇତ୍ୟାଦି ଗଛ ଲଗାଇଥିଲେ। ଏଥିରେ ପିଇଟି ପଙ୍କଜିନୀ ପଟେଲ, ପ୍ରମିତା ପଟେଲ, ଅପର୍ଣ୍ଣା ସେଟ୍ ପ୍ରମୁଖ ସହଯୋଗ କରିଥିଲେ।

### ଜୁଲାଇ ୨୫ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

# ଜିଲ୍ଲାସ୍ତରୀୟ ସାହିତ୍ୟଭିତ୍ତିକ ପ୍ରତିଯୋଗିତା



ବଲାଙ୍ଗୀର,୪।୭(ସଂଚାର ବ୍ୟୁରୋ): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଆସନ୍ତା ଜୁଲାଇ ୨୫ ତାରିଖରେ ପାଳନ ହେବାକୁ ଥିବାବେଳେ, ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଜିଲ୍ଲାରେ ସାହିତ୍ୟଭିତ୍ତିକ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି କ୍ରମରେ ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବକ୍ତୃତା, ପ୍ରବନ୍ଧ ଲେଖନ, ସାଧାରଣ ଜ୍ଞାନ, ଅନୁବାଦ ଓ କବିତା ଆବୃତ୍ତି ପ୍ରଭୃତି ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲାର ୧୪ଟି ବ୍ଲକରୁ ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଶିକ୍ଷାବିତ ସନାତନ ଠାକୁର, ରସରାଜ ଅଚ୍ୟୁତ ପୁରୋହିତ, କବି ବିଜୟ କୁମାର ତ୍ରିପାଠୀ, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, 'କୋଶଳ ପ୍ରବାହ'ର ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର, କବି ଭାଗିରଥି ମିଶ୍ର, ସାମ୍ବାଦିକ ଗୋପାଳ ପ୍ରଧାନ, ଶିକ୍ଷୟିତ୍ରୀ ସବିତା ମହରା, ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ, ଶିକ୍ଷକ ରଞ୍ଜିତ ମିଶ୍ର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ଦାୟିତ୍ୱ ତୁଲାଇଥିଲେ।

# ଦୁଇ ଦିନ ହେଲାଣି ଅନ୍ଧାରରେ ଗ୍ରାମବାସୀ

ଫିରିଙ୍ଗିଆ,୪।୭(ସଂଚାର ବ୍ୟୁରୋ): ଗତ ବୁଧବାର ଦିନ ଠାରୁ ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି। ଯାହା ଫଳରେ ଏହି ଅଞ୍ଚଳର ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମରେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏହି ଅଞ୍ଚଳରେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆ ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନାହାଁନ୍ତି।

# ବିଦ୍ୟାଳୟରେ ପ୍ରଥମ ଏମ୍‌ସିଏମ୍ ବୈଠକ

ସୁବର୍ଣ୍ଣପୁର,୪।୭(ସଂଚାର ବ୍ୟୁରୋ): ସୋନପୁର ବ୍ଲକ ମୟୂରଉଡାଣ ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରଥମ ଏମ୍ ସି ଏମ୍ ବୈଠକ ସଦର ସୋନପୁର ବ୍ଲକ ଅନ୍ତର୍ଗତ ରାଏପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉମାକାନ୍ତ ମିଶ୍ର ଉକ୍ତ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଦାଶ ବିଦ୍ୟାଳୟ ଶୈକ୍ଷିକ କ୍ୟାଲେଣ୍ଡର, ସମୟ ନିର୍ଘଣ୍ଟ, ବିଦ୍ୟାଳୟ ପରିଚାଳନା କମିଟି ଗଠନ ଓ ଶିକ୍ଷଣ ଫଳାଫଳ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୟୂରଉଡାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାମାଧବ ମହାନ୍ତି ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ଆକଳନ ଓ ଶିକ୍ଷଣ ସୋପାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶିକ୍ଷଣ ସୋପାନ ଉପରେ ରାଇପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦନ ବାରିକ ଆଲୋଚନା କରିଥିଲେ ପରିଶେଷରେ ଖଇରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଦିତ୍ୟ କିଶୋର ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ

ବଲାଙ୍ଗୀର,୪।୭(ସଂଚାର ବ୍ୟୁରୋ): ଚଳିତ ଶିକ୍ଷାବର୍ଷ-୨୦୨୬-୨୭ର ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ସରକାରୀ ପ୍ରାଥମିକ ବିଦ୍ୟାଳୟ, ନଅଗାଁ, କଲୋନିପଡ଼ା ଠାରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଧ୍ୱଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲଷ୍ଟରର ବରିଷ୍ଠ ଶିକ୍ଷକ ମନୋରଞ୍ଜନ ମାହାଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଓ ବୁରୋମାଲ ପ୍ରାଥମିକ ବିଦ୍ୟାଳୟର ନବାଗତ ଶିକ୍ଷକ ସୁଶୀଳ କୁମାର ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଡଭେଲା ବ୍ଲକ ଏବିଇଓ ବିପିନ ବାଗ ଯୋଗଦେଇ 'ଶିକ୍ଷକଙ୍କ ସ୍ପର୍ଶରେ ସ୍ୱପ୍ନ ପାଏ ସାର୍ଥକତା' ବୋଲି କହିଥିଲେ।

# କ୍ଷତିଗ୍ରସ୍ତ ପାଇପ୍‌ଲାଇନ ସ୍ଥିତି ପରଖିଲେ ଜିଲ୍ଲାପାଳ

ଝାରସୁଗୁଡା,୪।୭(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚତ୍ୱାଣ ଆଜି ଅପରାହ୍ନରେ ଏଚ୍. କଟାପାଲି ମେଗା ଉଠା ଜଳସେଚନ ପ୍ରକଳ୍ପର କ୍ଷତିଗ୍ରସ୍ତ ପାଇପ ଲାଇନ ସ୍ଥଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ପୂର୍ବରୁ ବିଭାଗୀୟ ଅଧିକାରୀ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ପରେ ସେ ସିଧାସଳଖ କାର୍ଯ୍ୟସ୍ଥଳରେ ପହଞ୍ଚି କ୍ଷତିର ପରିମାଣ, ମରାମତି କାର୍ଯ୍ୟର ଅଗ୍ରଗତି ଏବଂ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ଚତ୍ୱାଣ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ କ୍ଷତିଗ୍ରସ୍ତ ପାଇପ ଲାଇନ ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବା ସହ କାର୍ଯ୍ୟର ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡକୁ ସର୍ବାଧିକ ପ୍ରାଧାନ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନଙ୍କୁ ଯେପରି ସେଚନ ସେବାରେ କୌଣସି ଅସୁବିଧା ନହୁଏ ଏବଂ ସ୍ୱାଭାବିକ ଜଳଯୋଗାଣ ଯଥାଶୀଘ୍ର ପୁନଃସ୍ଥାପିତ ହୁଏ, ସେଥିପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

# ଭଣ୍ଡା ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବୀ

ଚମ୍ପୁଆ,୪।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ଭଣ୍ଡା ଗ୍ରାମପଞ୍ଚାୟତର ଭଣ୍ଡା ଗ୍ରାମର ମୁଖ୍ୟ ବଜାର ଛକପରି ଏକ ସମ୍ବେଦନଶୀଳ ସ୍ଥାନରେ ଚାଲିଥିବା ଏକ ବିଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ମଦ ଦୋକାନ ଯୋଗୁଁ ଅଞ୍ଚଳର ଶାନ୍ତି ଶୃଙ୍ଖଳା ବ୍ୟାହତ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଉକ୍ତ ମଦ ଦୋକାନର ଅତି ନିକଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନ ରହିଛି।

# ତାମିଲନାଡୁରୁ କେନ୍ଦୁଝର ଫେରିଲେ ୧୦ ଶ୍ରମିକ



କେନ୍ଦୁଝର,୪।୭(ସଂଚାର ବ୍ୟୁରୋ): ତାମିଲନାଡୁ ରାଜ୍ୟ ତିରୁଭାଲ୍ଲୁର ଜିଲା ଅନ୍ତର୍ଗତ ପେରୀୟାପାଲ୍ୟମ ଅଞ୍ଚଳରେ ଥିବା ସାମୁଦ୍ରିକ ଖାଦ୍ୟ (ଚିଙ୍ଗୁଡି) ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇ କେନ୍ଦୁଝରର ୧୩ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣା ପରେ ଶନିବାର ୧୦ଜଣ ଶ୍ରମିକ ଘରକୁ ଫେରିଛନ୍ତି। ଭୁବନେଶ୍ୱରରୁ ସ୍ୱତନ୍ତ୍ର ଗାଡିରେ କେନ୍ଦୁଝର ଫେରିଛନ୍ତି । ପୂର୍ବରୁ ଜୁନ ମାସ ୨୭ ତାରିଖରେ ୫୮ଜଣ ଶ୍ରମିକ କେନ୍ଦୁଝର ଫେରିଥିଲେ। ଆଜି ଫେରିଥିବା ଶ୍ରମିକ ମଧ୍ୟରୁ ବାଂଶପାଳ ବ୍ଲକର ୭ଜଣ, ତେଲକୋଇ ବ୍ଲକର ଜଣେ ଏବଂ ହରିଚନ୍ଦନପୁର ବ୍ଲକର ୨ଜଣ ଶ୍ରମିକ ଫେରିଛନ୍ତି । ବାଂଶପାଳ ବ୍ଲକ କୋଡିପଶା ଗ୍ରାମର ଗୁରୁବାରୀ ଜୁଆଙ୍ଗ, ଅଞ୍ଜଳୀ ଜୁଆଙ୍ଗ, ସ୍ୱରସ୍ୱତୀ ଜୁଆଙ୍ଗ, ରିଙ୍କି ଜୁଆଙ୍ଗ, ପଦ୍ମିନୀ ଜୁଆଙ୍ଗ, ଅଞ୍ଜଳୀ ଅଧିକାରୀ, ବାଂଶପାଳ ବ୍ଲକ କାଞ୍ଜିପାଣି ଥାନା ବୁଢ଼ିଘର ଗ୍ରାମର ରଞ୍ଜିତା ଜୁଆଙ୍ଗ, ତେଲକୋଇ ବ୍ଲକ ରଙ୍ଗମାଟିଆ ଗ୍ରାମର ରବି ଜୁଆଙ୍ଗ, ହରିଚନ୍ଦନପୁର ବ୍ଲକ କନ୍ହେଇଗୋଳା ଗ୍ରାମର ଯମୁନା ଜୁଆଙ୍ଗ, ଖଜୁରୀବାଣୀ ଗ୍ରାମର ଗୁଲି ଜୁଆଙ୍ଗ ।

# ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର୍‌ସ୍ତରୀୟ ବୈଠକ



ସୁବର୍ଣ୍ଣପୁର,୪।୭(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ସଦର ବ୍ଲକ ହରଡଖୋଲ କ୍ଲଷ୍ଟର୍ ଅନ୍ତର୍ଗତ କୁଲିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ୨୦୨୬-୨୭ଶିକ୍ଷା ବର୍ଷର ପ୍ରଥମ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ସି. ଆର୍.ସି.ସି. ରଶ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୁଲିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟଶିନୀ ମିଶ୍ର ସର୍ବପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସି.ଆର୍.ସି.ସି. ରଶ୍ମିତା ସାହୁ ଶିକ୍ଷାବର୍ଷର ପ୍ରଥମ କ୍ଲଷ୍ଟର୍ ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇବା ସହ ବାର୍ଷିକ ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷଣ ଫଳାଫଳ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସୋନପୁରର ଅଧ୍ୟକ୍ଷ ଶ୍ରୀଯୁକ୍ତ ରାମଚନ୍ଦ୍ର ବାଗ ଓ ସୋନପୁର ଡି.ପି.ସି. ପେଡାଗୋଜି ଅଧିକାରୀ ଅକ୍ଷୟ କୁମାର ସାହୁ ଉପସ୍ଥିତ ରହି ମାସିକ କ୍ଲଷ୍ଟର୍ ବୈଠକର ଗୁରୁତ୍ୱ ଏବଂ ଶୈକ୍ଷିକ କାର୍ଯ୍ୟପନ୍ଥା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଲକର୍ମା ବିଦ୍ୟାଳୟର ଶିକ୍ଷକ ବିକ୍ରମ କୁମାର ନନ୍ଦଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବୈଦ୍ୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଘନଶ୍ୟାମ ମିଶ୍ର ଉଦାହରଣ ମାଧ୍ୟମରେ ଯୋଡ଼ି କାର୍ଯ୍ୟ ଏବଂ ଜାଦୁ ପେଡ଼ିର ସାମଗ୍ରୀର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ। ହରଡ଼ଖୋଳ କ୍ଲଷ୍ଟର୍‌ର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏଫ୍.ଏଲ୍.ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ବୈଠକକୁ ସଫଳ କରାଇଥିଲେ।

# 'ଉଦ୍ୟମୀ ଓଡ଼ିଶା ଏମଏସଏମଇ' କାର୍ଯ୍ୟକ୍ରମ ଉଦ୍‌ଯାପିତ



ସୁବର୍ଣ୍ଣପୁର,୪।୭(ସଂଚାର ବ୍ୟୁରୋ): ଜିଲ୍ଲା ଶିଳ୍ପ କେନ୍ଦ୍ର (ଡି.ଆଇ.ସି), ସୁବର୍ଣ୍ଣପୁର ଦ୍ୱାରା ଆୟୋଜିତ ପାଞ୍ଚଦିନିଆ "ଉଦ୍ୟମୀ ଓଡ଼ିଶା ଏମ.ଏସ.ଏମ.ଇ କାର୍ଯ୍ୟକ୍ରମ- ୨୦୨୬ ବୁଧବାର ତା.୦୧.୦୭.୨୦୨୬ରିଖ ଦିନ ସଫଳତାର ସହ ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟମୀ ହେବାକୁ ଇଚ୍ଛୁକ ଯୁବକ-ଯୁବତୀ, ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ଆର୍ଥିକ ଅନୁଷ୍ଠାନ ଏବଂ ଶିଳ୍ପ ପ୍ରତିନିଧିମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଉଦ୍ୟୋଗିକତାର ପ୍ରସାର, ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଯୁବପିଢ଼ୀଙ୍କୁ ସ୍ୱରୋଜଗାର ଓ ଉଦ୍ୟୋଗ ସ୍ଥାପନ ଦିଗରେ ପ୍ରେରିତ କରିବା। ଗତ ଜୁନ୍ ୨୭ ତାରିଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଏକ ଭବ୍ୟ ଉଦଘାଟନୀ ସମାରୋହ ମାଧ୍ୟମରେ ହୋଇଥିଲା। ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ତଥା ବୀରମହାରାଜପୁରର ମାନ୍ୟବର ବିଧାୟକ ଇଂ .ରଘୁନାଥ ଜଗଦଲା ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ. ଏଚ.ଜି) ଓ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ) ମାନଙ୍କ ଉତ୍ପାଦ ପ୍ରଦର୍ଶନୀର ମଧ୍ୟ ଉଦଘାଟନ କରାଯାଇଥିଲା। ବକ୍ତାମାନେ ଉଦ୍ୟୋଗୀ ସଚେତନତା ଓ ଋଣ ସହାୟତାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନରେ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ସୁବର୍ଣ୍ଣପୁର ଶ୍ରୀମତୀ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍ୟୋଗୀ ଦକ୍ଷତା ବିକାଶ ଓ ସ୍ୱୟଂ ସହାୟକ ଗୋଷ୍ଠିଙ୍କ ପାଇଁ ସହାୟତା ସମ୍ବନ୍ଧରେ ଅଧିବେଶନ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ସକ୍ରିୟ ଭାବରେ ଆଲୋଚନାରେ ଭାଗ ନେଇ ନିଜର ସନ୍ଦେହ ଦୂର କରିଥିଲେ। ତୃତୀୟ ଦିନରେ ମୁଖ୍ୟ ଉନ୍ନୟନ ଅଧିକାରୀ - ତଥା -ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମାର୍କେଟିଂ, ନବସୃଜନ, ଷ୍ଟାର୍ଟଅପ୍ ସୁଯୋଗ, ବ୍ରାଣ୍ଡିଂ, ବଜାର ସଂଯୋଗ ଏବଂ ପ୍ରଭାବଶାଳୀ ଉଦ୍ୟୋଗ ପରିଚାଳନା ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

# ଚତୁର୍ଥ ଦିନରେ ଡାକ୍ତରଙ୍କ ଆନ୍ଦୋଳନ, ଯନ୍ତ୍ରଣା ଭୋଗୁଛନ୍ତି ରୋଗୀ



ମାଲକାନଗିରି,୪।୭(ସଂଚାର ବ୍ୟୁରୋ): ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ(ଓମ୍ସା)ର ଆହ୍ୱାନ କ୍ରମେ ବିଭିନ୍ନ ଦାବି ନେଇ ଡାକ୍ତରମାନଙ୍କ ଆନ୍ଦୋଳନ ଆଜି ଚାରି ଦିନରେ ପହଞ୍ଚିଛି। ଡାକ୍ତର ନିଜ ଜିଦରେ ଅଟଳ ଥିବାବେଳେ ରୋଗୀ ଛଟପଟ ହେଉଛନ୍ତି। ଠପ୍ ହୋଇଯାଇଛି ସ୍ୱାସ୍ଥ୍ୟସେବା। ଏଭଳି ପରିସ୍ଥିତିରେ ଜନ ଅସନ୍ତୋଷ ବଢ଼ିଚାଲିଛି। ଏହାର ପ୍ରଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାହ୍ୟ ରୋଗୀ ବିଭାଗ (ଓପିଡି) ସମେତ ଜରୁରୀ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଫଳରେ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ସହ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୁରୁତର ରୋଗୀ ଓ ଦୁର୍ଘଟଣାଜନିତ ଆହତ ବ୍ୟକ୍ତିଙ୍କୁ ମାଲକାନଗିରି ମେଡିକାଲକୁ ରେଫର କରାଚାଲିଛି। ଫଳରେ ରୋଗୀମାନେ ଖର୍ଚ୍ଚାନ୍ତ ହେବା ସହ ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେହିପରି ପ୍ରସୂତି ଜନିତ ମହିଳା, ଶିଶୁ ଓ ଅସ୍ତ୍ରୋପଚାର ଆବଶ୍ୟକ ପଡୁଥିବା ରୋଗୀମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ତେବେ ଓପିଡି, ନିର୍ଦ୍ଧାରିତ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ନିୟମିତ ସେବା ବନ୍ଦ ରହିଥିବାରୁ ସାଧାରଣ ରୋଗୀମାନେ ଅଧିକ ହଇରାଣର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟବ୍ୟାପୀ ଓମ୍ସା ଆହ୍ୱାନରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ, ସରକାର ଶୀଘ୍ର ସମସ୍ୟାର ସମାଧାନ କରି ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଡାକ୍ତରଙ୍କ ଆନ୍ଦୋଳନ ପାଇଁ ମୃତଦେହ ବ୍ୟବଚ୍ଛେଦ ସ୍ୱାଭାବିକ ଭାବେ ହୋଇପାରୁନଥିବା ବେଳେ ଠିକା ଡାକ୍ତରମାନେ ଏହା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓ.ଟି.(ଅପରେସନ ଥିଏଟର) ଓ ମାଇନର ଓ.ଟି. ବନ୍ଦ ଥିବାରୁ ଗୁରୁତର ରୋଗୀଙ୍କ କୌଣସି ଅପରେସନ କରାଯାଇ ପାରୁନି। ସେହିଭଳି ସବୁବିଶେଷଜ୍ଞ(ସ୍ପେଶାଲିଷ୍ଟ) ଡାକ୍ତରମାନେ ଆନ୍ଦୋଳନରେ ସାମିଲ ଥିବାରୁ ରୋଗୀମାନେ ବାରଓଳି ଶୁଣ୍ଢିପିଣ୍ଡା ହେଉଛନ୍ତି। ଅନ୍ୟପକ୍ଷରେ ଶିଶୁରୋଗୀ ଓ ମେଡିସିନ୍ ବିଭାଗର ଗୁରୁତର ରୋଗୀମାନେ ଅଧିକ ଯନ୍ତ୍ରଣା ଭୋଗୁଛନ୍ତି।